

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୪ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 JANUARY 2022
Vol.No. 33 ■ No. 14 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଓଲଟି ପଡ଼ିଲା ବିକାନେର ଏକ୍ସପ୍ରେସ, ୫ ମୃତ



କୋଲକାତା, ୧୩/୦୧ (ନି.ପ୍ର): ପଶ୍ଚିମବଙ୍ଗର ଦୋମୋହାଣି ଠାରେ ବଡ଼ ଅଘଟଣ ଘଟିଛି। ଏଠାରେ ଗୌହାଟୀ-ବିକାନେର ଏକ୍ସପ୍ରେଟ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣା ଯୋଗୁ ୪ରୁ ୫ଟି ବଗି ଓଲଟି ପଡିଥିବା ବେଳେ ୧୦ରୁ ଅଧିକ ବଗି ଲାଇନଚ୍ୟୁତ ହୋଇଯାଇଥିବା ପ୍ରାଥମିକ ଭାବେ ଖବର ଆସିଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏବେ ବି ଅନେକ ଲୋକ ଓଲଟି ପଡ଼ିଥିବା ବଗି ମଧ୍ୟରେ ରହିଛନ୍ତି। ଟ୍ରେନରେ ମୋଟ ୧୨ଶହ ଯାତ୍ରୀ ଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବେ ଘଟଣାର ମନିଟିଂ କରୁଛନ୍ତି। ଆସନ୍ତାକାଲି ସେ ଦୁର୍ଘଟଣାସ୍ଥଳକୁ ଯିବେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ସେ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ମୋଦି ଖବର ପାଇବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି। ଖବର ପାଇ ଉଦ୍ଧାରକାରୀ ଦଳ ସହ ଅଗ୍ନିଶମ ଓ ରେଳ ବିଭାଗର କର୍ମଚାରୀମାନେ ପହଞ୍ଚିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକ ଓ ପୁଲିସ୍ ମଧ ସାମିଲ ହୋଇଛନ୍ତି। ଏହି ଟ୍ରେନଟି ବିକାନେରରୁ ଗୌହାଟୀ ଯାଉଥିଲା। ସାମ୍ନାକୁ ଆସିଥିବା ଦୃଶ୍ୟରେ ୪ଟି ଯାକ ବଗି ରେଳ ଧାରଣା ବାହାରେ ଓଲଟି ପଡ଼ିଛି। ସେହିପରି ଅନ୍ୟଯାତ୍ରୀମାନେ ଭୟରେ ରେଳ ଧାରଣ ନିକଟରେ ଛିଡ଼ା ହୋଇଛନ୍ତି। ସୂଚନା ଅନୁଯାୟୀ, ସନ୍ଧ୍ୟା ୫ଟାରେ ଏହି ଘଟଣା ଘଟିଛି। ଏକ୍ସପ୍ରେସ ଟ୍ରେନ ୧୫୬୩୩ ବିକାନେରରୁ ଗୌହାଟୀ ଯାଉଥିଲା। ପ୍ରଥମେ ବଡ଼ ଧରଣର ଝଟକା ଲାଗିଥିଲା। ଏହାପରେ ଇଞ୍ଜିନପାଖରୁ ୪ରୁ ୫ ବଗି ଓଲଟି ପଡ଼ିଥିଲା। ଏଥିରେ ଅନେକ ଲୋକ ଆହତ ହୋଇଥିବା ଉକ୍ତ ଟ୍ରେନରେ ଥିବା ଜଣେ ଯାତ୍ରୀ କହିଛନ୍ତି।

## ନିର୍ବାଚନ ତାରିଖ ଘୋଷଣା ପରେ ମନ୍ତ୍ରୀ ସମେତ ବିଧାୟକଙ୍କ ଇସ୍ତଫାର ସୁଅ



ନୂଆଦିଲ୍ଲୀ,୧୩/୦୧: ନିର୍ବାଚନ ତାରିଖ ଘୋଷଣା ପରେ ପରେ ଏବେ ଘାଟାରେ ବିଜେପି । ମଙ୍ଗଳବାରରୁ ଗୁରୁବାର ଅପରାହ୍ନ ସୁଦ୍ଧା ୭୨ ଘଂଟାରେ ତିନି ମନ୍ତ୍ରୀ ସମେତ ୧୨ ବିଧାୟକ ଇସ୍ତଫା ଦେଇଛନ୍ତି । ଏଥିମଧ୍ୟରୁ ଗୁରୁବାର କେବଳ ୬ ଜଣ ବିଧାୟକ ଇସ୍ତଫା ଦେଇଛନ୍ତି । ଆଗକୁ ଏହି ସଂଖ୍ୟା ବଢ଼ିପାରେ । ପ୍ରଥମେ ମନ୍ତ୍ରୀ ଓ ଦଳରୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଇସ୍ତଫା ଦେବା ପରେ ଏବେ ତାଙ୍କୁ ଅନୁସରଣ କରି ଏବେ ଅନେକ ନେତା ଇସ୍ତଫା ଦେବା ଆରମ୍ଭ କରିଛନ୍ତି । ଦଳ ଛାଡିବେ କି ବୋଲି ପ୍ରଶ୍ନରେ ନା ନା କହୁଥିବା ବିଧାୟକ ଧର୍ମେ ସିଂ ମଧ ଗୁରୁବାର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ଯାହାକି ବିଜେପିର ଟେନସନ ବଢାଇଛି । ଯଦିଓ ରାଜ୍ୟରେ ବଡ ପାର୍ଟି ତେଣୁ ଦଳରେ ଅସନ୍ତୋଷ ରହିବା ସ୍ୱାଭାବିକ । କିନ୍ତୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଭଳି ପଛୁଆ ବର୍ଗର ନେତା ୧୪ ତାରିଖ ଅର୍ଥାତ୍ ଶୁକ୍ରବାରକୁ ଅପେକ୍ଷା କରିବାକୁ କହିଛନ୍ତି । ତେଣୁ ଆହୁରି କିଛି ଅସନ୍ତୁଷ୍ଟ ନେତା ମନୋନୟନ ପତ୍ର ଦାଖଲ ହେବା ପୂର୍ବରୁ ଛାଡିପାରନ୍ତି । ଅନ୍ୟପଟେ ବିଜେପି ୫୦ରୁ ଅଧିକ ବିଧାୟକଙ୍କ ଟିକେଟ କାଟିବା ବୋଲି ଜଣାପଡିଛି । ଦଳୀୟ ବିଧାୟକ ଇସ୍ତଫା ଦେଉଥିବା ବେଳେ ଏବେ ବିଜେପି ସହିତ ମେଂଟରେ ସାମିଲ ଥିବା ଅପନା ଦଳ ମଧ ମେଂଟରୁ ଓହରିବ ବୋଲି ଚର୍ଚ୍ଚା ହେଉଛି । କିନ୍ତୁ ଡ୍ୟାମେଜ କଂଟ୍ରୋଲ ପାଇଁ ନିଜେ ଏବେ ମୈଦାନକୁ ଓହ୍ଲାଇଛନ୍ତି ବିଜେପିର ▶▶ପୃଷ୍ଠା ୭

## ଓଏଏସ୍ ମେନ୍ ପରୀକ୍ଷା ଘୁଂଚାଇବାକୁ ଦାବି

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ପିକରେ ଥିବାରୁ ଓଏଏସ୍ ମେନ୍ ପରୀକ୍ଷା ଘୁଂଚାଇବାକୁ ପରୀକ୍ଷାର୍ଥୀ ଦାବି କରିଛନ୍ତି। ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପରୀକ୍ଷା ବାତିଲ କରିବାକୁ ଦାବି କରାଯାଇଛି । ଏନେଇ ସଏଏସ୍ ଆଶାୟୀମାନେ ମୁଖ୍ୟମନ୍ତ୍ରୀ ଓ ଓପିଏସସି ଚେୟାରମ୍ୟାନଙ୍କୁ ଦାବି ଜଣାଇଛନ୍ତି। ରାଜ୍ୟରେ ପ୍ରାୟ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ଏବେ ସୁଦ୍ଧା ଶତାଧିକ ପରୀକ୍ଷାର୍ଥୀ ଆକ୍ରାନ୍ତ ହୋଇ ସାରିଲେଣି। ତେଣୁ ୟୁପିଏସସି ଭଳି ଓପିଏସସି ଏହି ପରୀକ୍ଷା ବାତିଲ କରିବାକୁ ଦାବି ହେଉଛି। ଏ ନେଇ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ଚଳିତ ମାସ ୨୦ରୁ ଫେବୃଆରୀ ୮ ତାରିଖ ଯାଏ ଓଏଏସ୍ ମେନ୍ ପରୀକ୍ଷା ହେବ। ପାଖାପାଖି ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଯେହେତୁ ପରୀକ୍ଷା ଦେବା ପାଇଁ ଓଡ଼ିଶା ବାହାରୁ ବହୁ ବିଦ୍ୟାର୍ଥୀ ଆସିବେ। ତେଣୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ତା'ଛଡ଼ା ଅଧିକାଂଶ ସେଂଟର ଭୁବନେଶ୍ୱରରେ ରହିଛି। ଆଉ ଭୁବନେଶ୍ୱର କୋଭିଡର ହଟସ୍ପଟ। ତା'ଛଡ଼ା ଆମର ଯେଉଁ ସମୟରେ ପରୀକ୍ଷା ହେବ, ସେତେବେଳେ କରୋନାର ତୃତୀୟ ଲହର୍ ପିକ୍ ରେ ଥିବ। ଆଉ ଏହି ସମୟରେ ପରୀକ୍ଷା କରାଗଲେ, ଜୀବନ ପ୍ରତି ବିପଦ ରହିଛି।

## ପ୍ରଧାନମନ୍ତ୍ରୀଙ୍କ କରୋନା ସ୍ଥିତି ସମୀକ୍ଷା




ନୂଆଦିଲ୍ଲୀ,୧୩/୦୧: ଦେଶରେ ମହାମାରୀ କରୋନାର ତୃତୀୟ ଲହର ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଦୈନିକ ସଂକ୍ରମଣ ଅଢ଼େଇ ଲକ୍ଷ ମୁହାଁ ହେଉଥିବା ବେଳେ ଆଜି ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ବୈଠକରେ ମୋଦି ପ୍ରଥମେ ରାଜ୍ୟଗୁଡ଼ିକର କରୋନା ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ସଂକ୍ରମଣକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଦ୍ରୁତ ଟିକାକରଣ ଓ ସ୍ଥାନୀୟ କଣ୍ଟେନମେଣ୍ଟ ଉପରେ ରାଜ୍ୟଗୁଡ଼ିକ ଫୋକସ କରିବା ଉଚିତ ବୋଲି ମୋଦି କହିଛନ୍ତି। ସେ କହିଛନ୍ତି, ଟିକା ହେଉଛି କରୋନ ଭାଇରସ ବିରୋଧରେ ଲଢ଼େଇ କରିବାର ସବୁଠାରୁ ବଡ଼ ଅସ୍ତ୍ର। ଓମିକ୍ରନ ବିଶ୍ୱର ବିଭିନ୍ନ ପ୍ରାନ୍ତ ସହ ଭାରତରେ ମଧ ବ୍ୟାପୁଛି। ଆମେ ଏହି ଭାରିଏଣ୍ଟ ସହ ଲଢ଼େଇ କରିବା ବେଳେ ଭବିଷ୍ୟତରେ ଆସିବାକୁ ଥିବା ଷ୍ଟ୍ରେନ ପ୍ରତି ମଧ ସତର୍କ ରହିବା ଉଚିତ। ଟିକାକରଣ କାର୍ଯ୍ୟକ୍ରମକୁ ଯଥାଶୀଘ୍ର ଶେଷ କରିବାକୁ ହେବ। ଟିକା ହିଁ ଭାଇରସ ବିରୋଧରେ ବଡ଼ ଅସ୍ତ୍ର। ଦେଶର ୯୨% ପ୍ରାପ୍ତ ବୟସ୍କଙ୍କୁ ଟିକାର ପ୍ରଥମ ଡୋଜ ଦିଆଯାଇଛି। ୭୦% ପ୍ରାପ୍ତ ବୟସ୍କ ଦ୍ୱିତୀୟ ଡୋଜ୍ ନେଇ ସାରିଲେଣି। ଟିକାକୁ ନେଇ ଚାଲିଥିବା ଅପପ୍ରଚାର ଉପରେ ▶▶ପୃଷ୍ଠା ୭

## ସୁରେଖାଙ୍କ ମୃତ୍ୟୁର ସତ ସାମ୍ନାକୁ ଆଣିଲା ପୋଲିସ



ଭୁବନେଶ୍ୱର,୧୩/୦୧(ନି.ପ୍ର): ଭୁବନେଶ୍ୱର ଭରତପୁର ବସ୍ତିର ଯୁବତୀ ସୁରେଖା ପଲେଇଙ୍କ ମୃତ୍ୟୁ ପଛର ରହସ୍ୟ ଏବେ ପଦାକୁ ଆସିଛି । ହ୍ୱାଟ୍ସଆପ୍ ଚାଟରୁ ମିଳିଛି ମୃତ୍ୟୁ ପୂର୍ବରୁ ସେ ତାଙ୍କ ପୁରୁଷ ବନ୍ଧୁଙ୍କୁ କଣ ମେସେଜ୍ ଦେଇଥିଲେ । ଏଥିସହ ଅଭିଯୁକ୍ତମାନଙ୍କୁ ନୟାଗଡରୁ ଧରିବା ସହ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରିଛି ପୋଲିସ । ହତ୍ୟା ନୁହେଁ ଆତ୍ମହତ୍ୟା । ଅଭିଯୁକ୍ତ କହିଲେ ଶେଷ ରାତିର ସତ । ଏକତରଫା ପ୍ରେମ ନେଲା ଯୁବତୀଙ୍କ ଜୀବନ । ଅଘଟଣ ଘଟିବା ପରେ କ୍ରାଇମ ସିନରୁ କେମିତି ପ୍ରମାଣ ନଷ୍ଟ କରି ରାତାରାତି ଭୁବନେଶ୍ୱରରୁ ନୟାଗଡ଼କୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ, ଆଉ ସୁରେଖାଙ୍କ ମୃତ୍ୟୁ କେମିତି ହେଲା, ତାର ହୋଇଛି ଖୁଲାସା । କ୍ରାଇମ ସ୍ପଟକୁ ଯାଇ ସିନ ରିକ୍ରିଏସନ ବେଳେ ଗୋଟି ଗୋଟି କରି ପୋଲିସ୍ ଆଗରେ ସତ ଉଗାଳିଛନ୍ତି ଅଭିଯୁକ୍ତ । କେମିତି ହେଲା ସୁରେଖାଙ୍କ ମୃତ୍ୟୁ ? ମୃତ୍ୟୁ ପରେ ଶବକୁ ସ୍ଥାନାନ୍ତର ▶▶ପୃଷ୍ଠା ୭

## ୧୫ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ଆସନ୍ତା ୧୫ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ବିଜୁଳି ଓ କୁଆପଥର ସହ ପ୍ରଭବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ,ବୌଦ୍ଧ, ଗଞ୍ଜାମ, ଗଜପତି, ନୟାଗଡ଼ ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ, କୁଆପଥର ସହ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ସମ୍ବଲପୁର, ଢ଼େଙ୍କାନାଳ, ଖୋର୍ଦ୍ଧା, ପୁରୀ, କଟକ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲା ଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜାନୁଆରୀ ୧୪ରୁ ୧୫ ତାରିଖ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର ,କେନ୍ଦ୍ରାପଡା, ଜଗତସିଂହପୁର, କଟକ, ନୟାଗଡ, ଖୋର୍ଦ୍ଧା , ପୁରୀ, ଗଂଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ , ଢେଙ୍କାନାଳ ଓ ମାଲକାନଗିରି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି।

## ଓମିକ୍ରନ ଡେଲ୍ଟା ଠାରୁ ୫ ଗୁଣା ବିପଦଜନକ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ଓଡ଼ିଶାରେ ୨ ସପ୍ତାହ ମଧ୍ୟରେ ପରିସ୍ଥିତି ଚିନ୍ତାଜନକ ହେବ । ଜାନୁଆରୀ ଶେଷ ସୁଦ୍ଧା ପ୍ରତ୍ୟେକ ଦିନ ରାଜ୍ୟରେ ପାଖାପାଖି ୩୦ହଜାର ପଜିଟିଭ କେସ୍ ଆସିବ। ଓମିକ୍ରନ ଡେଲ୍ଟା ଭାରିଆଂଟଠାରୁ ୫ ଗୁଣା ବିପଦଜନକ। ପ୍ରତ୍ୟେକ ଶହେ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ହୋଇପାରେ ।କରୋନା ସଂକ୍ରମଣର ପିକ୍ ସମୟରେ ଦୈନିକ ୩୦ରୁ ୪୦ ଜଣଙ୍କ ମୃତ୍ୟୁ ହେବା ନେଇ ଆଶଙ୍କା କରାଯାଉଛି ବୋଲି ସୂଚନା ଦେଇଛନ୍ତି ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର। ସେ କହିଛନ୍ତି ସଭିଏଁ ବୁଷ୍ଟର ଡୋଜ ନେବା ଆବଶ୍ୟକ।

## ନିୟମ ମାନିଲେନି ନେତା : ଥଣ୍ଡା, ଜ୍ୱର ସତ୍ତ୍ୱେ ବିଧାୟକ କଲେ ବୈଠକ

ନୂଆଦିଲ୍ଲୀ,୧୩/୦୧: ନିୟମ ମାନିଲେନି ନେତା । ଥଣ୍ଡା, ଜ୍ୱର ସତ୍ତ୍ୱେ ବିଧାୟକ କଲେ ବୈଠକ । ପୋଲସରା ଚିରିକିପଡା ଶାସନ ଛକରେ ବୁଧବାର ଆୟୋଜିତ ହୋଇଥିଲା ଏହି ବୈଠକ । ବୈଠକରେ ସାମିଲ ହୋଇଥିବା ବିଧାୟକ ଓ କର୍ମୀ ସରକାରଙ୍କ ଗାଇଡଲାଇନକୁ ଖୋଲାଖୋଲି ଉଲଂଘନ କରିଛନ୍ତି । ସବୁଠାରୁ ବଡ କଥା ହେଉଛି, ବିଧାୟକ ନିଜେ କହୁଛନ୍ତି, ତାଙ୍କୁ ଦୁଇ ଦିନ ହେଲା ଜ୍ୱର ହେଉଛି । ଥଣ୍ଡା ଧରିଛି, କାଶ ହେଉଛି । ବୈଠକରେ ଶହ ଶହ ଲୋକଙ୍କ ପାଖକୁ ଯାଉଥିବାରୁ କୋଭିଡ୍ ଟେଷ୍ଟ ମଧ କରିଛନ୍ତି । ହେଲେ କୋଭିଡ ରିପୋର୍ଟ ଆସିନାହିଁ । କୁଜଙ୍ଗରେ ଆୟୋଜିତ ହୋଇଥିବା ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡି ବୈଠକରେ ବି ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ବୈଠକରେ ସ୍ଥାନୀୟ ବିଧାୟକ, ସାଂସଦ ଓ ମନ୍ତ୍ରୀ ସାମିଲ ହୋଇଛନ୍ତି । ଗୋଟିଏ ମଣ୍ଡପରେ ଏକାଠି ହୋଇଛନ୍ତି ଶହ ଶହ ସଂଖ୍ୟାରେ ଲୋକ । ହେଲେ କେହି ବି କଟକଣାକୁ ମାନୁନାହାଁନ୍ତି । ନିର୍ବାଚନ କମିଶନରେ ବିଜେପି ଫେରାଦ । ନେତାଙ୍କ ବିରୋଧରେ ଥାନାରେ ଅଭିଯୋଗ । ବିଜେଡି ନେତା ନିୟମ ମାନୁନଥିବା ନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଛି ରାଜ୍ୟ ବିଜେପି । ସେପଟେ ପୋଲସରାର ବିଧାୟକଙ୍କ ବିରୋଧରେ ବିଜେପି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ବ୍ଲକ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଜନତା ପାଇଁ ନିୟମ ଓ ନେତାଙ୍କ ପାଇଁ ନିୟମ କଣ ଅଲଗା ଅଲଗା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ୫ ମିନିଟରେ ଦୁର୍ବଳ ହେଉଛି କରୋନା ଭୂତାଣୁ !



ଭୁବନେଶ୍ୱର,୧୩/୦୧(ନି.ପ୍ର): କରୋନା ଭୂତାଣୁ ବାୟୁରେ ବ୍ୟାପୁଥିବା ନେଇ ପୂର୍ବରୁ ଅନେକ ବୈଜ୍ଞାନିକ ସତର୍କ କରିଛନ୍ତି । ଏପରିକି କରୋନା ଭୂତାଣୁ ବାୟୁରେ ଘଣ୍ଟା ଘଣ୍ଟା ଧରି ସକ୍ରିୟ ରହୁଥିବା କଥା ବି କୁହାଯାଏ । ହେଲେ, ଏବେ ବିଟ୍ରେନର ଖ୍ୟାତନାମା ବିଶ୍ୱବିଦ୍ୟାଳୟ ବ୍ରିଷ୍ଟୋଲର ଗବେଷକମାନେ କହିଛନ୍ତି ବାୟୁରେ ୫ମିନିଟ୍ ଭିତରେ ଭୂତାଣୁର କ୍ଷମତା ହ୍ରାସ ପାଉଛି । ତେବେ ବଡ ବଡ ବୈଜ୍ଞାନିକ ଏହାକୁ ସ୍ୱୀକୃତି ଦେଇ ନାହାନ୍ତି । ୫ ମିନିଟରେ ଦୁର୍ବଳ ହେଉଛି କରୋନା ଭୂତାଣୁ ! ଦାବି କଲେ ବ୍ରିଷ୍ଟୋଲ ୟୁନିଭରସିଟିର ଗବେଷକ । ସାରା ବିଶ୍ୱରେ କରୋନା ସଂକ୍ରମଣ ବଢୁଥିବା ବେଳେ ବଡ଼ ବୟାନ ଦେଇଛନ୍ତି ବ୍ରିଟେନର ଖ୍ୟାତନାମା ବିଶ୍ୱବିଦ୍ୟାଳୟ 'ବ୍ରିଷ୍ଟୋଲ'ର ଗବେଷକ । ୫ ମିନିଟ ଭିତରେ କରୋନା ଭୂତାଣୁର କ୍ଷମତା ହ୍ରାସ ପାଉଥିବା ନେଇ ସେମାନେ ଦାବି କରିଛନ୍ତି । କହିଛନ୍ତି, ଜଣେ କରୋନା ଆକ୍ରାନ୍ତ ନିଶ୍ୱାସ ଛାଡିବା ବେଳେ ଭୂତାଣୁର ଯେତିକି କ୍ଷମତା ଥାଏ, ମାତ୍ର ୨୦ ମିନିଟ ମଧ୍ୟରେ ୯୦ ପ୍ରତିଶତ କ୍ଷମତା ହ୍ରାସ ପାଉଛି । ଅର୍ଥାତ୍ ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଆଖିଦୃଶିଆ ଭାବେ ହ୍ରାସ ପାଉଛି ଏହାର ସଂକ୍ରମକ କ୍ଷମତା । ମେଡ୍ ଆର୍କାଇଭରେ ଏ ନେଇ ତଥ୍ୟ ପ୍ରକାଶ ପାଇଛି । ବ୍ରିଷ୍ଟୋଲ ୟୁନିଭରସିଟିର ଗବେଷଣା । ସ୍ୱତନ୍ତ୍ର ବୈଜ୍ଞାନିକ ପଦ୍ଧତିରେ କରୋନା ଭୂତାଣୁକୁ ନେଇ କରାଯାଇଛି ଗବେଷଣା । ଭୂତାଣୁ ଥିବା ଜଳୀୟକଣା ସ୍ୱତନ୍ତ୍ର ଚାମ୍ବରରେ ▶▶ପୃଷ୍ଠା ୭

## ପଞ୍ଚାୟତ ନିର୍ବାଚନ ପାଇଁ ଆସିଲା ବିଜ୍ଞପ୍ତି

ଭୁବନେଶ୍ୱର,୧୩/୦୧(ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ଜିଲ୍ଲାର ଅଧିକାରୀ ମାନେ ବିଜ୍ଞପ୍ତି ଜାରି କରିଛନ୍ତି । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ସମିତି ସଭ୍ୟ ପାଇଁ ଜିଲ୍ଲା ଓ ବ୍ଲକ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇଛି । ସୋମବାରଠାରୁ ନାମାଙ୍କନ ଦାଖଲ ଆରମ୍ଭ ହେବ। କୋଭିଡ୍ ସଂକ୍ରମଣ ଯୋଗୁଁ ପ୍ରଚାର ଉପରେ କଟକଣା ଲାଗୁ କରାଯାଇଛି। ସେଥିପାଇଁ ପ୍ରଥମ ଥର ଲାଗି ତୃଣମୂଳ ସ୍ତରରେ ଡିଜିଟାଲ୍ ମୋଡରେ କ୍ୟାଂପେନ୍ ହେବ। ତେଣୁ ସୋଶାଲ୍ ମିଡିଆ ପ୍ଲାଟଫର୍ମ ଉପରେ ଏବେ ସବୁ ପ୍ରାର୍ଥୀ ଓ ଦଳର ନଜର ରହିଛି । ଏଥର ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ସୋଶାଲ ମିଡିଆ ପ୍ଲାଟଫର୍ମ ଜରିଆରେ ଭୋଟରଙ୍କ ପାଖରେ ପହଞ୍ଚିବେ। କାରଣ କୋଭିଡ୍ ଯୋଗୁଁ ସମାବେଶ, ରୋଡ୍ ଶୋ' ଓ ସଭା ସମିତି ଆଦି ବ୍ୟାନ୍ କରାଯାଇଛି। ତେଣୁ ପ୍ରାର୍ଥୀମାନେ ଡିଜିଟାଲ୍ କ୍ୟାଂପେନ୍ କରିବା ସହିତ ଭର୍ଚୁଆଲ୍ ମିଟିଂ ମାଧ୍ୟମରେ ଭୋଟରଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରିବେ। ପଂଚାୟତ ପୋଲ୍ ଲାଗି କାଲିଠୁ ବିଜେପି ଅଫିସରେ କଣ୍ଟ୍ରୋଲ ରୁମ୍ ଆରମ୍ଭ ହେବ। ପଂଚାୟତରୁ ଆରମ୍ଭ କରି ବ୍ଲକ୍, ନିର୍ବାଚନ ମଣ୍ଡଳୀ ଓ ଜିଲ୍ଲା ଯାଏ ବିଜେପିର ସାଇବର୍ ଆର୍ମି ରହିଛନ୍ତି। ମୋଦି ସରକାରଙ୍କ ସଫଳତାର ବାର୍ତ୍ତା, ରାଜ୍ୟ ସରକାରଙ୍କ ବିଫଳତା ଓ ସ୍ଥାନୀୟ ସମସ୍ୟା ନେଇ ଭିଡଓ ପ୍ରସ୍ତୁତି କରି ଲୋକଙ୍କ ମୋବାଇଲ ପଠାଯିବ। ସେପଟେ ୩୫ ହଜାର ବୁଥରେ ସକ୍ରିୟ ଅଛନ୍ତି କଂଗ୍ରେସର ସୋଶାଲ୍ ମିଡିଆ ସଦସ୍ୟ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ ସହ ପ୍ରସଙ୍ଗକୁ ଫୋକସ୍ କରି ଦଳ ଭିଡିଓ ପ୍ରସ୍ତୁତ କରିବ। ସେପଟେ ବିଜେଡି ଛାତ୍ର ଓ ଯୁବ ବ୍ରିଗେଡକୁ ଡିଜିଟାଲ୍ କ୍ୟାଂପେନରେ ଲଗାଇବ। ବିଜେଡି ବିଭିନ୍ନ ପଞ୍ଚାୟତରେ ହ୍ୱାଟ୍ସଆପ୍ ଗ୍ରୁପ୍ କରିଛି। ସେଇ ଅନୁସାରେ ଦଳର ପ୍ରଚାର ଆଗକୁ ବଢ଼ିବ। ଏହାସହ LCD ଲାଗିଥିବା ପ୍ରଚାର ଗାଡ଼ି ମଧ ଗାଁ ଗାଁରେ ପହଞ୍ଚିବ । ମୋବାଇଲ୍ ମେସେଜ୍ ଓ ଭିଡିଓ କଲ୍ ମାଧ୍ୟମରେ ପ୍ରଚାର କରିବାକୁ ଯୋଜନା କରିଛି ଦଳ। ତେବେ ଉପାନ୍ତ ଅଂଚଳରେ ମୋବାଇଲ୍ ନେଟୱର୍କ ଭଲ ନଥିବାରୁ ସେସବୁ ସ୍ଥାନରେ ଡିଜିଟାଲ୍ ପ୍ରଚାର ସମ୍ଭବ ହେବ ନାହିଁ। ତେଣୁ ▶▶ପୃଷ୍ଠା ୭

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଆର୍‌ଆଇ ଓ ଏଆର୍‌ଆଇ



ଝାରସୁଗୁଡ଼ା, ୧୩/୦୧ (ନି.ପ୍ର): ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଆର୍‌ଆଇ ଓ ଏଆର୍‌ଆଇ। ଝାରସୁଗୁଡ଼ା ଜିଲ୍ଲା ଲଇକେରା ତହସିଲ ଅନ୍ତର୍ଗତ ସାହାସପୁର ଆରଆଇ ଯସ୍ମିତା ଭୋରସାଗର ଓ ପାକେଲପଦାର ARI ଚିଙ୍କିରାଣୀ ନାଏକ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଆରଆଇଙ୍କ ପାଇଁ ଏଆରଆଇ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସରେ ଅଭିଯୋଗ କରିଥିବା ବ୍ୟକ୍ତି ଜଣକ ହେଲେ ଶାନ୍ତନୁ ସାଣ୍ଡ । ସେ କହିଛନ୍ତି ଯେ ତାଙ୍କ ମୃତ ବାପାଙ୍କ ନାଁରେ ଏକ ଲିଗାଲ ହାୟାର ସାର୍ଟିଫିକେଟ କରାଇ ଦେବା ପାଇଁ ଆରଆଇ ୭୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଏଥିପାଇଁ ଆରଆଇ ଝରିଆବାହାଲ ଛକକୁ ଏଆରଆଇଙ୍କୁ ପଠାଇଥିଲେ। ତେବେ ଏହା ପୂର୍ବରୁ ଶାନ୍ତନୁ ରାଉରକେଲା ଭିଜିଲାନ୍ସ ଏ ସମ୍ବନ୍ଧରେ ସୂଚନା ଦେଇସାରିଥିଲେ। ଆଉ ଏଆରଆଇ ଟଙ୍କା ନେବା ବେଳେ ଭିଜିଲାନ୍ସ ତାଙ୍କୁ ଧରି ନେଇଥିଲା। ପରେ ଭିଜିଲାନ୍ସ ଆରଆଇଙ୍କୁ ମଧ ଧରିଥିଲା। ଏନେଇ ରାଉଲକେଲା ଭିଜିଲାନ୍ସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି ।

## ବିଭିନ୍ନ ସୋସାଇଟିରେ ଧାନ ମଣ୍ଡି ଉଦ୍‌ଘାଟିତ



ବାସୁଦେବପୁର,୧୩/୧ (ନି.ପ୍ର): ବାସୁଦେବପୁର ବ୍ଲକର ବିଭିନ୍ନ ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ବିଦେଇପୁର ସେବା ସମବାୟ ସମିତି, ଗଦିରେ ଧାନ ମଣ୍ଡି ଉଦଘାଟନ ବେଳେ ଅତିଥି ଭାବେ ଯୋଗ ଦେଇଥିଲେ ଆଡ଼ମିନିଷ୍ଟ୍ରେଟର ତାପସ ରାଉତ, ଆର ଏମ ସି ସମ୍ପାଦକ ଶକ୍ତିଧର କାଣ୍ଡି, ଅର ଏମ ସି ଷ୍ଟାଫ ଚିତ୍ତ ରଂଜନ ସାହୁ, ସମ୍ପାଦକ ରତିକାନ୍ତ ରାଉତ, ସରପଞ୍ଚ ଦୟାନିଧି ଦାସ, ନିରଂଜନ ଦାସ, ଶଶାଙ୍କ ସାମନ୍ତ, ତପନ ରାୟ, ନଟ କିଶୋର ନାୟକ, ହରିହର ପଣ୍ଡା, ଅକ୍ଷୟ ମହାନ୍ତି, ନିରାକାର ନିରଂଜନ ପାଣିଗ୍ରାହୀ। ସମସ୍ତ ଚାଷୀ ଓ ଧାନ କିଣା କମିଟିର ସଭ୍ୟ ମାନେ ଯୋଗ ଦେଇଥିଲେ ଓ ଏଥି ସହିତ ଧାନ କଣ୍ଟା ଓ ଧାନ ବସ୍ତା ପୂଜା କରାଯାଇଥିଲା । ସେହିପରି ବରଣ୍ଡୁଆ ସୋସାଇଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ମାଟିପକା ସୋସାଇଟିର ସମ୍ପାଦକ ଧର୍ମ ନାରାୟଣ ଜେନା, ନାୟିକାନିଡିହିର ସମ୍ପାଦକ ନରହରି ମାଝି, ପଦ୍ମପୁର ସୋସାଇଟି ର ସମ୍ପାଦକ ଅମୂଲ୍ୟ ନାୟକ, ବାଲିମେଦ ସୋସାଇଟିର ସମ୍ପାଦକ ଶ୍ରୀଧର ନାୟକ, ବାସୁଦେବପୁର ସୋସାଇଟିର ସମ୍ପାଦକ ତନ୍ମୟ ମଲ୍ଲିକ, ଇରମ ସେବା ସମବାୟ ସମିତିର ସମ୍ପାଦକ ରଶ୍ମି ରଂଜନ କବାଟ ପ୍ରମୁଖ ଧାନ ମଣ୍ଡି ଉଦଘାଟନ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଅଙ୍କିତା ହତ୍ୟା ମାମଲା : ଅଭିଯୁକ୍ତ ଭାଇ ନିର୍ଦ୍ଦୋଷରେ ଖଲାସ

ନୂଆପଡା,୧୩/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଥାନା ନେହେନା ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି ଜିଲ୍ଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ । ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ମୁଚୁକନ୍ଦ ଦଣ୍ଡସେନାଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରିଛନ୍ତି। ପୂର୍ବରୁ ଗିରଫ ହୋଇ ମୁଚକୁନ୍ଦ ଜେଲ୍ ଯାଇଥିଲେ। ଆଜି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ସହ ମୁଚକୁନ୍ଦଙ୍କୁ କୋର୍ଟ ନିର୍ଦ୍ଦୋଷ ଘୋଷଣା କରିଛନ୍ତି। ଗତ ୨୦୧୯ ଏପ୍ରିଲ ୧୩ ତାରିଖରେ ତାଙ୍କ ନିଜ ଭଉଣୀ ଅଙ୍କିତାଙ୍କୁ ଘରେ ହତ୍ୟା କରାଯାଇଥିଲା। ମୁଚୁକନ୍ଦ ଅଙ୍କିତାଙ୍କୁ ଚାପୁଡ଼ା ମାରିବା ପରେ ବେହୋସ ହେବାପରେ ଓଢ଼ଣୀରେ ଚିପିଦେଇ ହତ୍ୟା କରିଥିବା ଏବଂ ଶବକୁ ଜଳାଇ ଦେଇଥିବା ନେଇ ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା। ମାମଲା ରୁଜୁ ପରେ ପୁଲିସ ହତ୍ୟା ଅଭିଯୋଗରେ ମୁଚୁକୁନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଖରିଆର ପୁଲିସ ଚାର୍ଜସିଟ୍ ଦାଖଲ କରିବା ପରେ କୋର୍ଟ କେସ୍ ନଂ-ଏସଟି-୨୮/୨୦୧୯ ରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ଜିଲ୍ଲା ଦୌରାଜଜ୍ ଶ୍ରୀ ପଟ୍ଟନାୟକ ମାମଲାର ଶୁଣାଣି କରିଥିଲେ। ହତ୍ୟାର ଶିକାର ଅଙ୍କିତାଙ୍କ ବାପାଙ୍କ ସହ ଗ୍ରାମବାସୀ, ମୋଟ ୨୨ ଜଣ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଥିଲେ। କିନ୍ତୁ ହତ୍ୟାକୁ ନେଇ କେହି ବି ସଠିକ୍ ତଥ୍ୟ ଦେଇ ନପାରିବାରୁ କୋର୍ଟ ଅଭିଯୁକ୍ତଙ୍କୁ ଆଜି ନିର୍ଦ୍ଦୋଷରେ ଖଲାସ୍ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ବେଣୁଧର ପ୍ରଧାନ ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅନୁପ ଶର୍ମା ମାମଲା ପରିଚାଳନା କରୁଥିଲେ।

## କେନ୍ଦୁଝରରେ କୋଭିଡ କଟକଣା ମଧ୍ୟରେ ପାଳିତହେବ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

କେନ୍ଦୁଝର,୧୩/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଚଳିତ ଜାନୁୟାରୀ ୧୨ ତାରିଖ ବୁଧବାର ଅପରାହ୍ନରେ ଭର୍ଚୁଆଲ୍ ମାଧମରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାମାରୀ କୋଭିଡ୍‌ର ସଂକ୍ରମଣ ତଥା ଓମିକ୍ରନ୍ ସଂକ୍ରମଣ ଦୃଷ୍ଟିରୁ କୋଭିଡ୍ ଗାଇଡ୍‌ଲାଇନ୍‌ସ୍ ତଥା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହା ପାଳନ କରାଯିବ ବୋଲି ଜିଲ୍ଲାପାଳ ଠାକରେ ସୂଚନା ଦେଇଛନ୍ତି । ବିଶେଷ କରି ଜନଗହଳି ନକରାଇବା, ସାମାଜିକ ଦୂରତା ଅବଲମ୍ବନ କରିବା ଓ ମୁହଁରେ ମାସ୍କ ବ୍ୟବହାର କରି ଏହି ଜାତୀୟ ଦିବସକୁ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏସ୍.ପି. ମିତ୍ରଭାନୁ ମହାପାତ୍ର ଉଦ୍‌ବୋଧନ ଦେଇ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କଟକଣା ମଧରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପରେ ଗୁରୁତ୍ୱରୋପ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରସ୍ତୁତି ବୈଠକର ସଂଯୋଜନା କରିବା ସହିତ କାର୍ଯ୍ୟସୂଚୀ ସଂପର୍କରେ ବିବରଣୀ ପ୍ରଦାନ କରି ଆଲୋଚନା ଆରମ୍ଭ କରିଥିଲେ । ପ୍ରସ୍ତୁତି ବୈଠକର ନିଷ୍ପତି ଅନୁଯାୟୀ ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳ ୭ ଘଟିକାରୁ ଘ୭.୩୦ମି. ମଧରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୦୦ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ, ସକାଳ ଘ୮.୩୦ମି. ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତୋଳନ କରାଯିବ । ସାଧାରଣତନ୍ତ୍ର ଦିବସ ଦିନ ସକାଳ ଘ୮.୩୦ମି. ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ଉଦ୍‌ବୋଧନ ଦେବେ । ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସୀମିତ ସଂଖ୍ୟକ ଅତିଥିଙ୍କୁ ଜିଲ୍ଲାସ୍ତରୀୟ ସମାରୋହରେ ଯୋଗଦାନ ନିମନ୍ତେ ଆମନ୍ତ୍ରଣ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି କ୍ରମରେ ମହାମାରୀ କରୋନା ବିରୁଦ୍ଧରେ ଲଢେଇ ଜାରି ରଖିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିରିକୃତ ହୋଇଛି । ଚଳିତ ବର୍ଷ ଜାତୀୟ ପତାକାକୁ ସମ୍ମାନ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବା ପାଇଁ ସଶସ୍ତ୍ର ପୋଲିସ୍ ବାହିନୀ, ହୋମଗାର୍ଡସ୍ ଓ ପୋଲିସ୍ ବ୍ୟାଣ୍ଡପାର୍ଟି ଅଂଶ ଗ୍ରହଣ କରିବେ ବୋଲି ନିଷ୍ପତି ନିଆଯାଇଛି । ଏତଦ୍ ବ୍ୟତୀତ ସାଧାରଣତନ୍ତ୍ର ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଂଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ସାନିଟାଇଜେସନ୍ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡି.ଏସ୍.ପି. ଡି.ଆଇ.ବି. ଶ୍ରୀମତୀ ଇନ୍ଦୁରେଖା ପର୍ଶେମକବାଟ, ଏସ୍.ଡି.ପି.ଓ. ପି.ଜେ. ଟପୋ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ପୂର୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଆର୍.ଆଇ ଅଫ୍ ପୋଲିସ୍ ବିମଳ ଚନ୍ଦ୍ର ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନାର୍ଯ୍ୟ ପାଉଣା ଦାବିରେ ସିକ୍ୟୁରିଟି କର୍ମଚାରୀଙ୍କ ହରତାଳ

ଘସିପୁରା,୧୩/୧ (ନି.ପ୍ର): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସିକୁରିଟି କର୍ମଚାରୀ ମାନେ ସେମାନଙ୍କ ନାର୍ଯ୍ୟ ପାଉଣା ଦାବୀରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ୩ ଦିନ ଧରି ହରତାଳ କରିଥିବା ଜଣାପଡ଼ିଛି । ପରେ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ କର୍ମଚାରୀ ମାନେ ଧାରଣା ପ୍ରତ୍ୟାହୃତ କରିଛନ୍ତି । ସୂଚନାରୁ ଜଣାଯାଏ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓରିଆନ୍ ସିକ୍ୟୁରିଟି କମ୍ପାନୀ ପକ୍ଷରୁ କର୍ମଚାରୀ ମାନଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ଦୀର୍ଘ ଦିନ ଧରି ସିକ୍ୟୁରିଟି କର୍ମଚାରୀ ମାନଙ୍କର ଇପିଏଫ ସେମାନଙ୍କର ଆକାଉଂଟରେ ଜମା ହେଉନଥିବା ସହିତ ସେମାନଙ୍କୁ ନାର୍ଯ୍ୟ ପାଉଣା ଦିଆଯାଉନଥିବା ଅଭିଯୋଗ ହେଉଛି । ଏଥି ସହିତ ଦୁଇ ମାସ ହେଲା ଦରମା ମିଳିନ ଥିବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଓରିଆନ୍ ସିକ୍ୟୁରିଟି କମ୍ପାନୀର କର୍ମଚାରୀ ମାନେ ୧୦ ତାରିଖ ଦିନ ଠାରୁ ୧୨ ତାରିଖ ଯାଏ ସେମାନଙ୍କ ଦାବୀ ପୂରଣ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ହରତାଳ କରି ଆସୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ସିକ୍ୟୁରିଟି କର୍ମଚାରୀ ମାନଙ୍କର ଦାବୀ ପୂରଣ କରିବା ପରିବର୍ତେ କେବଳ ନଭେମ୍ବର ମାସର ଦରମା ଦେଇଥିବା ପରେ ମଧ କର୍ମଚାରୀ ମାନେ କାମରେ ଯୋଗ ଦେଇନ ଥବା ଜଣାପଡ଼ିଛି । କର୍ମଚାରୀଙ୍କ କହିବା ଅନୁଯାୟୀ, ଓରିଆନ୍ ସିକୁରିଟି କମ୍ପାନୀ ପ୍ରତି ମାସ ଦରମା ନିର୍ଦ୍ଧାରିତ ତାରିଖରେ ଦେବା ସହିତ ସିକ୍ୟୁରିଟି କର୍ମଚାରୀ ମାନଙ୍କର ଇପିଏଫ ସେମାନଙ୍କର ଆକାଉଣ୍ଟରେ ପ୍ରତି ମାସରେ ଜମା କରନ୍ତୁ ବୋଲି ଦାବୀ କରିଛନ୍ତି । ମନ୍ମଥ ସାହୁ, ଯଶୋଦା ସେଠୀ, ପ୍ରଭାତୀ ସାହୁ, ଶୁଶାନ୍ତ ସାହୁ, ରାଜେନ୍ଦ୍ର ପାତ୍ର, ମଧୁ ସୁଦନ ସାହୁ, ହରିହର ରାଉତ, ସୁବ୍ରତ ବାରିକ୍, ଲକ୍ଷ୍ମିଧର ପାତ୍ର, ରଘୁନାଥ ସା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଛାପଡା ଥାନାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ : ୧୦୧ ୟୁନିଟ୍ ରକ୍ତ ସଂଗୃହୀତ

କନ୍ଧମାଳ,୧୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନାରେ ପୋଲିସ ବିଭାଗ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଏସପି ଭିନିତ ଅଗ୍ରାୱାଲଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ଶିବିରକୁ ଡିଏସପି କୃଷ୍ଣପ୍ରସାଦ ପଟ୍ଟନାୟକ ଉଦଘାଟନ କରିଥିଲେ । ଏହି ଅବସରରେ ସେଠାରେ ଏସଓଜିର ଡେପୁଟୀ କମାଣ୍ଡେଂଟ ସନ୍ତୋଷ କୁମାର ଦଣସେନା, ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡା.ଜୟଦୀପ କୁମାର ଘୋଷ, ଫୁଲବାଣୀ ରକ୍ତଦାନ ସମିତିର ସହସମ୍ପାଦକ ତଥା ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଏବଂ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ । ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟକୁ ଫୁଲବାଣୀ ରକ୍ତଭାଣ୍ଡାର କର୍ମଚାରୀ ତୃଷାରକାନ୍ତ ପ୍ରଧାନ, ଦୀନକୃଷ୍ଣ ମହନ୍ତ,ପ୍ରଶାନ୍ତ କୁମାର ରତ୍ନାଲୁ, ଲକ୍ଷ୍ମୀଧର ମଣ୍ଡଳ, ଆରତୀ କହଁର ଏବଂ ବରୁଣ ବେହେରା ପ୍ରମୁଖ ସଂଚାଳନ କରିଥିଲେ। ଗୋଛାପଡା ଥାନାର ଏସ.ଆଇ ମନୋରଞ୍ଜନ ଭୋଇ, ସ୍ମୃତିରଞ୍ଜନ ସାମଲ ଏ.ଏସ.ଆଇ ପ୍ରକାଶଚନ୍ଦ୍ର ବିଷୋଇ,ଶୁସାନ୍ତ କୁମାର ଶବର, ମହେଶ୍ୱର ମଲ୍ଲିକ ଏବଂ ଥାନାର ହାବିଲଦାର ଓ କନେଷ୍ଟବଲମାନଙ୍କ ସହିତ ଅଂଚଳର ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ । ଶିବିରରେ ଫିରିଙ୍ଗିଆ ବ୍ଲକ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଉତମ ଖମାରୀ ଏବଂ ହୁରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ । ଏହି ଶିବିରରେ ୧୦୧ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ରକ୍ତଦାତା ନୂତନ ରକ୍ତଦାତା ହୋଇଥିବାରୁ ଡାକ୍ତର ଏବଂ ଅନ୍ୟମାନେ ପୋଲିସ ବିଭାଗ ଦ୍ୱାରା କରାଯାଇଥିବା ରକ୍ତଦାନ ପ୍ରୋତ୍ସାହନ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

## ବାଇକ ଜାଳି ପଳାୟନ କଲେ ଦୁର୍ବୃତ୍ତ

ବଲାଙ୍ଗିର,୧୩/୧ (ନି.ପ୍ର): ଆଜି ଦିନ ଦ୍ୱିପହରରେ ସ୍ଥାନୀୟ କଂସାରି ପଡା ରେ ଘର ଆଗରେ ରଖା ହୋଇଥିବା ଏକ ବାଇକ କୁ ଦୁର୍ବୃତ ମାନେ ପୋଡି ଦେଇ ପଳାୟନ କରିଥିବା ଖବର ମିଳିଛି। ଜ୍ୟୋତି ରଞ୍ଜନ ବେଦବାଗ ନାମକ ଠିକାଦାର ଦିନବେଳା ଘରକୁ ଖାଇବାକୁ ଆସିଥିଲେ। ଘର ବାହାରେ ବାଇକ୍ ଥିଲା ସେ ତାଙ୍କର ଗାଡି ପୋଡି ଯାଉଥିବା ଫୋନ ରେ ଖବର ପାଇ ବାହାରକୁ ଆସି ଦେଖିଲା ବେଳକୁ ଗାଡି ହୁତ ହୁତ ହୋଇ ଜଳି ଯାଉଥିବା ଦେଖିଥିଲେ। ଦୁଇଜଣ ତାଙ୍କର ବାଇକ୍ ରେ ନିଆଁ ଲଗାଇ ଦେଇଥିବା ଲୋକେ ସେମାନଂକୁ ଦେଖାଇବା ବେଳକୁ ଧାଇଁ ପଳାଇଲା ବେଳେ ଗଲାବେଳେ ଦୁର୍ବୃତ ଦୁଇଜଣ ଭିତରୁ ଜଣଙ୍କ ମୋବାଇଲ ପଡି ଯାଇଥିଲା। ଦୂରରେ ଥିବା ରୁ ଭଲଭାବେ ଦେଖି ନଥିଲେ ମଧ ସିସିଟିଭି ଫୁଟେଜରୁ ଜାଣି ହେବ କହିଥିଲେ। ତାଁକର୍ କାହା ସହିତ ପୁରୁଣା ଶତ୍ରୁତା ନଥିବା ସମସ୍ତ ଙ୍କ ସହିତ ଭଲ ସମ୍ପର୍କ ଥିବା ରୁ ନିଆଁ ଲାଗିବା ବିଷୟରେ ସେ କିଛି କହି ପାରି ନଥିଲେ। ପୋଲିସ ତଦନ୍ତ ରୁ ଜଣାଯିବ ବୋଲି ସେ କହିଛନ୍ତି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ମୁଖ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଜୟପୁର,୧୩/୧ (ନି.ପ୍ର): କୋରାପୁଟ ସହରର ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା ଜୟପୁର ସ୍ଥିତ ଆଡ ହକ ଅତିରିକ୍ତ ଜିଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ରେ ରାୟ ର ଶୁଣାଣି ହୋଇଛି । ଜଜ୍ ପ୍ରଦିପ କୁମାର ସାସମଲ ରାୟର ଶୁଣାଣି କରି ୩ ଅଭିଯୁକ୍ତକୁ ଦଣ୍ଡିତ କରିଛନ୍ତି । ୧୧ ଜଣ ସାକ୍ଷ୍ୟ ଆଧାରରେ ମୁଖ୍ୟ ଅଭିଯୁକ୍ତ କୁ ୪ଟି ଦଫାରେ ଦଣ୍ଡିତ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ରାକେଶ ପୁଜାରିକୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଆର୍ଥିକ ଜୋରିମାନା ରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦେୟ ହେଲେ ଅଧିକା ୩୦ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ଶୁଣାଣି କରିଛନ୍ତି । ୨ ସହ ଯୋଗୀ ନିରାକାର ମାଝୀ ଓ କୈଳାଶ ବାଘଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟ ହେଲେ ଅଧିକା ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ରେ ଶୁଣାଣି କରିଛନ୍ତି । ସମସ୍ତ ଦୋଷୀଙ୍କ ଠାରୁ ଆଦାୟ ହେବାକୁ ଥିବା ୬୦ ହଜାର ଟଙ୍କା ପିଡିତାଙ୍କୁ ଦେବାକୁ ଆଦେଶ ଦେବା ସହିତ ଅଦାଲତ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲା ଆଇନ ସେବା ପ୍ରାଧିକରଣ ମାଧମରେ ୨ ଲକ୍ଷ ଟଙ୍କା ଅନୁକମ୍ପା ରଶା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

ଗତ ୧୨। ୧୨୦୧୪ ତାରିଖରେ ବାପା ମା ଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ରାକେଶ ପୁଜାରି ତାର ଅନ୍ୟ ୨ ସହ ଯୋଗୀ ନିରାକାର ମାଝୀ ଓ କୈଳାଶ ବାଘ ଙ୍କ ସହାୟତାରେ କୋରାପୁଟ ସହରରୁ ନାବାଳିକାକୁ ଆଟୋରେ ଅପହରଣ କରି ବୁରୁଡିପୁଟ ଠାରେ ଛାଡି ଆସିଥିଲେ। ନାବାଳିକାକୁ ବହୁ ଖୋଜା ଖୋଜି କରି ନ ପାଇବାରୁ ପରିବାର ଲୋକେ ଗତ ୧୭।୧।୧୪ ତାରିଖରେ କୋରାପୁଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ପୋଲିସ ୩ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୧୧ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଅତିରିକ୍ତ ଜିଲା ଦୈରାଜଜ ପ୍ରଦୀପ କୁମାର ସାସମଲ ରାୟର ଶୁଣାଣି କରି ୩ ଅଭିଯୁକ୍ତ କୁ ଦଣ୍ଡିତ କରିଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ବି ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

## ରାଜ୍ୟ ରେଡ଼କ୍ରସ ପକ୍ଷରୁ କନ୍ଧମାଳକୁ ସହାୟତା

କନ୍ଧମାଳ,୧୩/୧ (ନି.ପ୍ର): ରାଜ୍ୟରେ କୋଭିଡ ସଂକ୍ରମଣର ଭୟାବହତା ଗ୍ରାସିଥିବାବେଳେ କନ୍ଧମାଳ ଜିଲ୍ଲାରେ ମଧ୍ୟ ଏହାର ଦୃତ ସଂକ୍ରମଣ ଦେଖିବାକୁ ମିଳିଛି । ମାତ୍ର ୫ ଦିନରେ ଜିଲ୍ଲାରେ ୪୯ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ୭ଟି ସେଣ୍ଟରରେ ୯୦ଟି ଅକ୍ସିଜେନ ସୁବିଧା ଥିବା ବେଡର ବ୍ୟବସ୍ଥା କରାଯାଇଛି। ଏହାସହିତ ସେଠାରେ ୧୦ଟି ଭେଣ୍ଟିଲେଟରର ମଧ୍ୟ ବ୍ୟବସ୍ଥା ରହିଛି । ଏହି ପରିସ୍ଥିତିକୁ ଦେଖି ରାଜ୍ୟ ରେଡକ୍ରସ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ସହାୟତାର ହାତ ବଢାଇଛି । ଜିଲ୍ଲା ପ୍ରସାସନକୁ ରାଜ୍ୟ ରେଡକ୍ରସ ଶାଖା ତରଫରୁ ୫ ଶହ ହାଇଜିନିକ୍ କିଟ୍ ସମେତ ୨ ହଜାର ମାସ୍କ ଓ ସାନିଟାଇଜର ପ୍ରଦାନ କରାଯାଇଛି । ରାଜ୍ୟ ରେଡକ୍ରସ ଶାଖାର ଅଦ୍‌କାରୀ ଲୀଳାପୁନ୍ୟତୀର୍ଥ ସ୍ୱାଇଁ ଏବଂ କର୍ମଚାରୀ ପୀତବାସ ସମର୍ଥାଙ୍କ ଦାୟୀତ୍ୱରେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କୁ ଏହି ଜିନିଷ ଗୁଡିକ ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଆପାତକାଳୀନ ଅଧିକାରୀ ଆସିଷ୍ଟାଣ୍ଟ କଲେକ୍ଟର ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ଏବଂ ରାଜ୍ୟ ରେଡକ୍ରସ ଶାଖାର ଆଜୀବନ ସଦସ୍ୟ ତଥା ସ୍ୱେଚ୍ଛାସେବୀ ପ୍ରସାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କ୍ୱାଲିଟି ଆନାଲିଷ୍ଟମାନଙ୍କର ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୧୩/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ କ୍ୱାଲିଟି ଆନାଲିଷ୍ଟ ମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଜମଧର ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି । ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଅଜୟ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ତଥା ଉପ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଓ ଏସିଏସ୍‌ଓ ପ୍ରଫୁଲ୍ଲ ଦାସ, ଆଳି ଓ ରାଜକନିକା ଏସିଏସଓ ରବିନ୍ଦ୍ର ବେହେରା, ସମିତି ପ୍ରଶାସକ ସଚିଦାନନ୍ଦ ଜେନା ପ୍ରମୁଖ ଯୋଗଦେଇ ଜିଲ୍ଲାର ୧୧୮ଟି କୃଷି ସମବାୟ ସମିତିର ଆନାଲିଷ୍ଟ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଚାଷୀମାନେ ମଣ୍ଡିକୁ ଆଣୁଥିବା ଧାନର ମାନ ନିର୍ଦ୍ଧାରଣ କିଭଳି କରାଯିବ ସେନେଇ ଆନାଲିଷ୍ଟ ମାନଙ୍କୁ ପ୍ରଶିକ୍ଷଣ କରାଯାଇଥିଲା । ଏଥିସହିତ ମଣ୍ଡିକୁ ଆସୁଥିବା ଚାଷୀମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଉପସ୍ଥିତ ଥିବା ଆନାଲିଷ୍ଟମାନଙ୍କୁ ଉପ ଜିଲ୍ଲାପାଳ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ ।

## ପୃଥକ ପୃଥକ ଘଟଣାରେ ଗଞ୍ଜେଇ ଚାଲାଣ ବେଳେ ୪ ଗିରଫ: ୩୬.୫୦୦ କେଜି ଗଞ୍ଜେଇ ଜବତ

ଖୋର୍ଦ୍ଧା,୧୩/୧ (ନି.ପ୍ର): ପୃଥକ ପୃଥକ ଘଟଣାରେ ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ୪ଜଣ ଚୋରା ଚାଲାଣକାରୀ ଗିରଫ କରିଛି ।ଏମାନଙ୍କ ଠାରୁ ଅବକାରୀ ବିଭାଗ ୩୬.୫୦୦ଗ୍ରାମ ଗଞ୍ଜେଇ ଜବତ କରିଛି ।ଅବକାରୀ ବିଭାଗ ସୂଚନା ଅନୁଯାୟୀ ବୁଧବାର ସକାଳେ ରାମେଶ୍ୱର ଛକରୁ ଜଣେ ଅଭିଯୁକ୍ତଙ୍କୁ ଟାଙ୍ଗୀ ଅବକାରୀ ବିଭାଗ ଗିରଫ କରିଛି ।ଖବର ମୁତାବକ ଆଜି ସକାଳେ ରାମେଶ୍ୱର ଛକରେ ଜଣେ ଗଞ୍ଜେଇ ବେପାରୀ ଗଞ୍ଜେଇ ନେଇ ପୁରି ଅଭିମୁଖେ ଯାଉଥିବାର ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ ଖବର ପାଇଥିଲେ। ସଙ୍ଗେ ସଙ୍ଗେ ଟାଙ୍ଗୀ ଅବକାରି ସବ ଇନ୍ସପେକ୍ଟର ସୁନିତା ଦଳେଇଙ୍କ ସହ ସମ୍ପୃକ୍ତ ସ୍ଥାନରେ ଚଢ଼ାଉ କରି କନ୍ଧମାଳ ଜିଲ୍ଲା କାଳିମୁଣ୍ଡା ଅଞ୍ଚଳର ଜନେକ ଦିଗଲ ନାମକ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ୮ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ହେବ ବୋଲି ଜଣାପଡିଛି ।ସେହିପରି ଜଟଣୀ ଥାନା ଯାଆଁଳା ନିକଟରୁ ଜଟଣୀ ଅବକାରୀ ବିଭାଗ କନ୍ଧମାଳ ଜିଲ୍ଲା ଗୁଛପଡା ଥାନା ମୁସେରିଲିପାଗା ଗାଁର ଯଶୋଦା ଦିଗଲ(୨୫) ଏବଂ ଖୋର୍ଦ୍ଧା ବସଷ୍ଟାଣ୍ଡ ନିକଟରୁ ପର୍ଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ଚୋରଖୁଦାବାଡି ଗାଁ ର ସୁରଜ ମଣ୍ଡଳ ଓ ଲାଲବାଗ ଥାନା ଆଜାଧିନ୍ଦବାଗ ଗାଁର ସିମନ୍ତ ମଣ୍ଡଳ ।ଏନେଇଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ୨୦ ଏନଡ଼ିପିଏସରେ ପୃଥକ ପୃଥକ ଭାବେ ତିନୋଟି ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚଲାଣ କରାଯାଇଛି।

## ଶ୍ରୀ ଜଗନ୍ନାଥ ମନ୍ଦିରରେ ଚଳଚିତ୍ରର ଶୁଭ ମହୁରତ

ଧର୍ମଶାଳା,୧୩/୧ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଶବଟ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପ୍ରାୟୋଜକ ଜି କୋଣ୍ଡାର୍କ ପକ୍ଷରୁ ତିନୋଟି ଚଳଚିତ୍ରର ଶୁଭ ମୋହରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜି କୋଣ୍ଡାର୍କ ୟୁଟୁବ ଚ୍ୟାନେଲ ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱ ନେଇଛି । ଏହି ଅବସରରେ ଆଜି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨ଟି ଓଡିଆ ଓ ଗୋଟିଏ ହିନ୍ଦୀ ଚଳଚିତ୍ରର ସୁଟିଂ ଆଗାମୀ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହେବ । ମନ୍ଦିରରେ ନିର୍ଦ୍ଦେଶକ ପଙ୍କଜ ମହାନ୍ତିଙ୍କ ସମେତ, କଳାକାର, ପ୍ରାୟୋଜକ ଓ ଟ୍ରିମ୍‌ର ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତିରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ବିଶେଷ କରି ଗ୍ରାମାଂଚଳରେ ଅନେକ କୁନି କଳାକାରଙ୍କ ଠାରୁ ଆରମ୍ଭ କରି ଅନେକ ଅଭିଜ୍ଞ କଳାକାରମାନଙ୍କର ପ୍ରତିଭା ଲୋକାଲୋଚନକୁ ଆସିପାରୁ ନାହିଁ । ଏହି ଚଳଚିତ୍ର ମାଧ୍ୟମରେ ନୂଆ ପ୍ରତିଭାବାନ କଳାକାର ଲୋକାଲୋଚକୁ ଆସି ପାରିବେ ବୋଲି ଚଳଚିତ୍ର ନିର୍ଦ୍ଦେଶକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଯଯାତି ନାୟକ, ନଳିନୀ ଦାସ, ଗୌତମ କୁମାର ଓ ନଗେନ ଓ ସ୍ଥାନୀୟ କଳାକାର ପ୍ରମୁଖ ଉପସ୍ଥିତ ରହିଥିଲେ।

## ବାଜିରାଉତ କଲେଜରେ ବିବେକାନନ୍ଦ ଜୟନ୍ତୀ ପାଳନ

ଭୁବନ,୧୩/୧ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଅଧକ୍ଷ ଅଜିତ କୁମାର ବେହେରା ମହାବିଦ୍ୟାଳୟ ପରିସରରେ ଥିବା ବିବେକାନନ୍ଦଙ୍କ ପ୍ରତିମୂର୍ତୀ ରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରଛାତ୍ରୀ ମାନେ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁକାନ୍ତ କୁମାର ସାହୁ, ଅଧ୍ୟାପକ ହିମାଂଶୁ ଶେଖର ମିଶ୍ରଙ୍କ ସମେତ ମୁଖ୍ୟକିରାଣୀ କୈଳାସ ଚନ୍ଦ୍ର ବେହେରା, ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର, ଡେମୋନଷ୍ଟ୍ରେଟର ରାମଚନ୍ଦ୍ର ରାଉତ, ପ୍ରଭାତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## କୋଭିଡ ଯୋଦ୍ଧାଙ୍କ ପତ୍ନୀଙ୍କୁ ୧୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କଲା ପ୍ରଶାସନ

କନ୍ଧମାଳ,୧୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲାର କ.ନୁଆଗାଁ ବ୍ଲକର ଜଣେ ସାମ୍ବାଦିକ ତଥା କୋଭିଡ ଯୋଦ୍ଧା ସୁଦାମ ନାୟକଙ୍କ ଦେହାନ୍ତରେ ତାଙ୍କ ପତ୍ନୀ ଲିଲିମା ନାୟକଙ୍କୁ ଅନୁକମ୍ପା ରାଶି୧୫ ଲକ୍ଷ ଟଙ୍କାର ଚେକ୍, ପ୍ରଦାନ କରାଯାଇଛି । ମୃତ ସୁଦାମ ନାୟକଙ୍କ ପତ୍ନୀଙ୍କୁ ଆଜି କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଏକ ଆକାଉଣ୍ଟ ପେଇ ଚେକ୍ ପ୍ରଦାନ କରିଛନ୍ତି ଏହି ଅବସରରେ ଜିଲ୍ଲା ଆପାତକାଳୀନ ଅଧିକାରୀ, ଡେପୁଟୀ କଲେକ୍ଟର ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ଉପସ୍ଥିତ ଥିଲେ । ଏହାପୂର୍ବରୁ ଫୁଲବାଣୀର ସାମ୍ବାଦିକ ତାରୀଣି ଚରଣ ପାଢୀ ଏବଂ ଆଶୁତୋଷ ବେହେରାଙ୍କର ମଧ୍ୟ କୋଭିଡରେ ଆକ୍ରାନ୍ତ ହେବା ପରେ ତାଙ୍କର ଦେହାନ୍ତ ହେବାପରେ ଉଭୟ କୋଭିଡ ଯୋଦ୍ଧାଙ୍କ ପତ୍ନୀଙ୍କୁ ମଧ୍ୟ ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶୀ ପ୍ରଦାନ କରାଯାଇଥିଲା । ସେମାନଙ୍କୁ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଚେକ୍ ପ୍ରଦାନ କରିଥିଲେ ।

# ମକର ସଂକ୍ରାନ୍ତି



ଡଃ ମାଙ୍ଗଳିକା ମହାପାତ୍ର
ରେଭେନସା ବିଶ୍ୱବିଦ୍ୟାଳୟ

> ମକର ସଂକ୍ରାନ୍ତି ଏକ ସର୍ବ ଭାରତୀୟ ପର୍ବ। ଏହି ପର୍ବକୁ ସମସ୍ତେ ଉତ୍ସାହର ସହିତ ପାଳନ କରନ୍ତି । ଦକ୍ଷିଣ ଭାରତର ଏହା ଏକ ବଡ଼ ପର୍ବ। ସେଠାରେ ଏହାକୁ 'ପୋଙ୍ଗଲ' କୁହନ୍ତି। ୧୨ ମାସରେ ୧୩ ପରବ। ଧର୍ମ ଓ ପରମ୍ପରାର ରାଜ୍ୟ ଓଡ଼ିଶାରେ ମକର ପର୍ବ ବେଶ୍ ଗୁରୁତ୍ୱ ରଖେ। ଭାରତୀୟ ପାଞ୍ଜି ଅନୁସାରେ ମକରଠାରୁ ଦିନ ବଡ ହେବା ଆରମ୍ଭ ହୁଏ। ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଢ଼ଙ୍ଗରେ ମକର ପାଳିତ ହୋଇଥାଏ।



ମକର ସଂକ୍ରାନ୍ତି ଏକ ସର୍ବ ଭାରତୀୟ ପର୍ବ। ଏହି ପର୍ବକୁ ସମସ୍ତେ ଉତ୍ସାହର ସହିତ ପାଳନ କରନ୍ତି । ଦକ୍ଷିଣ ଭାରତର ଏହା ଏକ ବଡ଼ ପର୍ବ। ସେଠାରେ ଏହାକୁ 'ପୋଙ୍ଗଲ' କୁହନ୍ତି।

୧୨ ମାସରେ ୧୩ ପରବ । ଧର୍ମ ଓ ପରମ୍ପରାର ରାଜ୍ୟ ଓଡ଼ିଶାରେ ମକର ପର୍ବ ବେଶ୍ ଗୁରୁତ୍ୱ ରଖେ। ଭାରତୀୟ ପାଞ୍ଜି ଅନୁସାରେ ମକରଠାରୁ ଦିନ ବଡ ହେବା ଆରମ୍ଭ ହୁଏ। ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଢ଼ଙ୍ଗରେ ମକର ପାଳିତ ହୋଇଥାଏ। କେଉଁଠି କୁକୁଡ଼ା ଲଢେଇ କରି ତ କେଉଁଠାରେ ଭଗବାନଙ୍କୁ ଆରାଧନା କରି । ମକରରେ ଗୁଡି ଉଡା କଟକିଆଙ୍କ ସଉକ ଓ ପରମ୍ପରାରେ ସାମିଲ ଅଛି। ମକର ଆସିଲେ କଟକ ଆକାଶରେ ଘୂରିବୁଲନ୍ତି ରଙ୍ଗ ବେରଙ୍ଗର ଗୁଡ଼ି । ପିଲାଠାରୁ ବୟସ୍କ ଯାଏଁ ସମସ୍ତେ ଗୁଡି ଉଡେଇ ମଜା ନେଇଥାନ୍ତି। କଟକ ଆକାଶରେ ଦେଖିବାକୁ ମିଳେ ଗୁଡି ଲଢେଇ ।

ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି। ସୌର ଗଣନା ଅନୁଯାୟୀ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ଭାବରେ ଗ୍ରହଣ କରାଯାଏ। ଏହି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି। ଏହି ଦିନଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରନ୍ତି ଓ ସେଠାରେ ଏକ ମାସ ଅବସ୍ଥାନ କରନ୍ତି। ଏହି ଦିନ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞ ଅନୁଷ୍ଠାନ,ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ଶୁଭକର୍ମ ଅନୁଷ୍ଠିତ ହୁଏ। ଏହି ଦିନଠାରୁ ଦିନ କ୍ରମଶଃ ବଡ ହୁଏ। ସୂର୍ଯ୍ୟଙ୍କର ତେଜ ମଧ ପ୍ରଖର ହେବା ଆରମ୍ଭ ହୁଏ।

ମକର ସଂକ୍ରାନ୍ତି ସମୟରେ ଓଡ଼ିଶାରେ ଆଖୁ, ଧାନ ଆଦି ଫସଲ ଅମଳ ହୋଇଥାଏ। ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦି ମିଶ୍ରିତ ହୋଇ ସୁମିଷ୍ଟ ଭୋଗ ପ୍ରସ୍ତୁତ କରାଯାଏ। ଏହି ଭୋଗକୁ ଗୃହ ଦେବତା ଓ ଧାନ ଖେଳାରେ ଲଗାଯାଏ । ଏହି ଭୋଗକୁ ମକର ଚାଉଳ ବୋଲି ମଧ କୁହାଯାଏ । ଏହି ଭୋଗ ଖୁଆ ଖୁଇ ହୋଇ ଲୋକମାନେ ମକର ବସନ୍ତି । ନୂଆ ଧାନର ଚାଉଳରେ ପୋଡପିଠା ମଧ ପ୍ରସ୍ତୁତ କରାଯାଏ। ସୂର୍ଯ୍ୟଙ୍କ ଯୋଗୁଁ କୃଷି କ୍ଷେତ୍ରରେ ଶସ୍ୟ ଉତ୍ପାଦନ ହେଉଥିବାରୁ କୃଷକମାନେ ଏହି ଦିନ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରିଥାଆନ୍ତି ।

ଓଡିଶାର ଉତ୍ତରାଞ୍ଚଳରେ , ବିଶେଷତଃ ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଆଦିବାସୀମାନେ ଏହି ମକରକୁ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଏହି ଅଞ୍ଚଳ ଗୁଡିକରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟ ର ଲୋକେ ଏହି ପର୍ବକୁ 'ଟୁସୁ ପରବ' ରୂପେ ପାଳନ କରିଥାନ୍ତି । ଏହି ପର୍ବରେ ସମସ୍ତେ ନୂଆ ବସ୍ତ୍ର ପରିଧାନ କରନ୍ତି। ସବୁରି ଘରେ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ତିଆରି ହେଇଥାଏ। ନାଚ ଗୀତ ଓ ଭୋଜି ଭାତରେ ମସଗୁଲ୍ ହୋଇ ଯାଆନ୍ତି ସମସ୍ତେ । ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ଏହି ପର୍ବ ପାଳନ କରନ୍ତି। ସେମାନଙ୍କ ପରମ୍ପରାରେ ମକର ଯାତ୍ରା ଏକ ସ୍ନେହ, ପ୍ରେମ ଓ ସଦଭାବନାର ମହୋତ୍ସବ।

ମକର ସଂକ୍ରାନ୍ତି ଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ସରିବା ପରେ ଶ୍ରୀ ଜିଉମାନଙ୍କର ପଟା ପହରଣ ଲାଗି କରାଯିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥାଏ। ଏହାପରେ କର୍ପୂର ଲାଗି ହୋଇ ଶ୍ରୀ ବିଗ୍ରହ ମାନଙ୍କର ବେଶ ଚଢ଼ିଥାଏ। ଘଣ୍ଟ ଛତା, କାହାଳୀ ପଟୁଆର ସହିତ ତଳିଚ୍ଛୁ ଓ ପ୍ରଧାନୀ ଙ୍କ ହାତ ପୈଠ ହୋଇ ରୋଷ ଘରଠାରୁ ଭୋଗ ଶ୍ରୀ ଛାମୁକୁ ଆସିଥାଏ। ଭୋଗ ପୂଜା ସମୟରେ ସାଧାରଣ ପ୍ରବେଶକୁ ବାରଣ କରାଯାଇଥାଏ। ଇତି ମଧରେ ମକର ଚାଉଳ ପ୍ରସ୍ତୁତି ନିମନ୍ତେ ରୋଷ ଘରକୁ ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସରମାନ ଅଣା ଯାଇଥାଏ। ହାଣ୍ଡି କୁଡୁଆ ଇତ୍ୟାଦି ସଜଡ଼ା ଯାଇଥାଏ। ଭୋଗ ସରିବାପରେ ଶ୍ରୀ ଜିଉମାନଙ୍କୁ ବନ୍ଦାପନା କରାଯାଏ। ଏହି ନୀତି ସମ୍ପାଦନା ସମୟରେ ଘଣ୍ଟ ଛତା, କାହାଳୀ ର ମହର୍ଘ ପଟୁଆରରେ ହଜାର ହଜାର ଭକ୍ତ ମନ୍ଦିର ପ୍ରଦିକ୍ଷଣ କରନ୍ତି ।

ବିଶେଷ କରି ଜଗମୋହନରେ ଶ୍ରୀ ଜୀଉଙ୍କ ଅର୍ପିତ ମକର ଚାଉଳ ଲାଭ ନିମନ୍ତେ ଦର୍ଶକମାନଙ୍କ ଠାରେ ପ୍ରବଳ ଆଗ୍ରହ ଦେଖାଦିଏ। ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ଏହି ମକର ସଂକ୍ରାନ୍ତି ଦିନ ଜଗନ୍ନାଥଙ୍କ ଦର୍ଶନରେ ରାଜସୂୟ ଯଜ୍ଞର ଫଳ ପ୍ରାପ୍ତି ହୋଇଥାଏ। ଯେଉଁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ବିଧିପୂର୍ବକ ବେଢ଼ା ପ୍ରଦକ୍ଷିଣ କରନ୍ତି, ସେମାନେ ପୂଣ୍ୟଲାଭ ସହିତ ମୁକ୍ତି ଲାଭ କରିଥାଆନ୍ତି।

ମକର ସଂକ୍ରାନ୍ତିରେ ପ୍ରତ୍ୟୁଷରୁ ନଦୀ, ପୋଖରୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ।

ଏହି ଦିନ ପ୍ରସିଦ୍ଧ ଗଙ୍ଗା ସାଗରଠାରେ ଏକ ବିରାଟ ମେଳା ଅନୁଷ୍ଠିତ ହୋଇଥାଏ । ଲୋକମାନେ ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ ଏଠାରେ ବୁଡ଼ ପକାଇଥାନ୍ତି। ଏହି ଦିନ ଅନେକ ସ୍ଥାନରେ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

ଦକ୍ଷିଣ ଭାରତରେ ଏହି ଦିନଠାରୁ ନୂଆବର୍ଷ ଆରମ୍ଭ ହୋଇଥାଏ। ମାନ୍ୟତା ରହିଛି ଯେ ମକର ସଂକ୍ରାନ୍ତି ଦିନ ଗଙ୍ଗାମାତା ଭାଗୀରଥି ପଛେ ପଛେ ଚାଲି କପିଳ ମୁନିଙ୍କ ଆଶ୍ରମ ଦେଇ ସାଗର ସହ ମିଶିଥିଲେ। ଏହି ଦିନ ଯଶୋଦା ଶ୍ରୀକୃଷ୍ଣ ଙ୍କୁ ପ୍ରାପ୍ତ କରିବା ନେଇ ବ୍ରତ ରଖିଥିଲେ। ଏହା ମଧ ବିଶ୍ୱାସ କରାଯାଏ କି ଆଜିଠାରୁ ୧୦୦୦ ବର୍ଷ ପୂର୍ବେ ମକର ସଂକ୍ରାନ୍ତି ୩୧ ଡିସେମ୍ବର ରେ ପାଳନ କରାଯାଉଥିଲା। ଗତ ହଜାର ବର୍ଷରେ ଏହା ଦୁଇ ସପ୍ତାହ ଆଗକୁ ଘୁଞ୍ଚିଯିବା ଯୋଗୁଁ ୧୪ ଜାନୁୟାରୀ ରେ ପାଳନ କରାଯାଉଛି। ୫୦୦୦ ବର୍ଷ ପରେ ମକର ସଂକ୍ରାନ୍ତି ଫେବୃୟାରୀ ମାସ ଶେଷରେ ପାଳନ କରାଯିବ ବୋଲି ଆଶା କରାଯାଉଛି। କୋଭିଡ କଟକଣା ସତ୍ତ୍ୱେ ପର୍ବ ପାଳନରେ ଲୋକଙ୍କ ଉତ୍ସାହ କମି ନାହିଁ । ପରମ୍ପରାକୁ ବଜାୟ ରଖିବା ପାଇଁ ଆଜି ବି ଆକାଶରେ ଉଡୁଛି କାଁ ଭାଁ ରଙ୍ଗ ବେରଙ୍ଗର ଗୁଡ଼ି ।

# ଓଡ଼ିଆ ପରମ୍ପରା ମକରରେ ସ୍ନାନ ଓ ଦାନର ମହତ୍ତ୍ୱ





ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

> ବାର ମାସରେ ତେର ପର୍ବ ପାଳନ କରାଯାଏ ଆମ ପବିତ୍ର ଓଡିଶା ମାଟିରେ । ଧର୍ମ ଓ ପରମ୍ପରାର ରାଜ୍ୟ ଓଡ଼ିଶାରେ ମକର ପର୍ବ ବେସ ଗୁରୁତ୍ୱ ରଖେ। ଭାରତୀୟ ପାଞ୍ଜି ଅନୁସାରେ ମକରଠାରୁ ଦିନ ବଡ ହେବା ଆରମ୍ଭ ହୁଏ । ଇଂଲିସ କ୍ୟାଲେଣ୍ଡର ହିସାବରେ ପ୍ରତିବର୍ଷ ଜାନୁଆରୀ ୧୪ କିମ୍ବା ୧୫ରେ ଆସିଥାଏ ମକର। ଏହି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି। ଅର୍ଥାତ୍ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କ ଆଡକୁ ଢଳିଥାଏ। ପରମ୍ପରା ଅନୁସାରେ ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି।

ବାର ମାସରେ ତେର ପର୍ବ ପାଳନ କରାଯାଏ ଆମ ପବିତ୍ର ଓଡିଶା ମାଟିରେ । ଧର୍ମ ଓ ପରମ୍ପରାର ରାଜ୍ୟ ଓଡ଼ିଶାରେ ମକର ପର୍ବ ବେସ ଗୁରୁତ୍ୱ ରଖେ । ଭାରତୀୟ ପାଞ୍ଜି ଅନୁସାରେ ମକରଠାରୁ ଦିନ ବଡ ହେବା ଆରମ୍ଭ ହୁଏ । ଇଂଲିସ କ୍ୟାଲେଣ୍ଡର ହିସାବରେ ପ୍ରତିବର୍ଷ ଜାନୁଆରୀ ୧୪ କିମ୍ବା ୧୫ରେ ଆସିଥାଏ ମକର। ଏହି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି। ଅର୍ଥାତ୍ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କ ଆଡକୁ ଢଳିଥାଏ। ପରମ୍ପରା ଅନୁସାରେ ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି। ଦେଶର ବିଭିନ୍ନ ରାଜ୍ୟରେ ଏହି ପର୍ବକୁ ଅଲଗା ଅଲଗା ନାମରେ ପାଳନ କରାଯାଏ। ଏହା ମଧ ବିଶ୍ୱାସ କରାଯାଏକି ଆଜି ଠାରୁ ହଜାର ବର୍ଷ ପୂର୍ବେ ମକର ସଂକ୍ରାନ୍ତି ୩୧ ଡିସେମ୍ବରରେ ପାଳନ କରାଯାଉଥିଲା। ଗତ ଏକ ହଜାର ବର୍ଷରେ ଏହାର ଦୁଇ ସପ୍ତାହ ଆଗକୁ ଘୁଞ୍ଚିଯିବା ଯୋଗୁଁ ୧୪ ଜାନୁୟାରୀରେ ଏହା ପାଳନ କରାଯାଉଛି। ଏବେ ସୂର୍ଯ୍ୟଙ୍କର ଚଳନ ଆଧାରରେ ଏହା ଅନୁମାନ କରାଯାଏ। ପାଞ୍ଚ ହଜାର ବର୍ଷ ପରେ ମକର ସଂକ୍ରାନ୍ତି ଫେବୃୟାରୀ ମାସର ଶେଷରେ ପାଳନ କରାଯିବ ବୋଲି ଅନୁମାନ କରାଯାଏ । ତେବେ ଏହି ପର୍ବକୁ ଓଡ଼ିଶାରେ ବହୁତ ଜାକଜକମରେ ପାଳନ କରାଯାଇଥାଏ। ବିଭିନ୍ନ ସ୍ଥାନରେ ବିଭିନ୍ନ ଭାବରେ ମକର ପାଳିତ ହୋଇଥାଏ। କେଉଁଠି କୁକୁଡ଼ା ଲଢ଼େଇ କରି ଏହି ପର୍ବକୁ ପାଳନ କରାଯାଇଥାଏ ତ ପୁଣି କେଉଁଠି ଭଗବାନଙ୍କୁ ଆରାଧନା କରି ଏହି ପର୍ବକୁ ପାଳନ କରାଯାଇଥା।

ଆମ କୃଷିକାରୀ ସଂସ୍କୃତିରେ ଏହି ସଂକ୍ରାନ୍ତିର ମହତ୍ତ୍ୱ ହେଉଛି, ଏହି ସମୟକୁ ଧାନ, ଆଖୁ ଆଦି ଶୀତକାଳୀନ ଫସଲ ଅମଳର ସମୟ ହୋଇଥାଏ। ସେ ଦୃଷ୍ଟିରୁ ଏହି ଦିନ ନୂଆ ଅରୁଆ ଚାଉଳ ଓ ନୂଆ ଗୁଡ଼ ସହିତ, ନଡ଼ିଆ, ଛେନା, କଦଳୀ ଏବଂ ଘିଅ ଓ ଦୁଧ ଆଦି ମିଶାଇ 'ମକର-ଚାଉଳ' ପ୍ରସ୍ତୁତ କରାହୁଏ। ତାହାକୁ ଦେବ-ଦେବୀଙ୍କୁ ଭୋଗ ଲଗାଯାଏ। ଶିବ, ସୂର୍ଯ୍ୟନାରାୟଣ ଓ ମକର-ମାଧବ ଏହି ସଂକ୍ରାନ୍ତିର ଉପାସ୍ୟ ଦେବତା। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେତୁ ଏହି ଦିନଟିକୁ ଯେ ଏକଦା ନୂଆବର୍ଷ ରୂପେ ଗ୍ରହଣ କରାଯାଉଥିଲା, ତାହାର ପ୍ରମାଣ ଶ୍ରୀଜଗନ୍ନାଥ ମନ୍ଦିରର କେତେକ ରୀତିନୀତିରେ ମିଳେ। ଶ୍ରୀମନ୍ଦିରରେ ଏହା ଏକ ତିନିଦିନିଆ ଉତ୍ସବ। ମକର ସଂକ୍ରାନ୍ତିର ପୂର୍ବଦିନ 'ଚାଉଳ ମେଲାଣ' ଓ 'ଫୁଲ ମେଲାଣ' ଏବଂ ତା' ପୂର୍ବଦିନ 'ଦୁଧ ମେଲାଣ' ରୂପେ ଏହା ପାଳିତ ହୋଇଥାଏ। ଶ୍ରୀମନ୍ଦିରର 'ସ୍ୱତ୍ୱଲିପି' ଅନୁସାରେ, 'ଦୁଧମେଲାଣ' ନୀତିରେ 'ଦେଶ'ମାନଙ୍କରୁ ଗୋପାଳମାନେ ଦୁଧଭାର ଆଣି ଆସନ୍ତି ଏବଂ ଜଗନ୍ନାଥବଲ୍ଲଭ ମଠରେ 'ଗୋଧନ' (ଗୋ-ଦୋହନ) ନୀତି ସଂପନ୍ନ ହୁଏ। ସେହି ଦୁଧକୁ ଘଣ୍ଟ, ଛତା ଓ କାହାଳୀ ସହ ଶ୍ରୀମନ୍ଦିରକୁ ନିଆଯାଏ। ସେହିପରି 'ଚାଉଳ ମେଲାଣ' ନୀତିରେ 'ଧାନଘର'ଠାରୁ ବେରବୋଇର ପ୍ରଧାନ ଚାଉଳ ବିଜେ କରନ୍ତି। ସେହି ଚାଉଳକୁ ପଟୁଆର କରି ବଡ଼ଦେଉଳ ପରିକ୍ରମା କରାଯାଏ। 'ଫୁଲମେଲାଣ'ରେ ମାଳିମାନେ ଶ୍ରୀମନ୍ଦିରକୁ ମାଳଚୂଳ ଘେନି ଆସନ୍ତି ଏବଂ ତାହାକୁ ଶ୍ରୀମନ୍ଦିର ପରିକ୍ରମା କରାଯିବା ପରେ, ଖୁଣ୍ଟିଆ ସେବକ ନେଇ ସଂଧ୍ୟା ଆଳତି ବେଶରେ ଲାଗି କରାନ୍ତି। ଏହି ଅବସରରେ ମକର ସଂକ୍ରାନ୍ତିର ପୂର୍ବଦିନ ଶ୍ରୀଜଗନ୍ନାଥଙ୍କର 'ନବାଙ୍କ' ବେଶ ମଧ ହୋଇଥାଏ। ଏହିଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି କରାଯାଇଥାଏ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ସରିବା ପରେ ଶ୍ରୀଜିଉମାନଙ୍କର ପଟା ପହରଣ ଲାଗି କରାଯାଇଥାଏ । ପରେ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଥାଏ। ଏହାପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କୁ ବେଶ କରାଯାଇଥାଏ। ଏହାପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକରବେଶ ହୋଇଥାନ୍ତି। ତେବେ ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ଏହି ମକର ସଂକ୍ରାନ୍ତି ଦିନ ଜଗନ୍ନାଥଙ୍କ ଦର୍ଶନରେ ରାଜସୂୟ ଯଜ୍ଞର ଆଳତୀ ପ୍ରାପ୍ତି ହୋଇଥାଏ । ଯେଉଁ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରି ବିଧିପୂର୍ବକ ବେଢ଼ା ପ୍ରଦକ୍ଷିଣ କରନ୍ତି, ସେମାନେ ପୁଣ୍ୟଲାଭ ସହିତ ମୁକ୍ତିଲାଭ କରିଥାଆନ୍ତି । ମକରରେ ଗୁଡି ଉଡା କଟିକିଆଙ୍କ ସୌକ ଓ ପରମ୍ପରାରେ ସାମିଲ ହୋଇଛି । ମକର ଆସିଲେ କଟକ ଆକାଶରେ ଘୁରି ବୁଲନ୍ତି ରଙ୍ଗ ବେରଙ୍ଗର ଗୁଡି । ପିଲାଠାରୁ ବୟସ୍କ, ସମସ୍ତେ ଗୁଡି ଉଡାର ମଜା ନେଇଥାନ୍ତି। ମକରରେ କଟକ ସମେତ ଓଡିଶା ତଥା ଭାରତର ପ୍ରାୟ ଅଞ୍ଚଳରେ ଆକାଶରେ ଦେଖିବାକୁ ମିଳେ ଗୁଡି ଉଡା ଲଢେଇ । ମକର ସଂକ୍ରାନ୍ତିରେ ରାଶିରେ ତିଆରି ଲଡୁ ବା ମିଠା ଖାଇବାର ମଧ ପରମ୍ପରା ରହିଛି। ଶ୍ରୀମଦଭାଗବତ ଏବଂ ଶ୍ରୀମଦ୍ଦେବୀଭାଗବତ ମହାପୁରାଣ ଅନୁସାରେ ଶନିଦେବଙ୍କର ନିଜ ପିତା ସୂର୍ଯ୍ୟଙ୍କ ସହ ପଡ଼େନି। ସୂର୍ଯ୍ୟ ନିଜର ପ୍ରଥମ ପତ୍ନୀ ଓ ଦ୍ୱିତୀୟ ପତ୍ନୀ ଏବଂ ତାଙ୍କର ଦ୍ୱିତୀୟ ପତ୍ନୀଙ୍କ ସନ୍ତାନ ମଧରେ ଭେଦଭାବ କରୁଥିବା ଜାଣିବାକୁ ପାଇଥିଲେ। ସେଥିପାଇଁ ଶନିଦେବ ରାଗିଯାଇ ସୂର୍ଯ୍ୟଙ୍କୁ କୁଷ୍ଠରୋଗର ଅଭିଶାପ ଦେଇଥିଲେ। ରୋଗମୁକ୍ତ ସୂର୍ଯ୍ୟ ଶନିଙ୍କ ଘର ଅର୍ଥାତ କୁମ୍ଭ ରାଶିକୁ ଜଳାଇ ଦେଇଥିଏ। କିନ୍ତୁ ପରେ ନିଜ ପୁତ୍ରକୁ କଷ୍ଟରେ ଦେଖି ଶନି ନିଜ ପୁତ୍ରକୁ ସାକ୍ଷାତ କରିବାକୁ ଶନିଙ୍କ ଘରେ ପହଂଚିଥିଲେ। ସେଠାରେ ସେ ଯାଇ ଦେଖିଲେ ଶନିଙ୍କ ଘରେ ଅର୍ଥାତ କୁମ୍ଭ ରାଶିରେ ରାଶିକୁ ଛାଡି ସବୁକିଛି ଜଳି ଯାଇଥିଲା। ଶନି ସୂର୍ଯ୍ୟଙ୍କୁ ରାଶି ଭୋଗ ଦେଇଥିଲେ। ଏହାପରେ ଶନିଙ୍କୁ ନିଜ ବୈଭବ ପୁଣି ମିଳିଥିଲା। ସେହିଦିନ ଠାରୁ ମକର ସଂକ୍ରାନ୍ତିରେ ରାଶି ଖାଇବାର ପରମ୍ପରା ଚାଲିଆସିଛି। ମକର ସଂକ୍ରାନ୍ତି ଦିନ ରାଶି ଓ ଖେଚେଡ଼ି ଖାଇବାର ବୈଜ୍ଞାନିକ ମହତ୍ତ୍ୱ ମଧ ରହିଛି। ଏହି ସମୟରେ ଦେଶର ଅନେକ ସ୍ଥାନରେ ଶୀତ ଲହରୀ ଜାରି ରହିଥାଏ। ସୂର୍ଯ୍ୟ ଗୋଟିଏରୁ ଅନ୍ୟ ରାଶିକୁ ଗତି କଲେ ପାଣିପାଗରେ ପରିବର୍ତ୍ତନ ହୋଇଥାଏ। ସେଥିପାଇଁ ନାନା ରୋଗ ବ୍ୟାଧିର ଆଶଙ୍କା ମଧ ରହିଥାଏ। ରାଶି ଏବଂ ଖେଚେଡ଼ିରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀରକୁ ଗରମ ରଖିବା ସହ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ରାଶି ଓ ଖେଚେଡ଼ି ଖିଆଯାଇଥାଏ। ଦକ୍ଷିଣ ଓଡ଼ିଶାର ଗଣପର୍ବ ଭାବେ ପାଳିତ ହୋଇଥାଏ ମକର ସଂକ୍ରାନ୍ତି। ଆନ୍ଧ୍ର ସୀମାବର୍ତ୍ତୀ ଗଜପତି ଜିଲ୍ଲାରେ ଅଧିକାଂଶ ତେଲୁଗୁ ଭାଷାଭାଷୀ ଲୋକ ରହୁଥିବାରୁ ପୋଙ୍ଗଲ ବା ପାଣ୍ଡୁକୁ ଭାବେ ଏହି ଉତ୍ସବକୁ ବହୁ ଜାକଜମକରେ ପାଳିଥାନ୍ତି ଏଠାକାର ବାସିନ୍ଦା। କୋଭିଡ କଟକଣା ସତ୍ତ୍ୱେ ପର୍ବ ପାଳନରେ ଉତ୍ସାହ କିଛି କମିନାହିଁ। ପୋଙ୍ଗଲ ପର୍ବର ପ୍ରଥମ ରାତିରେ ଭୋଗୀ ରାବଣକୁ ପୋଡ଼ିଥାନ୍ତି । ଘରର ସବୁ ଅଦରକାରୀ ଜିନିସକୁ ପୋଡ଼ିଥାନ୍ତି । କାରଣ ଏହା କରେ ତାଙ୍କର ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ କରିଥାନ୍ତି। ସେହିଭଳି ସମ୍ବଲପୁର ଜିଲ୍ଲା ଠେମେରା ଗାଁ ରେ ଧୁମଧାମରେ ପାଳିତ ହୁଏ ଏହି ଯାତ୍ରା। ଜାନୁଆରୀ ୧୪ଏ୍ୱ ୧୫ ଦୁଇଦିନ ଧରି ଏଠାରେ ଧୁମ ଧାମରେ ପାଳିତ ହୁଏ ମକର ମେଳା। ଦୁଇଟି ସୁସଜ୍ଜିତ ରଥ ତିଆରି ହୁଏ ଆଉ ଗୋଟିଏ ଶିବ ପାର୍ବତୀ ଏବଂ ଆଉ ଗୋଟିଏ ରଥରେ ରାଧା କୃଷ୍ଣ ବିରାଜିଥାନ୍ତି। ୧୫ ତାରିଖରେ ହରି ହର ଭେଟ ହୋଇଥାଏ। ଏହାକୁ ଦେଖିବା ପାଇଁ ହଜାର ହଜାର ଭକ୍ତ ଙ୍କ ସମାଗମ ହୋଇଥାଏ। ଆଉ ଏଠାରେ ମକର ଚାଉଳ ଖାଇବା ସହ ଅନେକ ଯୁବତୀ ମକର ବସିଥାନ୍ତି।

# ମକର ସଂକ୍ରାନ୍ତିର ମହତ୍ତ୍ୱ



ବୈଷ୍ଣବ ମେହେର

ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କ ସଂକ୍ରମଣ ବା ଗୋଟିଏ ରାଶିରୁ ଅ୍ୟ ରାଶିକୁ ଚଳନ କରିବାର ଦିନ। ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ଉକ୍ତ ରାଶିରେ ଏକ ମାସ ଅବସ୍ଥାନ କରନ୍ତି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରିଥାନ୍ତି। ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅମାସ ଅବସ୍ଥାନ କରୁଥିବା ବେଳେ ଏହି ସମୟରେ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ ଓ ମନ୍ଦିର ପ୍ରତିଷ୍ଠା ଆଦି ଶୁଭ କର୍ମ ପାଇଁ ପ୍ରକୃଷ୍ଟ ସମୟ ବୋଲି ଧରାଯାଏ। ଏହି ସମୟରେ କରାଯାଉଥିବା ପୁଣ୍ୟ କର୍ମର ଶହେ ଗୁଣ ଭଲ ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଆଲୋକ, ଜୀବନ ଓ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ବିଶେଷତଃ ହିନ୍ଦୁ ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ତିଥିରେ ପୂଜାର୍ଚ୍ଚନା କରାଯାଏ। ସୂର୍ଯ୍ୟଙ୍କ ଉପାସନା ଦ୍ୱାରା ଶାରୀରିକ, ଭୌତିକ ଓ ମାନସିକ ସମସ୍ୟାରୁ ମୁକ୍ତି ମିଳିଥାଏ। ମକର ସଂକ୍ରାନ୍ତିରୁ ପ୍ରକୃତିରେ କ୍ରାନ୍ତିର ପ୍ରାରମ୍ଭ ହେବା ସହ ଦିବ୍ୟ ବାତାବରଣ ସୃଷ୍ଟି ହେବା ସହ ଜନଜୀବନରେ ନୂତନ ଉନ୍ମାଦନା ଓ ଆଶାର ସଂଚାର ହେଉଥିବାରୁ ମଣିଷ ଜୀବନ ଉପରେ ମକର ସଂକ୍ରାନ୍ତି ପର୍ବର ବହୁଳ ପ୍ରଭାବ ରହିଛି। ମକର ସଂକ୍ରାନ୍ତିକୁ ନେଇ ଭାରତୀୟ ସଂସ୍କୃତିରେ ଏକାଧିକ ବିଶ୍ୱାସ ରହିଛି। ଏହି ଦିନ ଗଙ୍ଗାମାତା ଭାଗୀରଥିଙ୍କ ପଛେପଛେ ଆସି ସାଗରରେ ମିଶିଥିଲେ। ଏହି ତିଥିରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ଘଟିଥାଏ, ସେମାନଙ୍କର ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ। ସେଥିପାଇଁ ସୂର୍ଯ୍ୟ କର୍କଟ କ୍ରାନ୍ତିରେ ଥିବା ଯୋଗୁଁ ଇଚ୍ଛାମୃତ୍ୟୁ ବରଦାନ ପାଇଥିବା ପିତାମହ ଭୀଷ୍ମ ଯୁଦ୍ଧଭୂମୀରେ ଶରଶଯ୍ୟାରେ ପଡ଼ି ରହି ଶରୀର ତ୍ୟାଗ ପାଇଁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ବା ମକର ସଂକ୍ରାନ୍ତିକୁ ଅପେକ୍ଷା କରିଥିଲେ। ଏହି ଦିନ ଚାଉଳ ଓ ଡାଲିରେ ତିଆରି ଖେଚେଡ଼ି ଖାଇବାର ସ୍ୱତଂତ୍ର ମହତ୍ତ୍ୱ ରହିଛି । ଚାଉଳକୁ ଚଂଦ୍ରମା ଓ ଡାଲିକୁ ଶନିଙ୍କ ପ୍ରତୀକ ଭାବରେ ଗ୍ରହଣ କରାଯାଏ। ସେହିପରି ଅନ୍ୟ ସବୁଜ ପରିବା ଗୁଡ଼ିକୁ ବୁଧଙ୍କ ପ୍ରତୀକ କୁହାଯାଏ। ଏସବୁର ସଂପର୍କ ମଙ୍ଗଳ ଓ ସୂର୍ଯ୍ୟଙ୍କ ସହ ରହିଥିବାରୁ ଏହି ସବୁର ଖେଚେଡ଼ି ସେବନ କଲେ ଏଥିସହ ସଂପର୍କିତ ଗ୍ରହଙ୍କ ସକରାତ୍ମକ ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ପଡୁଥିବା ବିଶ୍ୱାସ କରାଯାଏ। ଏକ ପୌରାଣିକ କଥାବସ୍ତୁ ଅନୁଯାୟୀ ମକର ସଂକ୍ରାନ୍ତିରେ ରାଶି ଖାଇବାର ଅନନ୍ୟ ପରମ୍ପରା ବହୁଦିନରୁ ଚାଲିଆସିଛି। ଅନ୍ୟପକ୍ଷରେ ବୈଜ୍ଞାନିକ ଦୃଷ୍ଟି କୋଣରୁ ଯଦି ବିଚାର କରାଯାଏ ତେବେ ଏହି ସମୟରେ ଦେଶର ଅନେକ ସ୍ଥାନରେ ଶୀତ ଲହରୀ ଜାରି ରହିଥିବାରୁ ପ୍ରବଳ ଶୀତ ଅନୁଭୁତ ହେଉଥାଏ, ପୁନଶ୍ଚ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଗୋଟିଏ ରାଶିକୁ ଗତି କଲେ ପାଣିପାଗରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଫଳରେ ଏହି ସମୟରେ ନାନା ରୋଗ ବ୍ୟାଧିର ଆଶଙ୍କା ରହିଥାଏ। ଅନ୍ୟପକ୍ଷେ ରାଶି ଓ ଖେଚେଡ଼ିରେ ଅନେକ ପୋଷକ ତତ୍ତ୍ୱ ରହିଥିବାରୁ ଏହା ଶରୀରକୁ ଗରମ ରଖିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ। ମକର ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀଜିଉ ମାନଙ୍କର ପଟା ପହରଣ କରାଯାଇ ମକର ଲାଗି କରାଯାଏ। ଏହା ପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହ ମାନଙ୍କୁ ବେଶ କରାଯାଇଥାଏ। ବିଶ୍ୱାସ ଅନୁସାରେ ମକର ସଂକ୍ରାନ୍ତିରେ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ରାଜସୂୟ ଯଜ୍ଞର ଆଳତୀ ପ୍ରାପ୍ତିର ସୌଭାଗ୍ୟ ଲାଭ କରିହୁଏ ।

ଭାରତର ବିଭିନ୍ନ ଭାଗରେ ମକର ସଂକ୍ରାନ୍ତିକୁ ଭିନ୍ନଭିନ୍ନ ନାମରେ ପାଳନ କରାଯାଇଥାଏ। ଓଡ଼ିଶା ସମେତ ଗୋଆ, ହରିଆଣା, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆଦିରେ ମକର ସଂକ୍ରାନ୍ତି ଓ କର୍ଣ୍ଣାଟକ, କେରଳ, ଆଂଧ୍ର ପ୍ରଦେଶରେ ସଂକ୍ରାନ୍ତି ପର୍ବ ଭାବରେ ପାଳନ କରାଯାଉଥିବା ବେଳେ ତାମିଲନାଡୁରେ ପୋଙ୍ଗଲ, ପଞ୍ଜାବରେ ଲୋହଡ଼ି, ହରିଆଣା ଓ ହିମାଚଳ ପ୍ରଦେଶରେ ମାଘି ଓ ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଏହାକୁ ଖିଚିଡ଼ି ସଂକ୍ରାନ୍ତି ଭାବରେ ପାଳନ କରାଯାଇଥାଏ। ସେହିପରି ବଙ୍ଗରେ ପୌଷ ସଂକ୍ରାନ୍ତି, କାଶ୍ମୀରରେ ଶିଶୁର୍ ସେକ୍ରାନ୍ତି ଏବଂ କର୍ଣ୍ଣାଟକରେ ମକର ସଂକ୍ରାନ୍ତି, ତିଲୁଡ୍ ପର୍ବ ଭାବେ ଜଣାଯାଏ।

ମକର ସଂକ୍ରାନ୍ତି କେବଳ ଏକ ପାରମ୍ପରିକ ପର୍ବ ନୁହେଁ, ବରଂ ଭାରତୀୟ ସମାଜରେ ଭାଇଚାରା ସୃଷ୍ଟି ସହ ପରସ୍ପର ମଧ୍ୟରେ ସ୍ନେହ ପ୍ରେମ ଉଜ୍ଜିବିତ କରିବାରେ ଏହି ପର୍ବର ପ୍ରମୁଖ ଭୂମିକା ସର୍ବଦା ରହିଆସିଛି। ଏହି ପର୍ବରେ ମକର ଚାଉଳର ବିଶେଷ ମହତ୍ତ୍ୱ ରହିଥିବା ବେଳେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପରକୁ ମକର ଚାଉଳ ଦେଇ ମକର ବା ବନ୍ଧୁ ବସିବାର ନିଆରା ପରମ୍ପରା ଭାରତୀୟ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରିରେ ବେଶ ହୋଇପାରିଛି।

+ସିନାପାଲି,ନୂଆପଡ଼ା

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଞ୍ଚାୟତ ନିର୍ବାଚନ ବିଗୁଲ୍...

ରାଜ୍ୟରେ ପଞ୍ଚାୟତ ନିର୍ବାଚନର ବିଗୁଲ ବାଜିବା ଆରମ୍ଭ କରିଛି । ଆସନ୍ତା ଫେବ୍ରୁଆରୀରେ ପଞ୍ଚାୟତ ବ୍ୟବସ୍ଥାର ବିଭିନ୍ନ ଅଙ୍ଗ ଲାଗି କୋଭିଡ କଟକଣା ଭିତରେ ମତଦାନ କରାଯିବ ବୋଲି ଘୋଷଣା କରାଯାଇଛି । ସଂକ୍ରମଣର ତୀବ୍ରତା ମଧ୍ୟରେ ରାଜ୍ୟ ନିର୍ବାଚନ କମିସନର ପାଞ୍ଚ ପର୍ଯ୍ୟାୟରେ ଭୋଟଦାନ କରାଯିବା ନେଇ ଘୋଷଣା କରିବା ପରେ ରାଜନୈତିକ ବାତାବରଣରେ ଉଷ୍ମତା ସୃଷ୍ଟି ହୋଇଛି । ଫେବ୍ରୁଆରି ୧୬, ୧୮, ୨୦, ୨୨ ଓ ୨୪ତାରିଖରେ ଏହିଭଳି ପାଞ୍ଚ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଜିଲ୍ଲା ପରିଷଦ ଜୋନ୍, ପଂଚାୟତ ଓ ୱାର୍ଡଗୁଡ଼ିକରେ କେଉଁ ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି ତାହାର ସାରଣୀ ମଧ୍ୟ ପ୍ରକାଶିତ ହୋଇଛି । ଫେବ୍ରୁଆରି ୨୬ରୁ ୨୮ ଗଣତି ଏବଂ ଫଳାଫଳ ଘୋଷଣା କରାଯିବାପାଇଁ ଦିନ ସ୍ଥିର କରିଛନ୍ତି କର୍ତ୍ତୃପକ୍ଷ । ଚଳିତ ମାସ ୧୭ରୁ ୨୧ରେ ସମ୍ଭାବ୍ୟ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ଦାଖଲ କରିବେ। ସମଗ୍ର ପ୍ରକ୍ରିୟା ମାର୍ଚ୍ଚ ୨୫ରେ ସରିବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି । କେନ୍ଦ୍ର ନିର୍ବାଚନ ଆୟୁକ୍ତ କରୋନାର କାୟା ବିସ୍ତାର ଭିତରେ ଯେଉଁଭଳି ପାଞ୍ଚଟି ରାଜ୍ୟରେ ଭୋଟଗ୍ରହଣ ତିଥି ନିର୍ଘଣ୍ଟ ଜାରି କରିଛନ୍ତି, ପ୍ରାୟ ସମାନ ଢାଞ୍ଚାରେ ରାଜ୍ୟରେ ମତଦାନ ସକାଶେ ବିଜ୍ଞପ୍ତି ଘୋଷିତ ହୋଇଛି । ଏମିତିରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ମାନ ପ୍ରଦାନ କରାଯାଇ ମତଦାନ କରାଯିବ ବୋଲି କୁହାଯିବା ଭିତରେ ଉଭୟ କ୍ଷେତ୍ରରେ ସମାନ ଯୁକ୍ତି ଦର୍ଶାଯାଇଛି । ମାତ୍ର ସେଥିରେ ଗୋଟିଏ ବଡ଼ କିଁ ଅବଶ୍ୟ ରହିଛି । ତାହା କେବଳ ସମସ୍ତେ ଜାଣନ୍ତି, ତାହା ନୁହେଁ କରୋନା ମହାରାକ୍ଷସର କାୟାବିସ୍ତାର ନେଇ ଆତଙ୍କ ଲାଗି ରହିଥିଲେ ସୁଦ୍ଧା ପୂର୍ବଥରଭଳି ନିର୍ବାଚନ କରାଇନେବା ପାଇଁ କର୍ତ୍ତୃପକ୍ଷ ସ୍ଥିର କରିବା କେତେଦୂର ଠିକ୍, ସେହି ପ୍ରଶ୍ନ ସମସ୍ତଙ୍କ ଭିତରେ ରହିଛି । ଏଥର ବଡ଼ ଧରଣର ସଭା, ସମାବେଶ କି' ଶୋଭାଯାତ୍ରା ହେବନି । ଦୁଇଥର ସଂକ୍ରମଣର ଲହରୀ ଅଭିଜ୍ଞତା ଆଧାରରେ ଏବେ ରାଜ୍ୟର ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଲାଗିଛି । ସାମାଜିକ ଦୂରତା ଭଳି କଟକଣା ଲାଗିଛି । କିନ୍ତୁ ସମସ୍ତେ ତାହାକୁ କିଭଳି ଗମ୍ଭୀରତାର ସହ ନେଉଛନ୍ତି, ତାହାର ତଦାରଖ ନୂତନ ପରିପ୍ରେକ୍ଷୀରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ନିର୍ବାଚନ ସମୟ ଆସିଗଲେ ଦଳୀୟ କର୍ମୀମାନେ ଯେମିତି ଉଚ୍ଚାଟ ହୋଇ ଉଠନ୍ତି, ତାହାକୁ ଏଥର କିଭଳି ଓ କେତେ ମାତ୍ରାରେ ନିୟନ୍ତ୍ରିତ କରାଯାଇ ପାରୁଛି, ଦେଖିବାର କଥା । କରୋନା ଭୂତାଣୁ ଦିନକୁ ଦିନ ଅବତାର ବଦଳାଇବାରେ ଲାଗିଛି। ଟିକାକରଣକୁ ଅଧିକ ବ୍ୟାପକ କରି ସମସ୍ତ ନାଗରିକଙ୍କୁ ସୁରକ୍ଷା ବଳୟ ଭିତରକୁ ଆଣିବା ଯେମିତି ବିରାଟ ଆହ୍ୱାନ ହୋଇଛି, ସେଭଳି ଘୋଷିତ ପଞ୍ଚାୟତ ନିର୍ବାଚନକୁ ନିର୍ବିଘ୍ନ ଓ ନିରାପଦ ଭାବେ ସମ୍ପନ୍ନ କରାଯିବା ଅଧିକ ମହତ୍ତ୍ୱ ରଖୁଛି । ଉତ୍ତର ପ୍ରଦେଶ ଭଳି ବୃହତ୍ ରାଜ୍ୟ ସମେତ ପାଞ୍ଚଟି ରାଜ୍ୟରେ ସଭା ସମିତି ଉପରେ କଟକଣା ଘୋଷିତ ହୋଇଛି । ତାହାର ଅନୁପାଳନ ପାଇଁ ଜନ ସହଯୋଗ ଅଧିକ ଜରୁରି । ଜନସାଧାରଣ ଆପଣା ସ୍ୱାର୍ଥ ଦୃଷ୍ଟିରୁ କିଭଳି ଅବାଞ୍ଛିତ ସ୍ଥିତିଠାରୁ ଦୂରେଇ ରହି ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବେ, ତାହା ସେମାନଙ୍କ ଉପରେ ନିର୍ଭର କରୁଛି । ଦୁଇଥର ସଂକ୍ରମଣ ଲହରୀ ଜନିତ କ୍ଷୟକ୍ଷତି ଥିଲା ଅସୁମାରୀ । ଜୀବନ ଗଲା, ଜୀବିକା ବୁଡ଼ିଲା । ଅଣ୍ଟା ସଳଖିବା ସାମର୍ଥ୍ୟ ଏଯାବତ୍ ବିପର୍ଯ୍ୟସ୍ତ ଅର୍ଥନୀତିରେ ଆସିପାରିନାହିଁ । ଗୋଟିକ ପରେ ଗୋଟିଏ ଚୋଟି ଖାଇ ଅର୍ଥନୀତି ବେହାଲ ହୋଇସାରିଛି। ଆମ ରାଜ୍ୟରେ ପଞ୍ଚାୟତ ଭୋଟକୁ ୨୦୨୪ ସାଧାରଣ ନିର୍ବାଚନର ସେମି ଫାଇନାଲ ରୂପେ ଦେଖାଯାଉଛି । ଶାସକ ଓ ବିପକ୍ଷ ଦଳର ପ୍ରତିନିଧିମାନଙ୍କର ବୈଠକ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଦିତ୍ୟ ପ୍ରସାଦ ପାଢୀ ଡାକିଥିଲେ ଏବଂ ସେଥିରେ ଉପସ୍ଥିତ ବିଷମ ପରିସ୍ଥିତିରେ ଭୋଟ କରାଯିବା ନେଇ ମିଶ୍ରିତ ମତ ପ୍ରକାଶ ପାଇଥିଲା । ସବୁ ଶୁଣିବା ପରେ କମିଶନର ନିର୍ଘଣ୍ଟ ଘୋଷଣା କରିଛନ୍ତି । କରୋନା ମହାମାରୀ କଟକଣା ଲାଗୁ ରହିବା ଉଭୟ ଜୀବନ ଓ ଜୀବିକା ସ୍ୱାର୍ଥରେ । ମାତ୍ର ଭୋଟଦାନ କାଳରେ ତାହାର ଅନୁପାଳନ ଓ ତଦାରଖ ପୁଲିସ ଓ ପ୍ରଶାସନ ଦ୍ୱାରା ଯେତିକି ସମ୍ଭବ, ତାହା ସୀମିତ ସାଧନ ଭିତରେ ହେଲେ ସୁଦ୍ଧା ସଚେତନ ଜନସାଧାରଣଙ୍କ ସହଭାଗିତା ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ରାଜନୈତିକ ଦଳର ନେତା ଓ କର୍ମୀ ଏବଂ ପ୍ରଶାସନର ସହଯୋଗରେ କିଭଳି ବିଷମ ସମୟରେ ମତଦାନ ପ୍ରକ୍ରିୟା ସମ୍ପନ୍ନ ହେବ, ତାହା ଦେଖିବା ସମସ୍ତଙ୍କ ପାଇଁ ପ୍ରାଥମିକତା । ତେଣୁ ନିର୍ଦ୍ଧାରିତ ସମୟରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପ୍ରକ୍ରିୟା ସଂପାଦନ ହେବା ଯେତିକି ଜରୁରି, ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ମଧ୍ୟ ସେତିକି ମହତ୍ତ୍ୱ ବହନ କରେ। ଏଥିରେ ସରକାରଙ୍କର ଯେତିକି ଗୁରୁଦାୟିତ୍ୱ ରହିଛି, ରାଜନୈତିକ ଦଳ ଏବଂ ଖୋଦ୍ ସାଧାରଣ ଜନତା ମଧ୍ୟ ସେଥିରେ ତତୋଧିକ ମାତ୍ରାରେ ସହଯୋଗର ହାତ ବଢ଼ାଇବା ବାଞ୍ଛନୀୟ । ଅନ୍ୟଥା ଗଣତାନ୍ତ୍ରିକ ବିଧ ସଂପାଦନ କରୁକରୁ ନେଡ଼ିଗୁଡ଼ା କହୁଣୀକୁ ବୋହିଯିବା ପରି କରୋନାର ତୃତୀୟ ଲହର ସମସ୍ତଙ୍କୁ ନେଇ ନଇମଝିରେ ଭସାଇ ଦେଇଥିବ । ଆମମାନଙ୍କ ନିକଟରେ କରୋନାର ଦ୍ୱିତୀୟ ଲହରର ପ୍ରଳୟଙ୍କରୀ ତାଣ୍ଡବଲୀଳାର ତାଜା ଅନୁଭୂତି ରହିଛି। ତେଣୁ ସେଥିରୁ ଯେଉଁ ଶିକ୍ଷା ମିଳିଛି ତଦନୁସାରେ ଜଗିରଖି ସବୁ କାର୍ଯ୍ୟ ସଂପାଦନ କରିବା ହିଁ ବିଜ୍ଞତାର ପରିଚୟ ହେବ ।

## ମକର ବୁଡ଼



ବିପିନ ବିହାରୀ ମହାନ୍ତି

ମକର ସଂକ୍ରାନ୍ତି ଦିନଠୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ। ସୂର୍ଯ୍ୟଙ୍କର ଦୁଇଟି ଗତି ଅଛି। ଏହି ଗତି ଅନୁସାରେ ସୂର୍ଯ୍ୟ ବିଷୁବ ରେଖା ଉପରେ ଦୁଇଦିନ ରୁହନ୍ତି : ମାର୍ଚ୍ଚ ୨୧ ଏବଂ ସେପ୍ଟେମ୍ବର ୨୩। ଏହି ଦୁଇଦିନ ପୃଥିବୀର ଦିନରାତ୍ର ସର୍ବତ୍ର ସମାନ। ଅନ୍ୟଥା ସୂର୍ଯ୍ୟଙ୍କର ସ୍ଥିତିର ବ୍ୟତିକ୍ରମ ଅଛି। ସୂର୍ଯ୍ୟ ସିଦ୍ଧାନ୍ତମତେ ଦକ୍ଷିଣାୟନଗତି ଏବଂ ଉତ୍ତରାୟଣ ଗତି ଯଥାକ୍ରମେ କର୍କଟ ସଂକ୍ରାନ୍ତି ଏବଂ ମକର ସଂକ୍ରାନ୍ତି ଦିନ କରିବା ବିଧି ବର୍ଣ୍ଣିତ ହୋଇଛି।

'ମିଥୁନଂ ତୁ ପରି ତ୍ୟଜ୍ୟ
ଯଦା କର୍କଟେ ଗୋ ରବିଃ
ଅୟନାଖ୍ୟଂ ହରେଃପୂଜା
କୁର୍ଯ୍ୟାନଙ୍ଗଳପ୍ରାପ୍ତୟେ ॥
କାମୁକଂ ପରିତ୍ୟଜ୍ୟ
ମୃଗଂଗଚ୍ଛେତ ଯଦାରବିଃ
ଉତ୍ତରାୟଣ ସଂଜ୍ଞଃ
ସ୍ୟାଦୁସ୍ୱଂ କାରୟେଦ୍ଧରେଃ ॥

ଏହିଦିନ ଚନ୍ଦ୍ର ମୃଗଶିରା ନକ୍ଷତ୍ରରୁ ବିଦାୟ ନେଇ ପୁଷ୍ୟାକୁ ଏବଂ ସୂର୍ଯ୍ୟ ଧନୁରାଶିରୁ ମକର ରାଶିକୁ ଚଳିବେ। ଦେବୀ ପୁରାଣମତେ ଏହିଦିନ ତୀର୍ଥସ୍ଥାନମାନଙ୍କରେ ବୁଡ଼ ପକାଇଲେ, ସାତଜନ୍ମ ଯାଏଁ ନୀରୋଗ ଏବଂ ଧନବାନ୍ ହେବାକୁ ହୁଏ। ଏବୁଡ଼କୁ ନେଇ ଏକ ସୁନ୍ଦର କାହାଣୀ ଅଛି। ସୂର୍ଯ୍ୟବଂଶୀ ରାଜା ଭରତ। ତାଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ। ତତ୍କାଳୀନ ଭାରତର ରାଜଧାନୀ ଥିଲା ଅଯୋଧ୍ୟା। ଭରତ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଧର୍ମଶୀଳ ରାଜା ଥିଲେ। ଅନୁରୂପ ତାଙ୍କ ପୁତ୍ର ଅସୀତ୍ ବି ଧର୍ମାନୁରାଗୀ ଥିଲେ; କିନ୍ତୁ ସେ ପରାକ୍ରମୀ ନଥିବା ହେତୁ



ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହୋଇ ବନଗାମୀ ହେଲେ। ତାଙ୍କର ଦୁଇ ରାଣୀ ଥିଲେ। ପରିବାର କଳହରୁ ଜଣେ ବିଷପାନ କଲେ। ଅନ୍ୟଜଣକ ଔରସରୁ ଜନ୍ମନେଲେ ସଗର। ତାଙ୍କର ମଧ୍ୟ ଦୁଇ ପତ୍ନୀ ଥିଲେ। ପ୍ରଥମ ପତ୍ନୀଙ୍କ ଔରସରୁ ୬୦ହଜାର ପୁତ୍ର ଜନ୍ମ ନେଲେ। ଦ୍ୱିତୀୟଙ୍କ ଏକମାତ୍ର ସନ୍ତାନ। ତାଙ୍କ ନାମ ଥିଲା ଅସମଞ୍ଜ।

ସଗର ଅଶ୍ୱମେଧ ଯଜ୍ଞ ନିମନ୍ତେ ଏ ଷାଠିଏ ହଜାର ପୁତ୍ରଙ୍କୁ ଅଶ୍ୱକୁ ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଲେ। କାଳେ ଅଶ୍ୱମେଧ ଯଜ୍ଞକରି, ସଗର ସ୍ୱର୍ଗାଧିପତି ହୋଇଯିବେ ସେ ଭୟରେ ଇନ୍ଦ୍ର ଚକ୍ରାନ୍ତ କରି ଅଶ୍ୱଟିକୁ ପାତଳପୁରୀ କପିଳମୁନିଙ୍କ ଆଶ୍ରମକୁ ପଠାଇଦେଲେ। ସଗର ପୁତ୍ରମାନେ ଅଶ୍ୱକୁ ଖୋଜିଖୋଜି ସେଠି ପହଞ୍ଚିଲେ ଏବଂ ମୁନିଙ୍କୁ ଚୋର ବୋଲି କହି ଦୋଷାରୋପ କରିବାରୁ, ସେ ଅଭିଶାପ ଦେଇ

ସେମାନଙ୍କୁ ଭସ୍ମ କରିଦେଲେ। ଏମାନେ ନ ଫେରିବାରୁ ସଗର ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ଅସମଞ୍ଜଙ୍କ ପୁତ୍ର ଅର୍ଥାତ୍ ନାତି ଅଂଶୁମାନଙ୍କୁ ସେମାନଙ୍କ ଅନ୍ୱେଷଣରେ ପଠାଇଲେ ଏବଂ ଏ ସତ୍ୟ ଆବିଷ୍କାର କରି ସଗରଙ୍କୁ ଜଣାଇଲେ। ତେବେ ପିତୃବ୍ୟମାନଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ କରିବାକୁ ଗଲାବେଳେ, ଗୋଟିଏ ପକ୍ଷୀ ଅଂଶୁମାନଙ୍କୁ କହିଥିଲା ଯେ ଜଳ କି ତିଳତର୍ପଣ ନୁହେଁ, ସେମାନଙ୍କର ମୁକ୍ତି ପାଇଁ ଗଙ୍ଗାଙ୍କର ପବିତ୍ର ଧାରାର ସ୍ପର୍ଶ ଦରକାର ଅଛି। ସେଥିପାଇଁ ଅଂଶୁମାନ କଠୋର ତପସ୍ୟା କଲେ ମଧ୍ୟ, ତାହା ନିରର୍ଥକ ହେଲା। ତା'ପରେ ତାଙ୍କ ପୁତ୍ର ଦିଲ୍ଲୀପ ମଧ୍ୟ ଚେଷ୍ଟା କରି ବିଫଳ ହେଲେ। ସେ ନିଃସନ୍ତାନ ଥିଲେ। ତାଙ୍କର ଦୁଇ ବିଧବା ପତ୍ନୀ ଭଦ୍ରା ଓ ସୁଭଦ୍ରାଙ୍କୁ ବଂଶରକ୍ଷା ନିମନ୍ତେ ପ୍ରେମାବଦ୍ଧ ହେବାକୁ ଏୖବରଷି ପରାମର୍ଶ ଦେଲେ। ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହେଲେ ଏବଂ ମାଂସପିଣ୍ଡୁଳାଟିଏ ଜନ୍ମ ଦେଲେ। ପୁଣି ଋଷିଙ୍କ ପରାମର୍ଶ କ୍ରମେ ରାଣୀ ତାକୁ ରାଜପଥରେ ଶୁଆଇ ଦେଲେ। ସେହି ସମୟରେ ଅଷ୍ଟବକ୍ର ଋଷି ଯାଉଥିବା ବେଳେ ମାଂସ ପୁଣ୍ଡୁଳିଟି ଦୃଷ୍ଟିଗୋଚର ହେଲା। ସେହି ମାଂସ ପିଣ୍ଡୁଳାଟିର ଅସ୍ଥିର ରୂପ ଦେଖି କାଳେ ଏହା ତାଙ୍କୁ ବିଦ୍ରୁପ କରୁଛି ବୋଲି ଭାବି ସେ ଅଭିଶାପ ଦେଲେ। କହିଲେ : ଉପହାସ କରୁଥିଲେ ଧ୍ୱଂସ ପାଇଯାଅ।' ନୋହିଲେ ପାଲଟିଯାଅ ଦିବ୍ୟ ପୁରୁଷ।

ଅଭିଶାପ ଆଶୀର୍ବାଦ ହେଲା। ସେ ହେଲେ ଭଗୀରଥ।

ଭାଗୀରଥ ପୂର୍ବ ପୁରୁଷଙ୍କ କାହାଣୀ ଶୁଣିଲେ ଏବଂ ସେମାନଙ୍କ ପାପଗ୍ରସ୍ତ ଦଗ୍ଧ ଶରୀର ଓ ଆତ୍ମାର ମୁକ୍ତି ନିମନ୍ତେ ପ୍ରତିଶ୍ରୁତି ବଦ୍ଧ ହେଲେ। ସେଥି ନିମନ୍ତେ ସେ ନିର୍ଘାତମୁନି, କପିଳାସ, ପ୍ରଜାପତି, ବୈକୁଣ୍ଠପୁରୀ ମେରୁଗିରି, ଏୖରାବତ, ଇନ୍ଦ୍ରପୁରୀ, ରୁଦ୍ରପୁରୀ, ଜହ୍ନରଷି, ଯମୁନା, ସରସ୍ୱତୀ ଏବଂ ମାଧବ ନାରାୟଣ ଇତ୍ୟାଦି ଧାମରେ ୧୨ବର୍ଷ ଲେଖାଏଁ ଧରି ୧୪୪ବର୍ଷ ତପଶ୍ଚାରଣ କରିଛନ୍ତି :

ଘୋର କଷ୍ଟରେ ତପକରି
ଜଳ ପବନ ପତ୍ରଚରି
ଅଇରାବତେ ଦନ୍ତାଘାତେ
ଗଙ୍ଗାବାହାରି ଗିରିପଥେ
ଆକାଶ ପଥେ ଗଙ୍ଗାଆଣି
ପ୍ରବେଶ କଲୁତୁ ଧରଣୀ।
ଗଂଗାଙ୍କ ସହିତ ପୂର୍ବ ପ୍ରତିଶ୍ରୁତି

ଅନୁସାରେ ଭଗୀରଥ ବାଟକଢ଼ାଇ ଆଗେ ଆଗେ ଶଙ୍ଖ ଫୁଙ୍କି ଫୁଙ୍କି ଚାଲିଲେ। ତାଙ୍କ ସହିତ ଅନ୍ୟମାନେ ମିଶି ପଞ୍ଚତୀର୍ଥ ହେଲେ :

ଗଙ୍ଗା ଯମୁନା, ଭାଗୀରଥୀ
ଗୟା ସଂଗମ ସରସ୍ୱତୀ
ଏ ପଞ୍ଚତୀର୍ଥ ଏକମେଳେ
ମିଳନ୍ତି ଯାଇ ସିନ୍ଧୁଜଳେ॥

ପୂର୍ବ ସର୍ତ୍ତାନୁସାରେ ସେଠାରେ ପ୍ରଥମେ ଭଗୀରଥ ପିତୃପୁରୁଷଙ୍କ ଅଭିଶପ୍ତ ଜ୍ୱଳନ୍ତ ଅଗ୍ନିକୁ ଲମ୍ଫପ୍ରଦାନ କଲେ। ପରେ ପରେ ଗଙ୍ଗାମାତା। ଏହିପରି ଅଭିଶପ୍ତ ସଗର କୁଳ ଉଦ୍ଧାରିଲେ ଭଗୀରଥ।

ଗଙ୍ଗାଙ୍କର ସାଗର ସହିତ ସଙ୍ଗମସ୍ଥଳି ହିଁ ଗଙ୍ଗାସାଗର। ମକର ସଂକ୍ରାନ୍ତିରେ ଦେବୀ ଗଙ୍ଗାଙ୍କ ଧାରା ସଗରମାନଙ୍କୁ ମୁକ୍ତ କରିଥିଲା ବୋଲି ଏହା ଏକ ପବିତ୍ର ଦିବସ। ଏହାକୁ ଏକ ପୂଣ୍ୟତିଥି ମନେକରି ଏଠାରେ ଓ ବିଭିନ୍ନ ନଦ ନଦୀରେ ମକର ବୁଡ଼ ପକାଯାଏ।

ଏହି ବୁଡ଼ ପରାଗତ ପିତୃ ପରୁଷଙ୍କର ମୋକ୍ଷାର୍ଥେ ପ୍ରଚଳିତ ବୋଲି ଲୋକଙ୍କ ବିଶ୍ୱାସରେ ଅଛି। ଏଣୁ ମକର ସଂକ୍ରାନ୍ତି ଦିବସରେ ପ୍ରାତଃକାଳେ ନଦନଦୀ ଅଥବା ଜଳାଶୟରେ ସ୍ନାନ ପୂର୍ବକ ଯଦି ଯଥାବିଧି ସୂର୍ଯ୍ୟ ନାରାୟଣଙ୍କର ପୂଜାର୍ଚ୍ଚନା କରାଯାଏ, ଅଶେଷ ପୁଣ୍ୟ ହେବ ବୋଲି ପୁରାଣ କୁହେ।


♥ ଅଧ୍ୟକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ବିକାଶ ନଗର,
ଜଟଣୀ, ଖୋର୍ଦ୍ଧା।
ମୋ : ୯୯୩୮୩୪୪୧୩୮


## ଓଡ଼ିଆ ଭାଷାର କଥା ସମ୍ରାଟ ଫକୀର ମୋହନ



ମୀରା ବେଉରା

ଯେଉଁ ସମୟରେ ଊନବିଂଶ ଶତାବ୍ଦୀରେ ମଧ୍ୟଭାଗରେ ଓଡ଼ିଆ ମାନଚିତ୍ରରେ ଓଡ଼ିଆ ଭାଷା ସାହିତ୍ୟ ନିଷ୍ପ୍ରଭ ହୋଇଥିଲା। ପୁଣି ଯେଉଁ ସମୟରେ ଇଂରେଜ ଶାସନାଧୀନ ଓଡ଼ିଶାରେ ସାମନ୍ତବାଦର ପ୍ରାଦୁର୍ଭାବରେ ଏବଂ ଅତ୍ୟାଚାରରେ ଦରିଦ୍ର, ନିଷ୍ପେଷିତ ଓଡ଼ିଆ ଜାତି ନିଜ ଭିଟାମାଟି ଛାଡ଼ି ବୃତ୍ତି ଅନ୍ୱେଷଣ କରୁଥିଲା ରେଙ୍ଗୁନ୍ କଲିକତାରେ। ଗୋଟିଏ ପଟେ ଜମିଦାରୀ ପ୍ରଥା ଅତିମାତ୍ରାରେ ସମାଜକୁ କଳୁଷିତ କରୁଥିଲା ଏବଂ ଆଉ ଗୋଟିଏ ପଟେ ଓଡ଼ିଆ ଭାଷା ଯେତେବେଳେ ତାର ଭେକ ଆଉ ସ୍ୱାଭିମାନକୁ ହରାଇ ଭିକ୍ଷାଥାଳି ଧରି ବୁଲୁଛି ଆଉ ମାଗୁଛି ମୁଠାଏ ଜୀବନମାତ୍ର। ସବୁଠୁ ଦୁଃଖର କଥା ବଙ୍ଗୀୟ ଜମିଦାରମାନଙ୍କ କବଳରେ ଓଡ଼ିଆ ଜାତି ଏକବାର ଅଣନିଃଶ୍ୱାସୀ ହୋଇ ତ୍ରାହି ତ୍ରାହି ଡାକୁଥିଲା। ବଙ୍ଗୀୟ ଲେଖକମାନେ ଯେତେବେଳେ କହି ଉଠୁଥିଲେ, "ଓଡ଼ିଆ ଏକଟା ଭାଷା"। ଆଉ ଏହି ଧ୍ୱନିରେ ପୁଣି ଓଡ଼ିଆ ଭାଷାକୁ ଯେତେବେଳେ ବଙ୍ଗାଳୀ ଭାଷା ସହିତ ମିଶାଇ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଲା ଠିକ୍ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁ ଯୋଗଜନ୍ମା ମହାପୁରୁଷ ଓଡ଼ିଆ ଜାତି ପ୍ରତି ଏଭଳି ଅପମାନକୁ ବରଦାସ୍ତ ନ କରି ଓଡ଼ିଆ ସାହିତ୍ୟରେ ଜାଗରଣ ପର୍ବ ଆରମ୍ଭ କରିଥିଲେ, ସେହି ସ୍ୱାଭିମାନୀ ଓଡ଼ିଆଙ୍କ ଭିତରେ କଥା ସମ୍ରାଟ ଫକୀର ମୋହନ ସେନାପତି ଥିଲେ ଅନ୍ୟତମ ସାହିତ୍ୟ ସ୍ରଷ୍ଟା। ସେଦିନ ୧୮୬୬ ମସିହାରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷର କ୍ଷୁଧାତୁର ଓଡ଼ିଆଙ୍କ ଆର୍ତ୍ତନାଦକୁ ବେଶ୍ ହୃଦୟଙ୍ଗମ କରିଥିଲେ ଫକୀର ମୋହନ ସେନାପତି। ତାଙ୍କ ସାହିତ୍ୟରେ ଆମେ କଳ୍ପନା ଅପେକ୍ଷା ତତ୍କାଳୀନ ଓଡ଼ିଶାର ସାମାଜିକ ରାଜନୈତିକ ଧାର୍ମିକ ବାସ୍ତବଚିତ୍ର ଅଧିକ ପରିମାଣରେ ଦେଖିବାକୁ ମିଳୁଥିଲା। ତାଙ୍କର ପ୍ରତ୍ୟେକ ଉପନ୍ୟାସରେ ଚିତ୍ରିତ ହୋଇଥିଲା ଗ୍ରାମୀଣ ଉତ୍କଳର ଗୌରିକ ଉତ୍କଟତା, ସମାଜର ବାସ୍ତବ ନିଖୁଣ ଚିତ୍ର। ୧୮୯୭ରୁ ୧୯୧୫ ମସିହା



ମଧ୍ୟରେ ପ୍ରକାଶିତ ତାଙ୍କର ଏହି ଚାରୋଟି ଉପନ୍ୟାସ ଛ' ମାଣ ଆଠ ଗୁଣ୍ଠ, ଲଛମା, ମାମୁଁ, ପ୍ରାୟଶ୍ଚିତ, ତାଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ଚିର ଅମର କରି ରଖିପାରିଥିଲା। ଏହା ଦୁଇ ଶତାବ୍ଦୀବ୍ୟାପୀ ଓଡ଼ିଆ ଜୀବନଚିତ୍ରର ଏକ ଛିନ୍ନ ଚୌହଦି। ଜମିଦାରଙ୍କ ଜମିଲୋଭର ଶିକାର ହୋଇଛନ୍ତି କିପରି ଦୁଇ ନିରୀହ ପ୍ରାଣୀ ସାରିଆ ଓ ଭଗିଆ ତାହା ଅତି ସୁନ୍ଦର ଚମତ୍କାର ଭଙ୍ଗୀରେ ସେ ରଚନା କରିଥିଲେ ଉପନ୍ୟାସ "ଛ' ମାଣ ଆଠଗୁଣ୍ଠ'ରେ। 'ମାମୁଁ' ହେଉଛି ଊନବିଂଶ ଶତାବ୍ଦୀ ମଧ୍ୟରେ ବ୍ୟବସ୍ଥିତ ଏକ ବିଷମ ସମୟ ଖଣ୍ଡର ବୃତଚିତ୍ର। ଗାଁ ଛାଡ଼ି ସହର ପ୍ରତି ଏବଂ ଚାକିରି ପ୍ରତି, ଇଂରାଜୀ ଭାଷା ପ୍ରତି କିପରି ଅନୁରାଗ ସୃଷ୍ଟି ହୋଇଛି ଓଡ଼ିଆ ଯୌଥ ପରିବାରର ଭ୍ରମ ସଂକୋଚନ ମୁଖୀ ଭବିଷ୍ୟତ ପାଇଁ କିପରି ବାଟ ଫିଟାଉଛି, ଫକୀରମୋହନ ଏହା ମାମୁଁ ଉପନ୍ୟାସରେ ଲେଖିଛନ୍ତି। ଏହାପରେ ଯୌଥ ପରିବାରର ବିପର୍ଯ୍ୟୟ ପରେ ଏକ ନବ୍ୟଶିକ୍ଷିତ ମଧ୍ୟବିତ୍ତବର୍ଗର ଅଭ୍ୟୁଦୟ ଏବଂ ନୂତନ ସଂସ୍କାର ନବଜାଗରଣ ପୃଷ୍ଠଭୂମିରେ 'ପ୍ରାୟଶ୍ଚିତ' ଉପନ୍ୟାସଟି ପରିକଳ୍ପିତ ଫକୀର ମୋହନ ସେନାପତି ଆଧୁନିକ ସମାଜର ଘନଘଟା ସମୟର ଘଟଣା ଗୁଚ୍ଛ ମଧ୍ୟରୁ ବାସ୍ତବତାକୁ ବାଛି ନେଇ ତା'ରି ଭିତରେ ସେ ନିଜ କାହାଣୀର କାୟାକଳ୍ପକୁ ନିର୍ମାଣ କରିଥିଲେ। ଅନେକ ଅବିସ୍ମରଣୀୟ ଚରିତ୍ରଗୁଡ଼ିକୁ ସେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି ଭେଟି।

ତାଙ୍କର ନିଖୁଣ ଚରିତ୍ରଗୁଡ଼ିକ ତାଙ୍କପରି ଅନ୍ୟ କୌଣସି ଆଧୁନିକ ଓଡ଼ିଆ ଲେଖକ ଏତେ ସ୍ମରଣୀୟ ଚରିତ୍ର ସୃଷ୍ଟି କରିପାରିନାହାଁନ୍ତି ଆଜିଯାଏଁ। ରାମଚନ୍ଦ୍ର ମଙ୍ଗରାଜ ନାଜର ନଟବର ପରି ଜଟିଳ ଚରିତ୍ର ଯେପରି ଅଛନ୍ତି, ସାଆନ୍ତାଣୀ, ଶାରିଆ, ଭଗିଆପରି ସରଳ ଚରିତ୍ର ବି ସେମିତି ଓଡ଼ିଆ ପୁରପଲ୍ଲୀରେ ଏବେ ମଧ୍ୟ ପ୍ରବାଦ ପାଲଟିଛନ୍ତି। ରାଣ୍ଡିପୁଅ ଅନନ୍ତା, ଡାକ ମୁନ୍ସୀ ଏବଂ ରେବତୀ ଗଳ୍ପ ସତରେ ଆଜି ମଧ୍ୟ ଓଡ଼ିଆ ସାହିତ୍ୟର ଇତିହାସକୁ ଋଦ୍ଧିମନ୍ତ କରୁଛି। ପ୍ରକୃତରେ ଫକୀରମୋହନ ଥିଲେ ଓଡ଼ିଆ ସାହିତ୍ୟର ସର୍ବାଧିକ ସ୍ମରଣୀୟ ଚରିତ୍ରର ଅନତିକ୍ରାନ୍ତ ସ୍ରଷ୍ଟା।

ଫକୀର ମୋହନ ସାହିତ୍ୟକୁ ଏ ଜାତିର ଏକ ଫୁଙ୍ଗୁଳା ଫର୍ଦ୍ଦ କହିଲେ ଆଦୌ ଭୁଲ୍ ହେବନାହିଁ। ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଇଂରେଜମାନଙ୍କ ବିରୋଧରେ ଭାରତର ପ୍ରଥମ ମୁକ୍ତିସଂଗ୍ରାମ। ଏକ ବିପର୍ଯ୍ୟସ୍ତ, ଅବକ୍ଷୟ ଗ୍ରସ୍ତ, ଖଣ୍ଡିତ କଙ୍କାଳ ସଦୃଶ। ଅର୍ଦ୍ଧମୃତ ହୃତ ଗୌରବ ଓଡ଼ିଆ ଜାତିର ଓଡ଼ିଆ ଭାଷାର ସ୍ରଷ୍ଟାଭାବେ ଫକୀରମୋହନ ନିଜ ସୃଷ୍ଟି ସର୍ଜନା ମାଧ୍ୟମରେ ନିଜ କାଳଜୟୀ ଲେଖନୀ ମାଧ୍ୟମରେ ଏ ଜାତିର ଭାଷାଭଣ୍ଡାରକୁ ଦେଇଯାଇଛନ୍ତି ଅଜସ୍ର ଉପାଦେୟ ପୁସ୍ତକ। ଯେଉଁଥିରେ ସେ ସମୟର ସାମାଜିକର ଚିତ୍ର ଅଙ୍କିତ ହୋଇଥିଲା। ତାଙ୍କର କାଳଜୟୀ ତୀକ୍ଷ୍ଣ କଲମ ମୂନରେ ଆଙ୍କି ହୋଇଥିଲା ସାମନ୍ତବାଦୀ ସମାଜର ବାସ୍ତବ ନିଚ୍ଛକ ଚିତ୍ର ଏବଂ ଚରିତ୍ର।

ଆବାଲ୍ୟରୁ ଦୁଃଖକଷ୍ଟରେ ପରିପାଳିତ ହୋଇ ଖୁବ୍ କମ୍ ପାଠପଢ଼ି ନିଜର ଚିରରୁଗ୍ଣ ଶରୀର ସତ୍ତ୍ୱେ ପ୍ରତିବେଶୀ ପ୍ରଦେଶର ଓଡ଼ିଆ ଭାଷା ପ୍ରତି ମାରାତ୍ମକ ଷଡ଼ଯନ୍ତ୍ରକୁ ରକ୍ଷା କରିବା ପାଇଁ ଯେଉଁଭଳି ଦୃଢ଼ସଂକଳ୍ପବଦ୍ଧ ହୋଇ ଅକ୍ଳାନ୍ତ ପରିଶ୍ରମ ଓ ଅସୀମ ସାହସ ପ୍ରଦର୍ଶନ କରିଥିଲେ, ତାହା ଆଜି ନିଶ୍ଚିତ ବିସ୍ମୟ ସୃଷ୍ଟି କରିବ। ତାଙ୍କ ରଚିତ "ଛ'ମାଣ ଆଠଗୁଣ୍ଠ" ସମସ୍ତ ପୃଥିବୀରେ ଏକ ଶ୍ରେଷ୍ଠ ଉପନ୍ୟାସ। ସେହିପରି ତାଙ୍କ ରଚିତ "ଆତ୍ମ ଜୀବନୀ ଚରିତ" ସମଗ୍ର ପୃଥିବୀରେ ମଧ୍ୟ ଶ୍ରେଷ୍ଠ ସାହିତ୍ୟକୃତି। ସେଥିପାଇଁ ଆମେ ତାଙ୍କୁ କଥା ସମ୍ରାଟ ଫକୀର ମୋହନ ସେନାପତି କହିଥାଉ। କିନ୍ତୁ ତାଙ୍କର କର୍ମମୟ ଜୀବନ ବ୍ୟାପକ ହେଲେ ମଧ୍ୟ ସେ ସେଥିରେ ଆଦୌ ସନ୍ତୁଷ୍ଟ ନଥିଲେ। ସତ କହିବାକୁ ଗଲେ ଆମେ ଫକୀରମୋହନ ସାହିତ୍ୟକୁ ସାହିତ୍ୟର ଯୁଗାନ୍ତକାରୀ ବିଭବକୁ ଜାତୀୟସ୍ତରରେ ପ୍ରତିଷ୍ଠା କରିପାରିଲୁନାହିଁ। ଇଂରାଜୀକୁ ଛାଡ଼ିଦେଲେ ଅନ୍ୟ ପ୍ରାନ୍ତୀୟ ଭାଷାରେ ମଧ୍ୟ ଫକୀରମୋହନ ସାହିତ୍ୟକୁ ଅନୁଦିତ ହୋଇପାରିନାହିଁ। ଓଡ଼ିଆ ସାହିତ୍ୟକୁ ବିଶ୍ୱଦରବାରରେ ପହଞ୍ଚାଇଥିବା କଥା ସମ୍ରାଟ ଗାଳ୍ପିକ ଯଦିଓ ଆଜି ଆମ ଗହଣରେ ନାହାଁନ୍ତି, କିନ୍ତୁ ତାଙ୍କ ସମ୍ଭାର ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରି ତାଙ୍କୁ ଇତିହାସରେ ଚିରସ୍ମରଣୀୟ କରି ରଖିବ ଏଥିରେ ସନ୍ଦେହ ନାହିଁ। ୧୯୧୮ ମସିହାରେ ଏହି କାଳଜୟୀ ମହାପୁରୁଷ ଦେହତ୍ୟାଗ କଲେ ସତ ମାତ୍ର ତାଙ୍କର ସାହିତ୍ୟ ରହିଲା ଚିର ଅମର ହୋଇ।


♥ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
(ମୋ) ୯୮୫୩୩୫୦୩୮୪


କବିତା କୋଣାର୍କ

### ମକରର ନୂଆଁ ବାରତା



ଅଶୋକ କୁମାର ପ୍ରଧାନ

ଦେଶ ବିଦେଶରୁ ଘରକୁ ଫେରନ୍ତି
ଆସିଲେ ପରବ ମକର
ଗାଁ ପଡ଼ିଆରେ ଗୁଡିକୁ ଉଡାନ୍ତି
ସନିଆ, ସିପୁନା ଶଙ୍କର।

ଗୁଡି ଉଡାଇଲେ ଭୁଲନ୍ତି ସେମାନେ
ତାଙ୍କ ପେଟ ଭୋକ ଶୋଷକୁ
ଛୋଟ ପିଲା ସିନା ଭାରି ଭଲ ଗୁଣ
ଧରନ୍ତି ନି କାହା ଦୋଷକୁ।

ଗାଁ ପଡ଼ିଆରେ ସାଙ୍ଗ ସାଥି ମେଳେ
ମକର ଚାଉଳ ଖାଇକି
ଜୀବନଟା ପାଇଁ ମକର ହୁଅନ୍ତି
ମଇତିରି ଗୀତ ଗାଇକି।

ତାଙ୍କ ହାବ ଭାବ ଦେଖିଦେବ ଯିଏ
ଏକତା ପଣିଆ ବାରିବ
ଭାଇଚାରା ଭାବେ ସଭିଏଁ ସମାନ
ଜାତି ଧର୍ମ ସେଠି ହାରିବ।

କାହାଠାରେ ନାହିଁ ହିଂସା ଅପବାଦ
କାହାଠାରେ ନାହିଁ ଗରବ
ସବୁରି ହୃଦରେ ପାଇବ ସେଇଠି
ଦୟା ପ୍ରେମ ସ୍ନେହ ଦରବ।

ଯେତେ କଳିଗୋଳ ହେଇଥାଉ ପଛେ
ଏ ପରବେ ସବୁ ଏକାଠି
ଯିଏ ଯେତେଦିନ ନ ଦେଖୁ କାହାକୁ
ମକରେ ହୁଅଇ ଦେଖାଟି।

ସଭିଏଁ କୁହନ୍ତି ମକର ଆମକୁ
ଦେଇଅଛି ନୂଆଁ ବାରତା
ସାରା ଜଗତକୁ ଭଲ ପାଇବାକୁ
କହିଛନ୍ତି ସୃଷ୍ଟି କରତା।

ମକର ପରବେ ଶପଥ କରୁଛୁ
ସଭିଙ୍କୁ ସମାନ ମଣିବୁ
ସବୁ ଜନ ପ୍ରାଣୀ ସୁଖେ ରହିବାକୁ
ଜଗା ନାମ ତୁଣ୍ଡେ ଭଣିବୁ।


♥ ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
(ମୋ) ୮୨୪୯୧୧୯୧୩୦


### ଗୁଡି



ବାବାଜୀ ଚରଣ ଜେନା

ପ୍ୱନ କୁ କାଟି ଧିରେ
ଗୁଡି ମୋର ଉଡିଯା
ସୂତା ଛାଡି ଦେଇଛି ମୁଁ
ଆକାଶ କୁ ଉଠିଯା
ଗୁଡି ମୋର ଉଡିଯା ।

ପାନ ପତ୍ରୁରୀ ଠିକିରି
ଗୁଡି, ରଙ୍ଗ ବେରଙ୍ଗର
ଲଟ କମାଣି ସାଥିରେ
କଟକୀ ନଟେଇ ମୋର
ନଈ ପାଣି ଛୁଇଁ ଦେଇ
ଚକମା ତୁ ଦେଇଯା
ଗୁଡି ମୋର ଉଡିଯା ।

କାଠଯୋଡି ପଠା ସାରା
ଆଜି ଗୁଡି ଉଡା ଭିଡ
ଦେଖ ଦେଖ ଗୁଡି ମୋର
ଏଇ ଲେଉଟାଏ କଡ
କିଛି ମିଠା କଥା ନେଇ
କଣ୍ଢେଇ କୁ କହି ଆ
ଗୁଡି ମୋର ଉଡିଯା ।


♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ,୪
(ମୋ)୯୪୩୭୮୩୪୭୧୯


### ମକର ସଂକ୍ରାନ୍ତି



ଅମରନାଥ ବାରିକ୍

ଦକ୍ଷିଣ ଭାରତେ ପ୍ରମୁଖ ପର୍ବଟି
ମକର ସଂକ୍ରାନ୍ତି ଜାଣ
ଏହି ଦିନଟିରେ ନୂଆ ବସ୍ତ୍ର ସର୍ବେ
କରିଥାନ୍ତି ପରିଧାନ ।

ଆନନ୍ଦ ଉଲ୍ଲାସେ ପାଳନ କରନ୍ତି
ହିନ୍ଦୁ ଧର୍ମ ଅନୁଯାୟୀ
ଖର ଦିନ ସବୁ ଏହି ସଂକ୍ରାନ୍ତିରେ
ପରିସମାପ୍ତି ଘଟଇ ।

ଯେ କୌଣସି ଶୁଭ କାର୍ଯ୍ୟ କଲେ ଏହି
ଦିନରେ ହୁଏ ସଫଳ
ଶୌଚ ହୋଇ ମହାଦେବଙ୍କୁ ପୂଜିଲେ
ମିଳିଥାଏ ପୂଣ୍ୟ ଫଳ ।

ମାତା ଯଶୋମତୀ ଶ୍ରୀ କୃଷ୍ଣଙ୍କ ପାଇଁ
ବ୍ରତ ଉପାସନା ଯେତେ
କରୁଥିଲେ ବୋଲି ଦିନଟି ମହତ୍ତ୍ୱ
ଜାଣେ ପୁରପଲ୍ଲୀ ସତେ ।

ଭାଗୀରଥିଙ୍କର ପଛେ ପଛେ ସ୍ୱୟଂ
ଗଙ୍ଗା ମାତା ଯାଇଥିଲେ
କପିଳ ମୁନିଙ୍କ ଆଶ୍ରମ ଦେଇଣ
ସାଗର ସହ ମିଶିଲେ ।

ସଙ୍କରାସୁରକୁ ବଧ କରିଥିଲେ
ଏ ଦିନେ ଦେବୀ ସଂକ୍ରାନ୍ତି
ତେଣୁ ଏହା ଏକ ପବିତ୍ର ଦିବସ
ରହିଅଛି କିମ୍ବଦନ୍ତୀ ।

ଦକ୍ଷିଣାୟନରୁ ଉତ୍ତରାୟଣକୁ
ସୂର୍ଯ୍ୟ ଗତି କରିଥାନ୍ତି
ଧନୁ ରାଶି ଛାଡ଼ି ମକର ରାଶିକୁ
ପୁଣି ପ୍ରବେଶ କରନ୍ତି ।

ପୃଥିବୀର ଉତ୍ତର ଗୋଲାର୍ଦ୍ଧ ଭାସ୍କର
ଆଡ଼କୁ ଯେ ଢଳିଥାଏ
ଏହି ଠାରୁ ଦିନ ବଡ଼ ହୁଏ ଆଉ
ରାତି ଛୋଟ ହୋଇଯାଏ ।


♥ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)


### ସଂକ୍ରାନ୍ତି ପୁରୁଷ



ସ୍ୱାଗତ ମିଶ୍ର

କେଉଁ ଲଗ୍ନେ ତୁମେ ଜାତ ହୋଇଥିଲ
ଦୁଃଖ ଥିଲା ତୁମ କପାଳେ ଲେଖା,
କଲମକୁ ଧରି କାଗଜ ଉପରେ
ଆଙ୍କିଦେଲ ନିଜ ଜୀବନ ରେଖା ।

ଅରଜିଲ ଯେତେ ନୂଆ ଅନୁଭବ
ଅନୁଭୂତି ଅଭିଜ୍ଞତା,
ସେ ସବୁକୁ ତୁମେ ପୁଞ୍ଜିଭୂତ କରି
ଲେଖିଥିଲ ଗଳ୍ପ କବିତା ।

ମୁକୁଟ ବିହୀନ ତୁମେ ତ ସମ୍ରାଟ
କଥା ସାହିତ୍ୟର ଜନକ,
ବ୍ୟାସକବି ପୁଣି ଯୁଗସ୍ରଷ୍ଟା ତୁମେ
ଗାଳ୍ପିକ ଔପନ୍ୟାସିକ ।

ଓଡ଼ିଆ ଭାଷାର ସୁରକ୍ଷା ଯୁଦ୍ଧରେ
ସାଜିଥିଲ ସେନାପତି,
ପୂଜା କରୁଥିବ କାଳ କାଳ ପାଇଁ
ତୁମକୁ ଓଡ଼ିଆ ଜାତି ।

ସବୁ ଯୁଗେ ତୁମେ ଜନ୍ମ ନେଉଥାଅ
ଧରି ନୂଆ ଭିନ୍ନ ରୂପ,
ରଚିଯାଅ ପୁଣି କାଳଜୟୀ ସୃଷ୍ଟି
ଛାଡ଼ିଯାଅ ମନେ ଛାପ ।

ଜନ୍ମ ତିଥି ତୁମ ମକର ସଂକ୍ରାନ୍ତି
ରଜ ସଂକ୍ରାନ୍ତିରେ ସ୍ୱର୍ଗବାସ ,
ପ୍ରତି ଓଡ଼ିଆର ହୃଦେ ବିରାଜିତ
ତୁମେ ହିଁ ସଂକ୍ରାନ୍ତି ପୁରୁଷ ।


♥ ପଦ୍ମାଦେଈପୁର, ନୟାଗଡ଼






# ବଧୂ ସାଜିବେ ମୌନି

ମୌନି ରୟଙ୍କ ବାଜିବ ଶାହାନାଇ। ନବ ବଧୂ ସାଜିବେ ଟେଲିଭିଜର ନାଗୀନ୍। ହେବେ ହାତକି ଦି ହାତ। ନିଜ ଲଭର ବୟଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବ। ପଡିବ ହାତ ଗଣ୍ଠି। ଆସନ୍ତା ଜାନୁଆରୀ ୨୭ରେ ସାତଫେରା ନେବେ ମୌନି ଓ ତାଙ୍କ ବୟଫ୍ରେଣ୍ଡ ସୁରଜ ନାମ୍ବିୟାର।

ଖୁବ୍‌ଶୀଘ୍ର ବିବାହ କରିବେ ଟେଲିଭିଜନ ତଥା ବଲିଉଡ ଅଭିନେତ୍ରୀ ମୌନି ରୟ। ଏନେଇ ସମସ୍ତ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୭ ତାରିଖରେ ସେ ସୁରଜ ନାମ୍ବିଆରଙ୍କୁ ସାତ ଜନ୍ମର ସାଥୀ କରିବେ। ତେବେ ଏହି ବିବାହ ଗୋଆରେ ହେବ।

ମିଡିଆ ରିପୋର୍ଟ ଅନୁସାରେ ମୌନିଙ୍କ ବିବାହରେ କେବଳ ତାଙ୍କ ନିକଟ ସମ୍ପର୍କୀୟ ଲୋକେ ଓ କିଛି ଖାସ୍ ବନ୍ଧୁ ହିଁ ସାମିଲ ହେବେ। ତାଙ୍କ ବିବାହ ଗୋଆର ସମୁଦ୍ର କୂଳେ ଥିବା ଫାଇଭ୍ ଷ୍ଟାର ହୋଟେଲରେ ହେବ। ମୌନିଙ୍କୁ ସମୁଦ୍ର ଭାରି ପସନ୍ଦ। ତେଣୁ ସେ ନିଜ ପସନ୍ଦ ମୁତାବକ ୱେଡିଂ ଭେନ୍ୟୁ ଚୟନ କରିଛନ୍ତି।

ଜାନୁଆରୀ ୨୮ରେ ମୌନିଙ୍କ ରିସେପ୍‌ସନ୍ ପାର୍ଟି ଆୟୋଜିତ ହେବ। ଏଥିପାଇଁ ଗୋଆରେ ଅନେକ ସେଲେବ୍ରିଟି ଡେରା ପକାଇଥିବା ଜଣାପଡିଛି। କେବଳ ସେତିକି ନୁହେଁ ଏଠାରେ ଜୋରସୋରେ ପ୍ରସ୍ତୁତି ମଧ୍ୟ ଚାଲିଛି। ମୌନିଙ୍କ ବୟଫ୍ରେଣ୍ଡ ସୁରଜ ନାମ୍ବିଆର ପେସାରେ ଜଣେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର। ସେ ଦୁବାଇରେ ରୁହନ୍ତି। ସେ ମୂଳ ରୂପେ ବାଙ୍ଗାଲୁରୁର ବାସିନ୍ଦା।

ମୌନିଙ୍କୁ ଖୁବ୍‌ଶୀଘ୍ର ବଡ ପରଦାରେ ଦେଖିବାକୁ ମିଳିବ। ସେ ନିର୍ଦ୍ଦେଶକ ଅୟାନ ମୁଖାର୍ଜୀଙ୍କ 'ବ୍ରହ୍ମାସ୍ତ୍ର'ରେ ନଜର ଆସିବେ। ଟେଲିଭିଜନ ସିରିଏଲ୍ 'ନାଗୀନ୍'ରୁ ବେଶ୍ ଚର୍ଚ୍ଚାକୁ ଆସିଲେ ମୌନି। ଟିଆରପି ତାଲିକାରେ ଏହି ସିରିଏଲ୍ ସମସ୍ତ ରେକର୍ଡ ଭାଙ୍ଗିଥିଲା। ଏହାପରେ ହିଁ ମୌନିଙ୍କୁ ମିଳିଥିଲା ବଲିଉଡ ଟିକେଟ୍। ସେ ଅକ୍ଷୟ କୁମାରଙ୍କ 'ଗୋଲ୍ଡ' ଫିଲ୍ମରେ ଡେବ୍ୟୁ କରିଥିଲେ।

# ମହଲ ଛାଡ଼ି ଛେଳି ଚରାଉଛନ୍ତି ସାରା !

ପଟୌଦି ବଂଶର ରାଜକୁମାରୀ ତଥା ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ଏବେ ରାଜଉଆସ ଛାଡି ପଡିଆରେ ବୁଲୁଛନ୍ତି। ପୂରା ଦେଶୀ ଲୁକ୍‌ରେ ପଡିଆ ବୁଲି ସେ ଚରାଉଛନ୍ତି ଛେଳି। ଯାହାର ଫଟୋ ଏବେ ସାମ୍ନାକୁ ଆସିଛି। ଏହି ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବଲିଉଡର ନିଜ ଦମଦାର ଅଭିନୟ ଯାଦୁରେ ସମସ୍ତଙ୍କ ହୃଦୟ ଜିତି ସାରିଥିବା ସାରା ଅଲ୍ଲି ଖାନ୍ ସୋଶାଲ ମିଡିଆରେ ବେଶ୍ ଆକ୍ଟିଭ। ତାଙ୍କୁ କେତେବେଳେ ନିଜ ମନପସନ୍ଦ ଗେମ୍ 'ନକ୍ ନକ୍' ଖେଳୁଥିବା ଦେଖିବାକୁ ମିଳେ ତ ଆଉ କେତେବେଳେ ସେ ବ୍ଲଗିଙ୍ଗ କରୁଥିବା ନଜର ଆସିନ୍ତୁ। ନିକଟରେ ସାରାଙ୍କ କିଛି ସୋଶାଲ ମିଡିଆ ଜରିଆରେ ସାମ୍ନାକୁ ଆସିଛି। ଏହି ଫଟୋରେ ପଟୌଦି ଷ୍ଟାର ସାରା ଅଲ୍ଲି ଖାନ୍ ଛେଳି ଚରାଉଥିବା ନଜର ଆସିଛନ୍ତି। କେବଳ ସେତିକି ନୁହେଁ ରାଜଉଆସ ଛାଡି ସାରା ଚାଷ ଜମିରେ ଟ୍ରାକ୍ଟର ବୁଲାଉଥିବା ମଧ୍ୟ ଦେଖିବାକୁ ମିଳିଛି। ବାସ୍ତବରେ ସାରା ନିଜ ଅପ୍‌କମିଂ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ଏହି ସମୟରେ ସେ ଫ୍ରି-ଟାଉନରେ ମସ୍ତି କରୁଥିବା ନଜର ଆସିଛନ୍ତି। ସାରା ଛେଳି ଚରାଇବା ବେଳର ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି। ସେ କ୍ୟାପସନ୍‌ରେ ଲେଖିଛନ୍ତି, 'ଛେଳି ଚରାଇବା, ଟ୍ରାକ୍ଟର ଚଳାଇବା, କେବଳ ଫଟୋ ଉଠାଇବା ପାଇଁ ବାହାନା ଥିଲା ନା ସାରା ପ୍ରକୃତରେ ଚାହୁଁଥିଲା।' ସେ ଏବେ ଉତ୍ତରପ୍ରଦେଶର ଚାକିଆ ଗାଁରେ ଶୁଟିଂ କରୁଛନ୍ତି। ସାରାଙ୍କ ଏହି ଫଟୋକୁ ତାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରୁଛନ୍ତି।





ସୂଚନା ମୁତାବକ, ସାରା ଅଲ୍ଲି ଖାନ୍‌ଙ୍କ ଶେଷ ଥର ପାଇଁ ତାଙ୍କ ଫିଲ୍ମ 'ଅତରଙ୍ଗୀ ରେ'ରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମର ଲିଡ୍ ରୋଲରେ ସାରାଙ୍କ ଅପୋଜିଟ୍‌ରେ ସାଉଥ ସୁପରଷ୍ଟାର ଧନୁଷ ଓ ଅକ୍ଷୟ କୁମାର ଥିଲେ। ଫିଲ୍ମଟି ଓଟିଟି ପ୍ଲାଟଫର୍ମରେ ରିଲିଜ ହୋଇଥିଲା।

# ଅଭିନେତ୍ରୀ ଗୌହର୍ ଖାନଙ୍କ ସହାନୁଭୂତି



ଯେଉଁ କେତେଜଣ ବଲିଉଡ୍ ଅଭିନେତ୍ରୀ ସାମାଜିକ ଗଣମାଧ୍ୟମରେ ମୁଖର ରହିଥାନ୍ତି ସେମାନଙ୍କ ମଧ୍ୟରୁ ଗୌହର ଖାନ ଅନ୍ୟତମ। ସେ ଏବେ ଜଣେ ଅସହାୟ ଫଳ ଦୋକାନୀକୁ ସହାୟତାର ହାତ ବଢ଼ାଇ ପ୍ରଶଂସା ସାଉଁଟୁଛନ୍ତି।

ନିକଟରେ ଭୋପାଳର ଏକ ଭିଡିଓ ଭାଇରାଲ୍ ହୋଇଥିଲା ଯେଉଁଥିରେ ଜଣେ ମହିଳା ଏକ ଫଳ ଦୋକାନୀର ଫଳଗୁଡ଼ିକୁ ରାସ୍ତା ଉପରକୁ ଫୋପାଡୁଥିବାର ଦେଖିବାକୁ ମିଳିଥିଲା। ଅସଲରେ ଫଳ ଦୋକାନୀ ନିଜ ଠେଲାଗାଡ଼ିଟିକୁ ରାସ୍ତାରେ ନେଇ ଯାଉଥିବା ବେଳେ ମହିଳାଜଣଙ୍କର କାରରେ ତାହା ଭୁଲ୍‌ବଶତଃ ଘଷି ହୋଇଯାଇଥିଲା। ଏତିକିରେ ଉତ୍ତ୍ୟକ୍ତ ହୋଇ ସେ କାରରୁ ବାହାରି ଠେଲାରେ ଥିବା ଫଳଗୁଡ଼ିକୁ ରାସ୍ତାକୁ ଫୋପାଡ଼ିବା ଆରମ୍ଭ କରିଥିଲେ। ଏହି ଭିଡିଓ ଦେଖି ଗୌହରଙ୍କ ହୃଦୟ ତରଳି ଯାଇଛି।

ଗୌହର ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ବିଚରା ଫଳ ଦୋକାନୀର ପକ୍ଷ ନେଇ ଉକ୍ତ ମହିଳାଙ୍କ ନିଷ୍ଠୁର ବ୍ୟବହାରକୁ ନିନ୍ଦା କରିଛନ୍ତି। କେବଳ ଏତିକି ନୁହେଁ, ସେ ସେହି ଫଳ ଦୋକାନୀଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଲୋକଙ୍କୁ ଆହ୍ୱାନ କରିଛନ୍ତି। ଗୌହର ଫଳ ଦୋକାନୀଙ୍କ କ୍ଷତିପୂରଣ ସ୍ୱରୂପ ତାଙ୍କ ଠାରୁ ସବୁତକ ଫଳ କିଣିବାକୁ ଚାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଜଣେ ଗରିବ ଫଳ ଦୋକାନୀ ପ୍ରତି ସେ ସହାନୁଭୂତି ପ୍ରଦର୍ଶନ କରୁଥିବା ଦେଖି ପ୍ରଶଂସକମାନେ ଗୌହରଙ୍କ ସହୃଦୟତାର ଉଚ୍ଚ ପ୍ରଶଂସା କରୁଛନ୍ତି।

# ନାୟିକାରୁ ପ୍ରଯୋଜିକା ବନିଲେ ଝିଲିକ୍



ଲୋକପ୍ରିୟ ନାୟିକା ଝିଲିକ୍ ନାୟିକାରୁ ପ୍ରଯୋଜିକା ବନିଛନ୍ତି। ସେ ଏବେ 'ରୁଦ୍ରାଣୀ' ଶୀର୍ଷକରେ ଏକ ଓଡ଼ିଆ ଛବିର ପ୍ରଯୋଜନା କରୁଛନ୍ତି। 'ରୁଦ୍ରାଣୀ' ଜରିଆରେ ଝିଲିକ୍ ଭଟ୍ଟାଚାର୍ଜୀ ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଏଥିରେ ତାଙ୍କୁ ଶୀର୍ଷକ ଭୂମିକାରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶକ ହେଲେ କେ ମୁରଲୀକ୍ରିଷ୍ଣା। ଆଗରୁ ତାଙ୍କ ନିର୍ଦ୍ଦେଶନାରେ ଝିଲିକ ଓଡ଼ିଆ ତିନିଟି ଛବିରେ କାମ କରିଛନ୍ତି। ସେଗୁଡ଼ିକ ହେଲା, 'ଜଗା ହାତରେ ପଘା', 'ଅଗସ୍ତ୍ୟ' ଏବଂ 'ବେବି'। ଝିଲିକ୍ ମୋସନ୍ ପିକଚର୍ସ ବ୍ୟାନରରେ ନିର୍ମିତ 'ରୁଦ୍ରାଣୀ'ର ସଂଳାପକାର ହେଲେ ଡକ୍ଟର ରଜନୀରଂଜନ ଓ ସଂଗୀତକାର ହେଲେ ପ୍ରେମ ଆନନ୍ଦ। ସୂଚନାଯୋଗ୍ୟ, ୨୦୧୩ରେ ମୁକ୍ତିଲାଭ କରିଥିବା ନିରଞ୍ଜନ ରଣାଙ୍କ ଓଡ଼ିଆ ଛବି 'ଟାର୍ଗେଟ୍'ରୁ ଓଲିଉଡରେ କ୍ୟାରିଅର ଆରମ୍ଭ କରିଥିଲେ। ଏଥି ଅମ୍ଲାନଙ୍କ ସହ ସେ ନଜର ଆସିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଏସ୍.କେ.ମୁରଲୀଧରନ୍। ଏହାପରେ ତାଙ୍କୁ ଓଲିଉଡରେ ଭଲ ଭଲ ଅଫର ମିଳିବା କାରଣରୁ ସେ ବଙ୍ଗୀୟା ହୋଇ ମଧ୍ୟ ଓଡ଼ିଶାରେ ରହି ଯାଇଛନ୍ତି। ଏହା ଅବଶ୍ୟ ଭିନ୍ନ କଥା ଯେ ପରେ ଝିଲିକ୍ ରାଜନେତା ପ୍ରୀତିରଂଜନ ଘଡ଼େଇଙ୍କୁ ବିବାହ କରିଥିଲେ। ଝିଲିକ୍ ଇତିମଧ୍ୟରେ 'ଆଖିରେ ଆଖିରେ', 'ଲେଖୁ ଲେଖୁ ଲେଖି ଦେଲି', 'ସୁପର ମିଛୁଆ', 'ଲଭ୍ ୟୁ ହମେଶା', 'ଜବରଦସ୍ତ ପ୍ରେମିକ', 'ଜଗା ହାତରେ ପଘା', 'ଅଗସ୍ତ୍ୟ', 'ବେବି', 'ତୁମକୁ ଦେଖିଲା ପରେ' ''ଦିସ ଇଜ ସବୁମାୟାରେ ବାୟା', 'ଓଲେ ଓଲେ ଦିଲ୍ ବୋଲେ' ଏବଂ ' ତୁ ମୋ' ହିରୋ' ଆଦି ଓଡ଼ିଆ ଛବିରେ ଅଭିନୟ କରିଛନ୍ତି।

# ସୌଖିନ ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ବାରିକ

ଓଡ଼ିଶାର ଚିତ୍ରକଳା କ୍ଷେତ୍ରରେ ଖୁବ ସୁନାମ ଅର୍ଜନ କରିଛନ୍ତି ସୌଖିନ ଚିତ୍ରଶିଳ୍ପୀ ପ୍ରଶାନ୍ତ ବାରିକ । ତାଙ୍କର ଡାକ ନାମ ଲିଟୁ । ୧୯୮୪ ମସିହାରେ ସେ ତିହିଡି ବ୍ଲକର ବାହାବଳପୁର ଗ୍ରାମରେ ଜନ୍ମଗ୍ରହଣ କରନ୍ତି । ତାଙ୍କର ପିତା ବସନ୍ତ ବାରିକ ଓ ମାତା ଶାନ୍ତିଲତା ବାରିକଙ୍କ ଆଶୀର୍ବାଦରୁ ସେ କର୍ମକ୍ଷେତ୍ରରେ ଆଗେଇ ଚାଲିଛନ୍ତି । ତାଙ୍କର ପତ୍ନୀ ଲିପିକା ଓ ପୁତ୍ର ଆହ୍ୱାନ । ତାଙ୍କର ଭାଇ ସୁଶାନ୍ତ ଓ ଭଉଣୀ ଜ୍ୟୋସ୍ନାରାଣୀ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନର୍ଗତ ପଂଚାୟତ



ହାଇସ୍କୁଲ ବେତଡାରୁ ମାଟ୍ରିକ ପାସ, ତାପରେ ଭଦ୍ରକ କଲେଜରୁ ସ୍ନାତକ ପାସ ଏବଂ ପରେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ରୁ ଏମ ବି ଏ ଡିଗ୍ରୀ ସେ ହାସଲ କରିଛନ୍ତି। ଅନ ଲାଇନ ରେ ପ୍ରଶାନ୍ତ ବିଭିନ୍ନ ପ୍ରକାର ଚିତ୍ର ଦେଖି ନିଜେ ଚିତ୍ର ତିଆରି କରିବା ରେ ଆଗ୍ରହ ରଖନ୍ତି। ପିଲାଦିନେ ତାଙ୍କର ଚିତ୍ର କଳା ପ୍ରତି ଭଲ ପାଇବା ଥିଲ। ତାଙ୍କର ପ୍ରିୟ ଚିତ୍ର ଶିଳ୍ପୀ ହେଲେ ରାଜା ରବି କୁମାର, ଆଣ୍ଡ୍ରିଉ ଟିସଲର, ଗୀତିକାର ଓ ଚିତ୍ରଶିଳ୍ପୀ ଇଲେ ରାଜା ଓ ଜୋନ ଡ୍ରାଏ। ଅଏଲ ପେଣ୍ଟିଙ୍ଗ, ଚାରକୋଲ ଡ୍ରଇଂ, ଆକ୍ରେଲିକ ପେଣ୍ଟିଙ୍ଗ ପ୍ରଭୃତି ତିଆରି କରନ୍ତି ପ୍ରଶାନ୍ତ । ତାଙ୍କ ଜୀବନରେ ସେ ଆଜି ପର୍ଯ୍ୟନ୍ତ ୫୦୦ଟି ଚିତ୍ର ଆଙ୍କିଛନ୍ତି । ତାଙ୍କର ଗୋଟିଏ ଚିତ୍ର ବାଙ୍ଗାଲୋର ରେ ୧୬ ହଜାର ଟଙ୍କାର ବିକ୍ରି ହୋଇଛି । କିଛି ଚିତ୍ର ସେ ବିକ୍ରି କରିବା ସହିତ କବି ଲେଖକ, ସାଙ୍ଗ ସାଥି ମାନଙ୍କୁ ଉପହାର ଦେଇଥାନ୍ତି । ସେ ବର୍ତ୍ତମାନ ମହାରାଷ୍ଟ୍ର ରାଜ୍ୟର ପୁନେ ସହରରେ ଚାକିରୀ କରିଛନ୍ତି । ଚିତ୍ରକଳାର ଅନେକ ପ୍ରତିଯୋଗିତାରେ ସେ ଅଂଶ ଗ୍ରହଣ କରିଛନ୍ତି। ତାଙ୍କର ଚିତ୍ର ବିକ୍ରି ଅର୍ଥ ଗରିବ ଜନସାଧାରଣ ଓ ଅନାଥ ଆଶ୍ରମକୁ ମଧ୍ୟ ଦାନ କରାଯାଇଛି । ବହୁ ଅନୁଷ୍ଠାନରୁ ସେ ପୁରସ୍କୃତ ହୋଇଛନ୍ତି । ସାହିତ୍ୟ, ସିନେମା, କ୍ରିକେଟ ଖେଳ, ସମାଜସେବା ପ୍ରଭୃତି ରେ ତାଙ୍କର ରୁଚି ରହିଛି। ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ ।

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ପହିଲି ପାଦର ପିଚ୍ଛିଲ ପାହାଚ



ମାୟାନଗରୀର ମାୟାରେ ପଡ଼ି ପରୀ ରାଇଜର ଖସଡ଼ା ପାହାଚରେ ପ୍ରଥମ କରି ପାଦ ଦେଇଥିବା ନବୀନା ନାୟିକା ସାକ୍ଷୀ ମଲ୍ଲିକ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ତେବେ ଏ ଯାଏ ତାଙ୍କୁ କୌଣସି ବଡ଼ ପ୍ରଯୋଜନା ସଂସ୍ଥାର ଚଳଚ୍ଚିତ୍ର କି ପୂର୍ଣ୍ଣମାତ୍ରାରେ ନାୟିକାର ଭୂମିକା ମିଳିନଥିବା ବେଳେ ସେ କେତେ ବାଟ ଚଢ଼ିପାରୁଛନ୍ତି ନା ପଛକୁ ଖସି ଆସୁଛନ୍ତି ତାହା ସମୟ ହିଁ କହିବ। ତଥାପି ଏଇ ନୂଆବର୍ଷ ୨୦୨୨ ତାଙ୍କ ପାଇଁ ସାମଗ୍ରିକ ଭାବେ ଅନୁକୂଳ ସାବ୍ୟସ୍ତ ହେବ ବୋଲି ସେ ଆଶା ରଖିଛନ୍ତି। ଉତ୍ତର ପ୍ରଦେଶର କାନପୁର ସହରରେ ୧୯୯୬ ଜାନୁଆରି ୨୧ରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମିତ ସାକ୍ଷୀ ଜଣେ ନାମକରା ମଡେଲ୍ ଓ ଫିଟ୍‌ନେସ ପରାମର୍ଶଦାତା ଭାବେ ବେଶ୍ ଜଣାଶୁଣା। ସୂଚନା ପ୍ରଯୁକ୍ତି ବିଦ୍ୟାରେ ସ୍ନାତକ ଡିଗ୍ରି ହାସଲ କରିଥିବା ସାକ୍ଷୀଙ୍କର ପିଲାଟି ବେଳୁ ଗ୍ଲାମର୍ ଜଗତ୍ ପ୍ରତି ଏକ ଅହେତୁକ ଦୁର୍ବଳତା ରହି ଆସିଥିଲା। ଫଳସ୍ୱରୂପ, ନିଜର ମହାବିଦ୍ୟାଳୟ ଜୀବନ ବିତାଉଥିବା ବେଳେ ସେ ବିଭିନ୍ନ ଫେସନ୍ ପ୍ରଦର୍ଶନୀ ସମେତ ଅନ୍ୟାନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ସାମିଲ ହେବାକୁ ପସନ୍ଦ କରିଥିଲେ। ତେଣୁ ମନୋରଞ୍ଜନ ଦୁନିଆ ପ୍ରତି ସେ ବେଶୀ ବେଶୀ ଆକର୍ଷିତ ହୋଇଥିଲେ।

ସେହିପରି ଏମ୍‌ବିଏ ପଢ଼ିବା ପାଇଁ ପୂର୍ବରୁ ଇଚ୍ଛା କରିଥିବା ସାକ୍ଷୀ କିନ୍ତୁ ଶିକ୍ଷା ପ୍ରତି ଆଉ ଧ୍ୟାନ ନଦେଇ ବୈଷୟିକ ଶିକ୍ଷା ସାରିବା ପରେ ମୁମ୍ବାଇ ଚାଲି ଆସି ବିଭିନ୍ନ ବିଜ୍ଞାପନ ପାଇଁ ମଡେଲିଂ ଆରମ୍ଭ କରିଦେଇଥିଲେ। ହିନ୍ଦୀ, ପଞ୍ଜାବୀ ଓ ଇଂରାଜୀ ଭାଷାରେ ପ୍ରବୀଣା ଥିବା ସାକ୍ଷୀଙ୍କର ଠାଣି, ଚାହାଣି ଓ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ନାଇକ୍କା, ପିସି ଜୁଏଲର୍ସ, ଫ୍ରେସ୍‌ଲୁକ୍ ଓ ଫେସେସ୍ କାନାଡ଼ା ପରି ନାମୀଦାମୀ କମ୍ପାନି ସେମାନଙ୍କର ବିଜ୍ଞାପନରେ ତାଙ୍କୁ ସ୍ଥାନ ଦେବାକୁ ଆଗେଇ ଆସିଥିଲେ। ଏହାପରେ ବିଭିନ୍ନ ପଞ୍ଜାବୀ ଓ ହିନ୍ଦୀ ସଂଗୀତ ଭିଡିଓରେ ତାଙ୍କୁ ଦେଖିବାକୁ ମିଳିଥିଲା।




ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଥିବା ସୂର୍ଯ୍ୟକାନ୍ତ ଦିନେ ଭଲ ଭୂମିକାରେ ଅଭିନୟ କରିବାର ସ୍ୱପ୍ନ ଦେଖିଥିଲେ। ତାଙ୍କର ସେଇ ସ୍ୱପ୍ନ ଏବେ ପୂରଣ ହେବାକୁ ଯାଉଛି। ଚଳଚ୍ଚିତ୍ରର ଶୀର୍ଷକ ରହିଛି 'ବାଳୀ: ଦ ସେଭିୟର୍ର'।

ଜଣେ ସାଧାରଣ ଯୁବକ ହେଇ ବସ୍ତିବାସିନ୍ଦାଙ୍କ ପାଇଁ ସେ କିପରି ନିଜ ଜୀବନକୁ ବାଜି ଲାଗାଇଦେଉଛି ତାହା ତାଙ୍କ ଚରିତ୍ରରେ ପ୍ରତିଫଳିତ ହେଇଛି। ଏଇ ଚଳଚ୍ଚିତ୍ରରେ ତାଙ୍କ ସହଯୋଗୀ, ପ୍ରେମିକା ଓ ଜୀବନସାଥୀ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି ମାମା ସାମଲ। ଏ ଦୁହିଁଙ୍କ ବ୍ୟତୀତ କାହାଣୀର ଅନ୍ୟ ପ୍ରମୁଖ ଚରିତ୍ରରେ ଅଛନ୍ତି ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ବାପି ରୟ। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଇଥିବା ଏଇ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।

# ବଡ଼ପରଦାରେ ଦର୍ଶକଙ୍କୁ ପୁଣି ଡରାଇ ପାରନ୍ତି ବିଦ୍ୟା

୨୦୦୭ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ 'ଭୁଲ୍ ଭୁଲେୟାଁ' ବକ୍ସ ଅଫିସରେ ହିଟ୍ ହୋଇଥିଲା। ଦର୍ଶକଙ୍କ ବି ସିନେମାରେ ବିଦ୍ୟାଙ୍କ ଅଭିନୟକୁ ବେଶ ପସନ୍ଦ ବି କରିଥିଲେ। ଆଜି ବି 'ଭୁଲ୍ ଭୁଲେୟାଁ'ର ଫ୍ୟାନ ରହିଛନ୍ତି। ତେବେ ବିଦ୍ୟାଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ରହିଛି।

ଖୁବ୍ ଶୀଘ୍ର ଦର୍ଶକ ଏହି ଫିଲ୍ମର ସିକ୍ୱେଲ୍ ଦେଖିବେ। ଚଳିତ ବର୍ଷ 'ଭୁଲ୍ ଭୁଲେୟାଁ ୨' ବକ୍ସ ଅଫିସରେ ରିଲିଜ ହେବାକୁ ଯାଉଛି ବୋଲି ଜଣାପଡିଛି । ଯେଉଁଥିରେ କାର୍ତ୍ତିକ ଆର୍ଯ୍ୟନ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି କୁହାଯାଉଛି। ଫିଲ୍ମର ସେକେଣ୍ଡ ପାର୍ଟକୁ ନେଇ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି। କିନ୍ତୁ ବିଦ୍ୟା ବାଲାନଙ୍କ ଭୂମିକାକୁ ନେଇ ସନ୍ଦେହରେ ରହିଛି। ହେଲେ ଆନିସ୍ ବାଜମି ଏହାକୁ ସ୍ପଷ୍ଟ କରିଛନ୍ତି ।

'ଭୁଲ୍ ଭୁଲେୟାଁ ୨'କୁ ନେଇ ଆନିସ୍ ବାଜମି ଏକ ସାକ୍ଷାତକାରରେ କହିଛନ୍ତି କି 'ଭୁଲ୍ ଭୁଲେୟାଁ'ରେ ମଞ୍ଜୁଲିକା ଚରିତ୍ର ପସନ୍ଦର ଚିରତ୍ରଟିଏ। ତେଣୁ 'ଭୁଲ୍ ଭୁଲେୟାଁ ୨'ରେ ଏହି ଚରିତ୍ର ରହିବା ଜରୁରୀ । କିନ୍ତୁ ସେ ଆଗକୁ ଆଉ କିଛି କହିବାକୁ ମନା କରି ଦେଇଥିଲେ ଏବଂ ଆଗକୁ ଥିବା ଜିନିଷଗୁଡିକ ବର୍ତ୍ତମାନ ପାଇଁ ସସ୍ପେନସ୍ ରହିବାକୁ ଦିଅନ୍ତୁ ବୋଲି ମଧ୍ୟ କହିଥିଲେ।





# ରେଳବାଇ ଚାକିରୀ ନାଁରେ ଦଲାଲ ମାନଙ୍କ ଜାଲରେ ନପଡିବାକୁ ପୂର୍ବତଟ ରେଳପଥର ପରାମର୍ଶ

ଭୁବନେଶ୍ୱର,୧୩/୧ (ନି.ପ୍ର): ରେଳ ସୁରକ୍ଷା ବଳ (ଆରପିଏଫ୍) କନଷ୍ଟେବଲ୍ ଚାକିରୀ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବା ନେଇ କେତେକ ସାମାଜିକ ଗଣମାଧ୍ୟମ ଏବଂ ୱେବ ନ୍ୟୁଜ ପ୍ରକାଶ କରିଛନ୍ତି । ଏହାକୁ ବିପୁଳ ଭାବେ ସେମାନଙ୍କ ପୋର୍ଟାଲ ମାଧ୍ୟମରେ ପ୍ରସାର କରାଯାଉଥିବା ରେଳବାଇ ପ୍ରଶାସନ ନଜରକୁ ଆସିଛି । ରେଳବାଇ ଏବଂ ପ୍ରେସ ଇନଫରମେସନ୍ ବ୍ୟୁରୋ ଦ୍ୱାରା ହୋଇଥିବା ଫ୍ୟାକ୍ଟ ଚେକ୍ ବା ତଦନ୍ତ ଉପରେ ଏହା ଦେଖାଯାଇଛି ଯେ ଏହା ସମ୍ପୂର୍ଣ୍ଣ ନକଲି ଏବଂ ଆରପିଏଫ୍ କିମ୍ବା ରେଳବାଇ ଦ୍ୱାରା କୌଣସି ନିଯୁକ୍ତି ବିଜ୍ଞାପନ / ବିଜ୍ଞପ୍ତି ପ୍ରକାଶ କରାଯାଇ ନାହିଁ ।

ପୂର୍ବ ତଟ ରେଳବାଇରେ କିମ୍ବା ରେଳବାଇ ସୁରକ୍ଷା ବଳ ଚାକିରି ଯୋଗାଇଦେବାକୁ କହୁଥିବା ଦଲାଲ ମାନଙ୍କ ଜାଲରେ ନ ପଡ଼ିବା ପାଇଁ ଚାକିରି ଆଶାୟୀ ମାନଙ୍କୁ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି । ନିକଟ ଅତୀତରେ ରେଳ ପ୍ରଶାସନର ଅନେକ ମାମଲା ସାମ୍ନାକୁ ଆସିଛି । ରେଳବାଇ ପକ୍ଷରୁ ରେଲୱେ ଚାକିରି ପାଇବାକୁ ଦଲାଲ ମାନଙ୍କ ଜାଲରେ ଶିକାର ନହେବାକୁ ପରାମର୍ଶ ଦିଆଯାଇଛି । ଯୋଗ୍ୟତା ଏବଂ ପରିଶ୍ରମ ଦ୍ୱାରା ଚାକିରି ପାଆନ୍ତୁ । ରେଳବାଇ ବୋର୍ଡ କିମ୍ବା ରେଳବାଇ ନିଯୁକ୍ତି ବୋର୍ଡ କିମ୍ବା ରେଳ ମନ୍ତ୍ରଣାଳୟ ନିଯୁକ୍ତି ପାଇଁ କୌଣସି ତୃତୀୟ ପକ୍ଷ ଏଜେଂଟ କିମ୍ବା ଆଉଟସୋର୍ସିଂ ଏଜେନ୍ସିକୁ ମନୋନୀତ କରାଯାଏ ନାହିଁ ।

ସର୍ବଦା ରେଳବାଇ ନିଯୁକ୍ତି ବୋର୍ଡ, ରେଳବାଇ ନିଯୁକ୍ତି ସେଲ ଏବଂ ଅଫିସିଆଲ୍ ୱେବସାଇଟ୍ ଯାଂଚ କରନ୍ତୁ ଏବଂ ଖବରକାଗଜରେ ଏବଂ ଏମ୍ପ୍ଲୋୟମେଂଟ ନ୍ୟୁଜ ରେ ବୋର୍ଡ ଦ୍ୱାରା ପ୍ରକାଶିତ ବିଜ୍ଞାପନ ଅନୁସରଣ କରନ୍ତୁ । କେବଳ ରେଳବାଇର ଅଫିସିଆଲ୍ ୱେବସାଇଟ୍ ଅନୁସରଣ କରନ୍ତୁ। ଯଦି କେହି ରେଳବାଇରେ ଚାକିରି ଯୋଗାଇଦେବାକୁ ପ୍ରତିଶୃତି ଦେଇ ଲାଂଚ ମାଗଲେ କିମ୍ବାଦୁର୍ନୀତି ସମ୍ବନ୍ଧରେ କୌଣସି ସୂଚନା ପାଇଲେ ପୂର୍ବତଟ ରଲାପଥର ଭିଜିଲାନ୍ସ ହେଲ୍ପଲାଇନ ନମ୍ବର ୮୪୫୫୮୮୫୦୩୧ ରେ ସୂଚନା ଦେବାକୁ ରେଳବାଇ ପକ୍ଷରୁ କୁହାଯାଇଛି ।

# ପିଆଇବି ଓ ଆରଓବି ଭୁବନେଶ୍ୱର ପକ୍ଷରୁ ୱେବିନାର

ଭୁବନେଶ୍ୱର ,୧୩/୧ (ନି.ପ୍ର): ଏକ ଉନ୍ନତ ଓ ସମୃଦ୍ଧ ନବଭାରତ ଗଠନରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନର ଏକ ମୁଖ୍ୟ ଭୂମିକା ରହିଛି ବୋଲି ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱରସ୍ଥିତ ପତ୍ରସୂଚନା କାର୍ଯ୍ୟାଳୟ,ପିଆଇବି, ଆଂଚଳିକ କ୍ଷେତ୍ର ପ୍ରଚାର ବ୍ୟୁରୋ, ଆରଓବି ଓ ଓଡିଶା ନେହେରୁ ଯୁବ କେନ୍ଦ୍ର ସଂଗଠନର ମିଳିତ ଆନୁକୂଲ୍ୟରେ ଆଜି (୧୧-୦୧-୨୦୨୨) ସ୍ୱାମୀ ବିବେକାନନ୍ଦ-ନବଭାରତର ପ୍ରେରଣାର ଉତ୍ସ ଶୀର୍ଷକ ୱେବିନାରରେ ଯୋଗଦେଇ ବକ୍ତାଗଣ ଏହି ମତବ୍ୟକ୍ତ କରିଛନ୍ତି । ୱେବିନାରରେ ଅଂଶଗ୍ରହଣ କରି ଆରଓବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସ୍ୱାମୀ ବିବେକାନନ୍ଦଙ୍କ ତିନୋଟି ମହତ୍ୱପୂର୍ଣ୍ଣବାଣୀ ଉପରେ ଆଲୋକପାତ କରିଥିଲେ । ତାହା ହେଲା ଆତ୍ମବିଶ୍ୱାସ, ମନ ଓ ହୃଦୟରେ ଗ୍ରହଣ ବା ପରିତ୍ୟାଗ, ଯାହା ଆସୁଛି ତାହା ସାମ୍ନା କର । ବିଶିଷ୍ଟ ଲେଖକ ଓ ଆଧ୍ୟାତ୍ମିକ ଚିନ୍ତକ ବିଷ୍ଣୁପ୍ରସାଦ ନନ୍ଦ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ ସ୍ୱାମୀ ବିବେକାନନ୍ଦ ଭାରତ ଓ ପାଶ୍ଚାତ୍ୟ ଜଗତ ମଧ୍ୟରେ ଏକ ସେତୁ ଗଠନ କରିଥିଲେ । ସ୍ୱାମିଜୀ " ସନାତନ ଧର୍ମର ବାଣୀ ବିଶ୍ୱରେ ପରିଚିତ କରାଇବା ସହ ସବୁବେଳେ, ସମାଜର ଅବହେଳିତମାନଙ୍କ ଅଧିକାର ପାଇଁ ଅଂଟାଭିଡି ଠିଆ ହୋଇଥିଲେ" ବୋଲି ସେ କହିଥିଲେ ।" ସ୍ୱାମିଜୀ ସମଗ୍ର ବିଶ୍ୱରେ ବିଶ୍ୱ ଭ୍ରାତୃତ୍ୱର ପ୍ରଚାର କରିଥିଲେ ବୋଲି ଶ୍ରୀ ନନ୍ଦ କହିଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର ସ୍ୱାମିଜୀଙ୍କ ନୀତି କିପରି ଏକ ସମୃଦ୍ଧ ଭାରତ ଗଠନରେ ସହାୟକ ହେବ ତାହା ଉପରେ ଆଲୋକପାତ କରିଥିଲେ । ସ୍ୱାମିଜୀଙ୍କ ବାଣୀର ଯୁଗ ଯୁଗ ଧରି ମହତ୍ୱ ରହିଛି । ଏହା ସେତେବେଳେ ଯୁକ୍ତିଯୁକ୍ତ ଥିଲା ଓ ଏବେ ମଧ୍ୟ ରହିଛି । ଆମେ ତାଙ୍କ ନୀତି ଓ ଆଦର୍ଶକୁ ଅନୁସରଣ କଲେ ଏକ ନୂତନ ଭାରତ ଗଠନ କରିପାରିବା ବୋଲି ସେ କହିଥିଲେ । ଶ୍ରୀ ମହାପାତ୍ର ଯୁବ ସମାଜର ବିକାଶ ଦିଗରେ ନୀତିମାନ ନିର୍ଦ୍ଧାରଣ କରୁଥିବାରୁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶର ଭବିଷ୍ୟତ ଯୁବାଗୋଷ୍ଠୀ ନିମନ୍ତେ ନୂତନ କାର୍ଯ୍ୟକ୍ରମ ଓ ନୀତିମାନ ଗ୍ରହଣ କରୁଛନ୍ତି । ସରକାର ସଠିକଭାବେ ସ୍ୱାମୀ ବିବେକାନନ୍ଦଙ୍କ ନୀତିଗୁଡ଼ିକୁ ଅନୁସରଣ କରୁଥିବା ଶ୍ରୀ ମହାପାତ୍ର କହିଥିଲେ ।

# ୯୬ ହଜାରଙ୍କୁ ଦିଆଗଲାଣି ବୁଷ୍ଟର ଡୋଜ୍

ଭୁବନେଶ୍ୱର,୧୩/୧ (ନି.ପ୍ର): କରୋନାର ନୂଆ ଭାରିଆଂଟ ପାଇଁ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ୫୦୦ତଳକୁ ଖସିଯାଇଥିବା ସଂଖ୍ୟା ଏବେ ୮ହଜାର ଟପିଲାଣି । ତେବେ ରାଜ୍ୟରେ ବୁଷ୍ଟର ଡୋଜ ଟିକାକରଣ ଜାରି ରହିଛି । ଯେ ଗତକାଲି ୪୬ହଜାର ୧୦୯ଜଣଙ୍କୁ ବୁଷ୍ଟର ଡୋଜ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬ହଜାର ୬୮୪ଜଣଙ୍କୁ ବୁଷ୍ଟର ଡୋଜ ଦିଆଯାଇସାରିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

ସେ କହିଛନ୍ତି ବୁଷ୍ଟର ଡୋଜ୍ ନେଇଥିବା ବ୍ୟକ୍ତିଙ୍କ ଭିତରେ ସ୍ୱାସ୍ଥ୍ୟସେବା କର୍ମଚାରୀ ୨୦ ହଜାର ୧୩୦ଜଣ, ଆଗଧାଡ଼ିର କରୋନା ଯୋଦ୍ଧା ୧୨ ହଜାର ୧୩୩ ଜଣ, ୬୦ବର୍ଷରୁ ଉର୍ଦ୍ଧ୍ୱ ୧୩ହଜାର ୮୪୬ଜଣ ରହିଛନ୍ତି । ଏହା ସହ ୧୫ରୁ ୧୮ବର୍ଷ ବୟସ୍କଙ୍କୁ ମଧ୍ୟ ଟିକାକରଣ ଜାରି ରହିଛି । ଗତକାଲି ସୁଦ୍ଧା ୭୯ହଜାର ୫୨୭ଜଣ କିଶୋରଙ୍କୁ ଟିକା ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮ଲକ୍ଷ ୫ ହଜାର ୫୫୩ଜଣ ଟିକା ନେଇସାରିଛନ୍ତି, ଯାହା ଟାର୍ଗେଟର ୩୪% ଅଟେ । ଆଜି ସୁଦ୍ଧା ରାଜ୍ୟରେ ୫କୋଟି ୩୨ଲକ୍ଷ ୧୩ହଜାର ଟିକା ଦିଆଯାଇସାରିଲାଣି । ପ୍ରଥମ ଡୋଜ ୯୨ପ୍ରତିଶତ ଓ ଦ୍ୱିତୀୟ ଡୋଜ ୯୦ ପ୍ରତିଶତ ଲୋକେ ନେଇସାରିଲେଣି ।

ଅପରପକ୍ଷରେ ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ଟିକାକରଣକୁ ଆହୁରି ବଢ଼ାଇବାକୁ କୁହାଯାଇଛି । ଯେଉଁମାନେ ପ୍ରଥମ ଡୋଜ ନେଇନାହାନ୍ତି ସେମାନଙ୍କୁ ଘରକୁ ଘର ବୁଲି ଚିହ୍ନଟ କରାଯାଇ ଟିକା ଦିଆଯାଉଛି । ଏହି ମାସ ଶେଷ ସୁଦ୍ଧା ଦ୍ୱିତୀୟ ଡୋଜ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖିଛି ବିଭାଗ ।

# ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି : ସ୍ୱାମୀ ଆତ୍ମା ପ୍ରଭାନନ୍ଦ ମହାରାଜ

ଭୁବନେଶ୍ୱର,୧୩/୧ (ନି.ପ୍ର): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୫୯ ତମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆତ୍ମା ପ୍ରଭାନନ୍ଦ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ବିବେକାନନ୍ଦଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଜର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଭାରତୀୟ ଦର୍ଶନ ଏବଂ ବିଶ୍ୱ ଭ୍ରାତୃତ୍ୱକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବାରେ ସ୍ୱାମୀ ବିବେକାନନ୍ଦ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହାର ତୁଳନା ନାହିଁ । ତାଙ୍କ ପ୍ରଦର୍ଶିତ ମାର୍ଗ ଓ ବାଣୀ ଆଜି ବି ସମଗ୍ର ବିଶ୍ୱ ପାଇଁ ଆଦର୍ଶ ହୋଇ ରହି ଆସିଛି । ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରି ନିଷ୍ଠା ଓ ଅଧ୍ୟବସାୟ ବଳରେ ଲକ୍ଷ୍ୟପ୍ରାପ୍ତି ଦିଗରେ ଅଗ୍ରସର ହେବାକୁ ସେ ଯୁବପିଢିଙ୍କୁ ଯେଉଁ ବାର୍ତ୍ତା ପ୍ରଦାନ କରିଯାଇଛନ୍ତି ତାହା ସମସ୍ତେ ପାଳନ କରିବା ଉଚିତ । ଏଥିସହିତ ଆମେ ସମସ୍ତେ ଭାରତୀୟ ଭାବେ ଗର୍ବିତ ହେବା ସହ ଆଜିର ଯୁବପିଢ଼ି ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ନିଜ ଜୀବନରେ ସାମିଲ କରନ୍ତୁ ବୋଲି ମୁଖ୍ୟଅତିଥି ସ୍ୱାମୀ ଆତ୍ମା ପ୍ରଭାନନ୍ଦ ମହାରାଜ ତାଙ୍କ ବକ୍ତବ୍ୟରେ କହିଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ଏବଂ ଶୈଳେନ୍ଦ୍ର କୁମାର ଜେନା ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କୋଭିଡ କଟକଣାକୁ ଦୃଷ୍ଟିରେ ରଖି କେବଳ ସ୍ୱଳ୍ପ ସଂଖ୍ୟକ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମକୁ ଶ୍ରୀମତୀ ନିବେଦିତା ଆଚାର୍ଯ୍ୟ ସଂଯୋଜନା କରିଥିଲେ ।

# ସରକାରୀ ଚାକିରି ଆବେଦନ ବୟସ ସୀମା ବଢ଼ାଇବା ଭେଲିକି : ଯୁବ କଂଗ୍ରେସ

ଭୁବନେଶ୍ୱର,୧୩/୧ (ନି.ପ୍ର): ରାଜ୍ୟ ସରକାର ସରକାରୀ ଚାକିରି ଆବେଦନ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୩୮ବର୍ଷକୁ ବୃଦ୍ଧି କରିଛନ୍ତି । ତେବେ ଏହି ନିୟମ କେବଳ ୩ ବର୍ଷ ପାଇଁ ବଳବତର ରହିବା ନେଇ ରାଜ୍ୟ ସରକାରଙ୍କ ଏଭଳି ଘୋଷଣା କେବଳ ଧର୍ମକୁ ଆଖିଠାର ବୋଲି କହିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା । ଏକ ପ୍ରେସ ବିବୃତିରେ ଡ. ଲେଙ୍କା କହିଛନ୍ତି ଯେ, ରାଜ୍ୟ ସରକାର କେବଳ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବପିଢ଼ିଙ୍କୁ ଭଣ୍ଡାଇବା ପାଇଁ ଏଭଳି ଘୋଷଣା କରିଛନ୍ତି । ବାସ୍ତବରେ ବେକାରୀ ସମସ୍ୟା ସମାଧାନ ଓ ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସରକାରଙ୍କର କୌଣସି ଆନ୍ତରିକତା ନାହିଁ । ତାହା ନ ହୋଇଥିଲେ ସରକାର ଏହି ନିୟମ କେବଳ ତିନି ବର୍ଷ ପାଇଁ କାହିଁକି ଲାଗୁ କରିଛନ୍ତି । ଡ. ଲେଙ୍କା କହିଛନ୍ତି ଯେ, ସରକାରୀ ଚାକିରି ଆବେଦନ ବୟସ ସୀମା ୪୨ବର୍ଷକୁ ବୃଦ୍ଧି କରିବା ନିମନ୍ତେ ବହୁ ଆଗରୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଆସୁଛି । ଆସନ୍ତା ତିନି ବର୍ଷରେ କେତେ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ତାହା ଦେଖିବାର ଅଛି ।

ଅନ୍ୟପକ୍ଷରେ ମାତ୍ର ତିନିବର୍ଷ ପାଇଁ କାହିଁକି, ସବୁଦିନ ପାଇଁ ଏଭଳି ନିୟମ ଲାଗୁ କରିବାରେ କ'ଣ ଅସୁବିଧା ରହିଛି ସରକାର ସ୍ପଷ୍ଟ କରନ୍ତୁ ବୋଲି ଡ. ଲେଙ୍କା ଦାବି କରିଛନ୍ତି । ଆଜି ଜାତୀୟ ଯୁବ ଦିବସ ଅବସରରେ ନୂଆପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନଙ୍କ ନେତୃତ୍ୱରେ କୋମନା ଠାରେ ଏକ ଗଣଦୌଡ଼ 'ରନ୍ ଫର ରାଜୀବ' ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣଦୌଡ଼ ଉଦ୍‌ଘାଟନ କରିବା ସହ ଯୁବପିଢ଼ି ଏକ ସଶକ୍ତ ଓ ବିକାଶଶୀଳ ସୁନାର ଓଡ଼ିଶା ଗଠନରେ ଅଗ୍ରସର ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଏଥିସହ ଓଡ଼ିଶାରେ ସରକାରୀ ଚାକିରି ଆବେଦନ ସର୍ବୋଚ ବୟସ ସୀମା ୪୨ବର୍ଷ କରିବା ପାଇଁ ସେ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଚନ୍ଦ୍ରକାନ୍ତ କାଣ୍ଡି, ଆୟୁଷ ଗୁପ୍ତା, ଅନନ୍ତ ସୋନି, ନରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ମିଶନାରୀ ସଂସ୍ଥାକୁ ଆର୍ଥିକ ସହାୟତା ଘଟଣାକୁ ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧୩/୧ (ନି.ପ୍ର): ରାଜ୍ୟ ସରକାର ମିଶନାରୀ ଅଫ୍ ଚାରିଟି ସଂସ୍ଥାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୮ ଲକ୍ଷ ୭୬ ହଜାର ଟଙ୍କାର ସହାୟତା ଦେବାକୁ ଘୋଷଣା କରିଥିବାରୁ ଏ ବିଷୟକୁ ନେଇ ବିଶ୍ୱହିନ୍ଦୁ ପରିଷଦ ଓଡିଶା, ହିନ୍ଦୁ ଜାଗରଣ ମଂଚ ଓଡିଶା ଓ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ବୁଧବାର ଓଡିଶାର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିଶ୍ୱହିନ୍ଦୁ ପରିଷଦର ରାଜ୍ୟସଭାପତି ପ୍ରଫେସର ଡ. ପ୍ରଫୁଲ କୁମାର ମିଶ୍ରଙ୍କ ନେତୃତ୍ୱରେ ପରିଷଦର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଆନନ୍ଦ କୁମାର ପାଣ୍ଡେ, ହିନ୍ଦୁ ଜାଗରଣ ମଂଚର ସଭାପତି ଅଜିତ କୁମାର ପଟ୍ଟନାୟକ ଏବଂ ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସାଧାରଣ ସଂପାଦକ ଚନ୍ଦ୍ରକାନ୍ତ ନାଥଙ୍କ ସମେତ ଏକ ୪ ଜଣିଆ ପ୍ରତିନିଧି ମଣ୍ଡଳ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବିଷୟରେ ହସ୍ତକ୍ଷେପ କରି ମୁଖ୍ୟମନ୍ତ୍ରୀଙ୍କର ସମ୍ବିଧାନ ବିରୋଧି ପଦକ୍ଷେପକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ପଦକ୍ଷେପ ନେବା ସହିତ ଭବିଷ୍ୟତରେ ଏଭଳି ସମ୍ବିଧାନ ଓ ସମାଜ ବିରୋଧି କାର୍ଯ୍ୟ ଯେପରି ନ ହୁଏ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବା ପାଇଁ ପ୍ରତିନିଧି ମଣ୍ଡଳ ରାଜ୍ୟପାଳ ଙ୍କୁ ଅନୁରୋଧ କରିଛନ୍ତି ।

ରାଜ୍ୟପାଳଙ୍କୁ ପ୍ରଦତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ,ଓଡିଶା ଏକ ହିନ୍ଦୁବହୁଳ ରାଜ୍ୟ, ଯେଉଁଠାରେ ବିଭିନ୍ନ ସଂପ୍ରଦାୟ ଓ ଭାଷାଭାଷୀ ଲୋକମାନେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ରହି ଆସୁଛନ୍ତି । ବେଳେ ବେଳେ ଅନ୍ୟ ସଂପ୍ରଦାୟର ବିଛିନ୍ନତାବାଦୀ ମାନସିକତା ଆମ ସମାଜକୁ ବିଶୃଙ୍ଖଳା ମଧ୍ୟକୁ ଠେଲିଦେଉଛି; ଉଦାହରଣ ସ୍ୱରୂପ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ଭଦ୍ରକ ଦଙ୍ଗା ଇତ୍ୟାଦି । ନିକଟରେ ମୁଖ୍ୟମନ୍ତ୍ରୀ ଖ୍ରୀଷ୍ଟିଆନ ସଂସ୍ଥାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୭୮,୭୬,୦୦୦ ଟଙ୍କା ଅନୁଦାନ ଦେବା ତାଙ୍କର ହିନ୍ଦୁ ବିରୋଧି ଏବଂ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ ପ୍ରୋତ୍ସାହନ ଦେବାର ମାନସିକତାକୁ ପଦାରେ ପକାଇ ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି କେବଳ ଜାତୀୟ ଦୈବୀଦୁର୍ବିପାକ ସମୟରେ ବ୍ୟବହୃତ ହୋଇଥାଏ । କିନ୍ତୁ ଏଠାରେ ବିନା ଦରଖାସ୍ତରେ ଅନାବଶ୍ୟକ ଭାବେ ଖ୍ରୀଷ୍ଟିୟ ସଂସ୍ଥାକୁ ଅନୁଦାନ ଦେବା ଆଦୌ ଗ୍ରହଣୀୟ ନୁହେଁ । ଏହା ଏକ ନିର୍ବାଚନୀ ଚାଲ ଓ ଭୋଟ ହାତେଇବା ରାଜନୀତି ପରି ମନେ ହୁଏ ।

କରୋନା ସମୟରେ ସାଧୁସନ୍ଥ ମଠ ମନ୍ଦିରମାନ ବହୁ ଆର୍ଥିକ ଅନାଟନର ସମ୍ମୁଖୀନ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଗଲା ନାହିଁ । କିନ୍ତୁ ବିନା ଦରଖାସ୍ତରେ ମିଶନାରୀଜ୍ ଅଫ୍ ଚାରିଟି ନାମକ ଖ୍ରୀଷ୍ଟିୟ ସଂସ୍ଥାକୁ ଅର୍ଥ ପ୍ରଦାନ କରି ପ୍ରୋତ୍ସାହନ ଦେବା ଏକ ରାଜନୈତିକ ଷଡଯନ୍ତ୍ର ପରି ମନେ ହେଉଛି ।

# ଚକରା ବିଷୋୟୀଙ୍କର ୧୯୯ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୩/୧ (ନି.ପ୍ର): ଚକରା ବିଷୋୟୀଙ୍କ ୧୯୯ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ବିପ୍ଳବୀ ଚକରା ବିଷୋୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ପରାଧୀନ ଭାରତରେ ସର୍ବଦା ବିପ୍ଳବର ସ୍ୱର ଝଂକୃତ ହୋଇଥିବାବେଳେ ବହୁ ମହାନ ବିପ୍ଳବୀଙ୍କର ଆବିର୍ଭାବ ହୋଇଛି । ସେମାନଙ୍କ ମଧ୍ୟରେ ମହାନ ବିପ୍ଳବୀ ଚକରା ବିଷୋୟୀ ଅନ୍ୟତମ । ତତ୍କାଳୀନ ଘୁମୁସୁର ରାଜ୍ୟ ଥିଲା ପ୍ରଭାବଶାଳୀ ଏବଂ ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ । ବ୍ରିଟିଶରମାନଙ୍କଠାରୁ ଜନ୍ମଭୂମିକୁ ସୁରକ୍ଷିତ ରଖିବା ପାଇଁ ବିପ୍ଳବର ଅଗ୍ନିଶିଖାକୁ ସ୍ୱାଧୀନଚେତା ତଥା ଦୁର୍ଦ୍ଧର୍ଷ ଆଦିବାସୀମାନଙ୍କ ମଧ୍ୟରେ ଜାଗୃତ କରିବାରେ ବିପ୍ଳବୀ ଚକରା ବିଷୋୟୀ ନେତୃତ୍ୱ ନେଇଥିଲେ । ଜନ୍ମମାଟିର ସୁରକ୍ଷା ପାଇଁ ତାଙ୍କର ତ୍ୟାଗ, ଦେଶଭକ୍ତି, ସଂଘର୍ଷ, ବଳିଦାନ ଓ ବୀରତ୍ୱର ଗାଥା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ।

ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଂଟିଆ ଏବଂ ସନ୍ତୋଷ କୁମାର ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର,୧୩/୧ (ନି.ପ୍ର): ଆଜି ପବିତ୍ର ଶାମ୍ବ ଦଶମୀ ତଥା ଜାତୀୟ ଯୁବଦିବସ ଅବସରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପତ୍ରିକାର ସମ୍ପାଦକ ଡ. ଲେନିନ୍ ମହାନ୍ତିଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଡ. ଲେନିନ୍ ମହାନ୍ତିଙ୍କୁ ଉତ୍କଳ ସମ୍ମିଳନୀ ଫଳକ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସ, ଉପ-ସଭାପତି ବିଚିତ୍ର କୁମାର ବଡ଼ଜେନା ଓ ଡ. ସୁରେନ୍ଦ୍ର ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ବିଭୁତି ମିଶ୍ର, ମଂଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, କାର୍ଯ୍ୟନିର୍ବାହୀ ସଦସ୍ୟ ମହେଶ୍ୱର ବିଶ୍ୱାଳ ଓ ବଂଶିଧର ଭୋଇ ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

# କଂଗ୍ରେସ ସରକାର ଏବଂ ଗାନ୍ଧୀ ପରିବାର ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟାପକ ଅବହେଳା କରିଛନ୍ତି : ବିଜେପି

ଭୁବନେଶ୍ୱର,୧୩/୧ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଟିମକୁ ରାସ୍ତାରେ ଆନ୍ଦୋଳନକାରୀଙ୍କ ଉପସ୍ଥିତି ବିଷୟରେ ଆଲର୍ଟ କରାଗଲା ନାହିଁ କାହିଁକି ? ଅନ୍ୟ ପଟେ ଗତ କାଲି ପଞ୍ଜାବ ପୋଲିସ ଅଧିକାରୀମାନଙ୍କ ରାଷ୍ଟ୍ରୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ବକ୍ତବ୍ୟ ସନ୍ଦେହକୁ ଦୃଢ଼ିଭୂତ କରିବା ସହିତ ସତ୍ୟକୁ ସର୍ବସାଧାରଣରେ ଉଜାଗର କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ପଞ୍ଜାବ ପୋଲିସର ଏକ ଅଧିକାରୀଙ୍କ ବକ୍ତବ୍ୟ ଅନୁଯାୟୀ, ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପଂଜାବ ଗସ୍ତ ସମୟରେ ସୁରକ୍ଷା ଭଙ୍ଗ ହେଉଥିବା ପ୍ରସଙ୍ଗରେ ସେ ନିଜ ଉଚ୍ଚ ପୋଲିସ ଅଧିକାରୀ, ପ୍ରଶାସନ ଏବଂ ଶାସକ କଂଗ୍ରେସକୁ ଅବଗତ କରାଇଥିଲେ । ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ରୁଟର ସୁରକ୍ଷା ବ୍ୟବସ୍ଥା ଠିକ ଅଛି ବୋଲି ପୋଲିସ ଡିଜି କାହିଁକି ଏବଂ କାହା ନିର୍ଦ୍ଦେଶରେ କହିଲେ ? ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଭଙ୍ଗ କରିବା ପାଇଁ ପଂଜାବ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ କଂଗ୍ରେସ ଦଳର କେଉଁ କେଉଁ ନେତୃତ୍ୱ ନିର୍ଦ୍ଦେଶ ଦେଇଥିଲେ ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି । ଏଭଳି ଗମ୍ଭୀର ଘଟଣାକୁ କଂଗ୍ରେସ ଦଳ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରିବା ଏବଂ ବୟାନବାଜୀ କରି ନିଜ ଦୋଷ ଅନ୍ୟ ମୁଣ୍ଡକୁ ଠେଲି ଦେବା ଅତ୍ୟନ୍ତ ନିନ୍ଦା ଓ ଲଜ୍ଜାଜନକ ଘଟଣା ସଂପର୍କରେ ପଂଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନୀ କଂଗ୍ରେସ ଦଳର ସାଧାରଣ ସଂପାଦକ ତଥା ଗାନ୍ଧୀ ପରିବାରର ସଦସ୍ୟ ପ୍ରିୟଙ୍କା ଗାନ୍ଧୀଙ୍କୁ ରିପୋର୍ଟ ଦେବା ପଛରେ ଉଦ୍ଦେଶ୍ୟ କଣ ? ଉଭୟ ପଂଜାବର ଅସହିଷ୍ଣୁ କଂଗ୍ରେସ ସରକାର ଏବଂ ଗାନ୍ଧୀ ପରିବାର ମିଳିମିଶି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟାପକ ଅବହେଳା କରିବା ପଛରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରହିଛି । ବାରମ୍ବାର ସେମାନଙ୍କ ଚେଷ୍ଟା ସତ୍ତ୍ୱେ କଂଗ୍ରେସ ଦଳର ନେତୃତ୍ୱମାନେ ଜାଣିଶୁଣି ପ୍ରଧାନମନ୍ତ୍ରୀ ଜୀଙ୍କୁ ଏକ ଅସୁରକ୍ଷିତ ମହଲରେ ରଖିଲେ ବୋଲି ପଞ୍ଜାବ ପୋଲିସର ଅଧିକାରୀମାନଙ୍କ ସ୍ୱୀକାରୋକ୍ତି କେବଳ ଯେ ନିନ୍ଦନୀୟ ନୁହେଁ ବରଂ ଦଣ୍ଡନୀୟ ମଧ୍ୟ ଅଟେବୋଲି ଡ.ଲେଖାଶ୍ରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ଏବଂ ରାଜ୍ୟ ଗଣମାଧ୍ୟମ ସହପ୍ରମୁଖ ସୁଜିତ୍ କୁମାର ଦାସ୍ ଉପସ୍ଥିତ ଥିଲେ ।

# ରାୟଗଡ଼ାକୁ ଦକ୍ଷିଣ ଉପକୂଳ ରେଲ୍‌ୱେ ଡ଼ିଭିଜନରେ ରଖିବାକୁ ଷଡଯନ୍ତ୍ର : କଂଗ୍ରେସ

ଭୁବନେଶ୍ୱର,୧୩/୧ (ନି.ପ୍ର): ଓଡ଼ିଶାବାସୀଙ୍କ ସ୍ୱାଭିମାନ ଓ ସଂଗ୍ରାମର ପ୍ରତୀକ ପୂର୍ବତଟ ରେଳପଥ । ମାତ୍ର ଏହାକୁ ଅଧିକ ସଶକ୍ତ କରାଯିବା ପରିବର୍ତେ ଦିନକୁ ଦିନ ଦୁର୍ବଳ ଓ ଶକ୍ତିହୀନ କରିଦେବାର ଷଡ଼ଯନ୍ତ୍ର ହୋଇଛି । ରାୟଗଡ଼ାକୁ ଆନ୍ଧ୍ରର ଦକ୍ଷିଣ ଉପକୂଳ ରେଲ୍‌ୱେ ଡ଼ିଭିଜନ ଜୋନ ଅଧୀନରେ ରଖିବାକୁ ବଜେଟରେ ମଞ୍ଜୁରୀ ମିଳିବାର ତଥ୍ୟ ସାମ୍ନାକୁ ଆସିଛି । ଏ ସମ୍ପର୍କରେ ତଥ୍ୟ ସାମ୍ନାକୁ ଆସିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ନୀରବ ରହିବା ଏବଂ ବିଜେଡ଼ି ଭୋଟ୍‌ରେ ସାଂସଦ ବନି ରେଳମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବୈଷ୍ଣବ କୌଣସି ପ୍ରତିକ୍ରିୟା କିମ୍ବା ସ୍ପଷ୍ଟୀକରଣ ନଦେବା ଓଡ଼ିଶାବାସୀଙ୍କ ପ୍ରତି ବେଇମାନୀ ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଅମିୟ ପାଣ୍ଡବ କହିଛନ୍ତି । ସେ କହିଛନ୍ତି ପ୍ରଥମେ ୱାଲିଟୟର ଡ଼ିଭିଜନକୁ ଆମ ଠାରୁ ଛଡ଼ାଇ ନିଆଗଲା । ପୂର୍ବତଟ ରେଳପଥରେ ଚଳାଚଳ କରୁଥିବା ପ୍ରାୟ ୭୦୦ଟି ଇଞ୍ଜିନ ମଧ୍ୟରୁ ପ୍ରାୟ ୫୦୦ଟି ଇଞ୍ଜିନ ଏହି ଡ଼ିଭିଜନରୁ ଆସିଥାଏ । ସେହିପରି ଗୋଟିଏ ବୃହତ୍ ଇସ୍ପାତ କାରଖାନା ଓ ବନ୍ଦର ଏହା ଅଧିନରେ ଥିଲା, ଯାହା ଆମ ହାତରୁ ଚାଲିଗଲା । ବାର୍ଷିକ ୨୫ ହଜାର କୋଟିର ରାଜସ୍ୱରୁ ପ୍ରାୟ ୩୫% ଅର୍ଥାତ୍ ୯,୫୦କୋଟି ରାଜସ୍ୱ ହରାଇଲୁ । ୨୦୧୯ ଜୁଲାଇ ୧୭ ତାରିଖରେ ରାୟଗଡ଼ାରେ ନୂଆ ରେଳ ଡ଼ିଭିଜନ ପ୍ରତିଷ୍ଠା ପାଇଁ ଘୋଷଣା କରାଗଲା । ୨୦୨୦-୨୧ ରେଳ ବଜେଟରେ ପୂର୍ବତଟ ରେଳପଥ ୧୭୦ କୋଟି ଟଙ୍କାର ଡ଼ିପିଆର ଦାଖଲ କରିଥିଲା । ହେଲେ ଆଜି ସୁଦ୍ଧା ମିଳିଛି ମାତ୍ର ୩ କୋଟି ୪୦ ଲକ୍ଷ ଟଙ୍କା । ବନ୍ଧମୁଣ୍ଡାରେ ମଧ୍ୟ ରେଳବାଇର ଦୁଇଟି ସେଡ୍ ରହିଛି ଗୋଟେ ଇଲେକ୍ଟ୍ରିକ ସେଡ୍, ଗୋଟେ ଡ଼ିଜେଲ ସେଡ୍ । ବିଶାଖାପାଟଣାରେ ଦୁଇଟି ସେଡ୍ ଥିଲା, ତାହା ଏବେ ଚାଲିଯିବାରୁ ବନ୍ଧମୁଣ୍ଡାକୁ ପୂର୍ବତଟ ରେଳପଥ ଅଧିନକୁ ଅଣାଯିବା ଦରକାର । ବିଶାଖାପାଟଣାଠାରେ ଥିବା ବନ୍ଦର ଓ ଇସ୍ପାତ କାରଖାନା, ପୂର୍ବତଟ ରେଳପଥରୁ ଚାଲିଯିବା କାରଣରୁ ଏବେ ରାଉରକେଲା ଓ ଝାରସୁଗୁଡ଼ା ଜୋନକୁ ଦକ୍ଷିଣପୂର୍ବ ରେଳପଥରୁ ଆଣି ପୂର୍ବତଟ ରେଳପଥରେ ମିଶାଇ ଦିଆଗଲେ ଆମେ ଗୋଟେ ଇସ୍ପାତ କାରଖାନା ପାଇଯିବୁ । ସେହିପରି ଦକ୍ଷିଣପୂର୍ବ କେନ୍ଦ୍ରୀୟ ରେଳପଥ ଅଧୀନରେ ଏବଂ ବିଳାସପୁର ଡ଼ିଭିଜନରେ ଥିବା 'ଇବ୍' ଅଞ୍ଚଳକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରାଗଲେ, କୋଇଲା ପରିବହନର ସୁଯୋଗ ପ୍ରଶସ୍ତ ହୋଇପାରିବ ଏବଂ ରାଜସ୍ୱ ବୃଦ୍ଧି ପାଇବ । ତେଣୁ ରେଳମନ୍ତ୍ରୀ ରାୟଗଡ଼ାକୁ ନେଇ ଯେଉଁ ଷଡ଼ଯନ୍ତ୍ର ଓ ସନ୍ଦେହ ସୃଷ୍ଟି ହୋଇଛି, ସେ ସମ୍ପର୍କରେ ସ୍ପଷ୍ଟ ମତ ରଖିବାକୁ ଶ୍ରୀ ପାଣ୍ଡବ ଦାବି କରିଥିଲେ । ଏଥିରେ ଅନ୍ୟତମ ମୁଖପାତ୍ର ପ୍ରଶାନ୍ତ ଶତପଥୀ ଓ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ତରଫରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୩/୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଭାରତୀୟ ଜନତା ଯୁବ ମୋର୍ଚ୍ଚା ସଭାପତି ରଶ୍ମି ରଞ୍ଜନ ମୁଦୁଲୀଙ୍କ ନେତୃତ୍ୱରେ ଭୁବନେଶ୍ୱର ଯୁବମୋର୍ଚ୍ଚା ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଏହି ଅବସରରେ ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ସାଧାରଣ ସମ୍ପାଦକ ଶିବାଶିଷ ମହାନ୍ତି, ସୁରେଶ ସାହୁ, ଉପସଭାପତି ଆଦର୍ଶ ପଟ୍ଟନାୟକ, ସମ୍ପାଦକ ଅଭିଷେକ ପରିଡ଼ା, ଚିତ ରଞ୍ଜନ ସାହୁ, ଭୀମସେନ ନାୟକ, ଦିବ୍ୟ ସିଂ, ଆକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେଟ ଲକ୍ସ ପ୍ରିମିୟର ଲିଗମ୍ୟାଚ : ଗଜରାଜ ଜାମୁଡ଼ିହା ଟିମ୍ ବିଜୟୀ

ନୀଳଗିରି, ୧୩/୦୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ବହୁ ପୁରାତନ ଫ୍ୟାଟଲକ୍ସ କ୍ଲବ ପକ୍ଷରୁ ଫ୍ୟାଟ ଲକ୍ସ କ୍ରିକେଟ ପ୍ରିମିୟମ ଲିଗ୍ ମ୍ୟାଚରେ ଆଜି ୩ୟ ଦିନରେ ମା ବଡ଼କାଳିଆ ସହିତ ଗଜରାଜ ଜାମୁଡ଼ିହା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମା'ବଡ଼କାଳିଆ ୧୨ ଓଭରରେ ୬ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା ବେଳେ ଗଜରାଜ ଜାମୁଡ଼ିହା ଟିମ୍ ୬ଉଇକେଟ ହରାଇ ୧୧ ଓଭରରେ ୧୨୩ ରନ କରି ବିଜୟୀ ହୋଇଛି । ଆଜିର ମ୍ୟାଚରେ ରବିନ୍ଦ୍ର ରଣ୍ଡୁତକୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି । କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି ସଂପାଦକ ସବ୍ୟସାଚୀ ମହାପାତ୍ର ବିଜୟ ଟିମ୍‌କୁ ପୁରସ୍କୃତ କରିବା ସହ କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।

## ଦାଦାବଟି ଆଦାୟ ଅଭିଯୋଗରେ ଗିରଫ

ପୁରୀ,୧୩/୦୧ (ନି.ପ୍ର): ବୋମା ପକାଇ ମାରିଦେବାର ଧମକଦେଇ ବଳଗଣ୍ଡିଛକର ବ୍ୟବସାୟୀଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ କାଚେରାମଠଲେନ୍‌ର କାଲୁ ଓରଫ ସୁବାଷ ମହାନ୍ତି(୩୬)କୁ କୁମ୍ଭାରପଡ଼ା ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ନିକଟରୁ ଏକ ଜୀବନ୍ତବୋମା ଜବତ କରାଯାଇଛି । ଆଜି ସକାଳେ ଏଏସ୍‌ଆଇ ପିକେ ଦଳାଇ ଥାନାର ଅନ୍ୟ କର୍ମଚାରୀମାନଙ୍କ ସହିତ ବଡ଼ଦାଣ୍ଡରେ ପାଟ୍ରୋଲିଂ କରୁଥିବାବେଳେ ଜଣେ ବ୍ୟକ୍ତି ବଳଗଣ୍ଡିଛକରେ ବ୍ୟବସାୟୀଙ୍କୁ ଧମକ ଦେଇ ଦାଦାବଟି ଆଦାୟ କରୁଥିବା ଜାଣିବାକୁ ପାଇଥିଲେ । ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ କରୁଥିବାବେଳେ ସେ ପୁଲିସ ଟିମ୍‌କୁ ଧମକ ଦେଇ ଖସିଯିବାକୁ ଚେଷ୍ଟା କରିଥିଲା । ତେବେ ପୁଲିସ ତାକୁ କୌଶଳ କ୍ରମେ କାବୁ କରିନେଇଥିଲା । ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତ ନିକଟରୁ ଜରି ବ୍ୟାଗରେ ଥିବା ଏକ ଜୀବନ୍ତ ବୋମା ଜବତ କରାଯାଇଥିଲା । ପଚରା ଉଚରାବେଳେ ଅଭିଯୁକ୍ତ ଦାଦାବଟି ଆଦାୟ କରୁଥିବା ସ୍ୱୀକାର କରିଥିଲା । କାଲୁ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୨୯୪, ୩୫୩, ୩୮୬, ୫୦୬ ଏବଂ ୪ଓ୫ଇସିଆକ୍ଟରେ ମାମଲା ରୁଜୁ କରି ତାକୁ ଆଜି କୋର୍ଟ ଚାଲାଣ କରାଯାଇଥିବା କୁମ୍ଭାରପଡ଼ାଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି ।

# ୧୪ ଦଫା ଦାବିରେ ଅଲ ଓଡିଶା ମିଟର ରିଡର ଆସୋସିଏସନ୍‌ର ଆନ୍ଦୋଳନ

ଜଳେଶ୍ୱର, ୧୩/୧(ନିପ୍ର): ବିଦ୍ୟୁତ୍ ଯୋଗାଣର ପୁରୁଣା କମ୍ପାନୀ ଗଲେଣି । ନୂଆ କମ୍ପାନୀ ବିଦ୍ୟୁତ୍ ଯୋଗାଇଲେଣି କିନ୍ତୁ ଦୀର୍ଘ ୪ ମାସ ଧରି ଅଲଓଡିଶା ମିଟର ରିଡର କର୍ମଚାରୀମାନେ ଦରମା ପାଇନଥିବାରୁ ଆଜି ଜଳେଶ୍ୱର ଡିଭିଜନ୍‌ର କର୍ମଚାରୀମାନେ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ୧୪ ଦଫା ଦାବି ମଧ୍ୟରେ ମିଟର ରିଡର ମାନଙ୍କୁ କୁଶଳୀ ଶ୍ରମିକ ଭାବେ ଦରମା ପ୍ରଦାନ କରିବା, ପୂର୍ବ କମ୍ପାନୀ ମ୍ୟଟ୍ରିକ୍ସ ଏଜେନ୍ସି କାର୍ଯ୍ୟ କରୁଥିବା ବେଳେ ବକେଆ ଦରମା ପ୍ରଦାନ କରିବା, ପୂର୍ବ କମ୍ପାନୀର ୩ ମାସର ଇନ୍‌ସେଣ୍ଟିଭ୍ ପ୍ରଦାନ କରିବା, ବୋନସ୍ ଦେବା, ଜମା ରଖିଥିବା ଇପିଏଫ ଫେରସ୍ତ ଦେବା, ସାଇକମ୍ପୁଟର ଏବେ ମିଟର ରିଡର ମାନଙ୍କୁ ନିଯୁକ୍ତ ପତ୍ର, ପରିଚୟ ପତ୍ର, ଇଏସ୍‌ଆଇର କାଗଜପତ୍ର ପ୍ରଦାନ କରିବା, ବିଲ ଆଦାୟ ବେଳେ ଓଭର ଟାଇମ୍ ପାରିଶ୍ରମିକ ପ୍ରଦାନ କରିବା, ୨ କର୍ମଚାରୀ ନିର୍ମଳ ଦାସ ଓ ବିକେ ଦତ୍ତଙ୍କ ବକେୟା ଦରମା ପ୍ରଦାନ କରିବା, ମିଟର ରିଡରଙ୍କ ମୋବାଇଲ ରିଚାର୍ଜ କରିବା, ପେ ସ୍ଲିପ ପ୍ରଦାନ, ପ୍ରତିମାସ ୭ ତାରିଖରେ ଦରମା ଦେବା, ବୋନସ୍ ପ୍ରଦାନ କରିବା, ବେଆଇନ୍ ଧମକ୍ ଓ ଶୋଷଣ ବନ୍ଦ କରିବା ଦାବିରେ ଆଜି ଏହି ଆନ୍ଦୋଳନ ହୋଇଥିବା ସଂଘର ସାଧାରଣ ସଂପାଦକ ତପନ କୁମାର ଅଗସ୍ତି ସୂଚନା ଦେଇଛନ୍ତି । ଶ୍ରୀ ଅଗସ୍ତିଙ୍କ ନେତୃତ୍ୱରେ ଅନନ୍ତ କର, ନବକୁମାର ବେହେରା, ପ୍ରବିର ମଣ୍ଡଳ, ବିକାଶ ଦତ୍ତ, କାର୍ତ୍ତିକ ତ୍ରିପାଠୀ, ବିନୋଦ ଦତ୍ତ, ପିନାକୀ ପାତ୍ର, ଦଇତାରୀ ପ୍ରମାଣିକ, ବ୍ରଜଗୋପାଳ ମହାନ୍ତି, କମଳାକାନ୍ତ ମହାନ୍ତି, କାହ୍ନୁଗୋପାଳ ପ୍ରଧାନ, ରାଜକିଶୋର ପରିଡା, ରଣଜିତ୍ ପରିଡା, ତପନ ରଣା, ଅଜିତ୍ ପାତ୍ର, ଦେବବ୍ରତ କର, ରବିନ୍ଦ୍ର ଜେନା, ଜାହ୍ନବି ମଣ୍ଡଳ, ସପନ ମହନ୍ତ, ନବକୁମାର ମହନ୍ତ, ଠାକୁର ଦାସ ମହନ୍ତ, ନିର୍ମଳ ଦାସ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ସମ୍ବାଦ ଲେଖା ହେବା ବେଳକୁ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ନାୟକଙ୍କ ସହିତ ଆନ୍ଦୋଳନରତ କର୍ମଚାରୀଙ୍କ ଆଲୋଚନା ଚାଲିଥିବା ଜଣାଯାଇଛି ।

# ମହୋଦଧି ଆରତୀର ହେବ ସିଧା ପ୍ରସାରଣ

ପୁରୀ, ୧୩/୦୧ (ନି.ପ୍ର): ଆସନ୍ତା୧୭ ତାରିଖରେ ଅନୁଷ୍ଠିତ ହେବ ମହୋଦଧି ଆରତୀ। ଟେଲିଭିଜନ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଚଳିତ ବର୍ଷ ଏହି ମହୋଦଧି ଆରତୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ। କୋଭିଡ଼ି କଟକଣା ମଧ୍ୟରେ ୧୦୦ଜଣଙ୍କ ଉପସ୍ଥିତରେ ଚଳିତ ବର୍ଷର ମହୋଦଧି ଆରତୀ ଉତ୍ସବ ପାଳନ କରାଯିବ। ଗୋବର୍ଦ୍ଧନପୀଠ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ୧୬ତମ ମହୋଦଧି ଆରତୀ କାଯ୍ୟକ୍ରମ ଲାଗି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପରୋକ୍ତ ନିଷ୍ପତ୍ତି ହୋଇଛି। ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିଟି ଡ଼ିଏସ୍‌ପି ଜନାର୍ଦ୍ଦନ ପାଢୀ,ମହୋଦଧି ଆରତୀ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଆଚାର୍ଯ୍ୟ,ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ,ଆଦିତ୍ୟବାହିନୀ ରାଷ୍ଟ୍ରିୟ ମହାମନ୍ତ୍ରୀ ମତୃପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକ ସ୍ୱର୍ଗତଃ ଗଦାଧର ଗିରିଙ୍କର ୩୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ



ବାଲିଆପାଳ, ୧୩/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅର୍ନ୍ତଗତ ପଂଚୁପାଲିଠାରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ କୋଭିଡ ନିୟମକୁ ପାଳନ କରି ସ୍ୱର୍ଗତଃ ଦିବଙ୍ଗତ ବିଧାୟକ ଗଦାଧର ଗିରିଙ୍କର ୩୫ତମ ଶ୍ରାଦ୍ଧ ବାର୍ଷିକି ପାଳିତ ହୋଇଯାଇଛି । ଏହି ଉତ୍ସବରେ ପରିଷଦର ସଭାପତି ଧିରେନ୍ଦ୍ରନାଥ ହାଜିରା, ପରିଷଦର ଆବାହକ ତଥା ଗଦାଧର ଗିରିଙ୍କ ସୁପୁତ୍ର ବିକାଶ ଗିରି, ଶତୃଘ୍ନ ଗିରି, ଦିଲ୍ଲୁ ନନା, ସୃଷ୍ଟିଧର ନାୟକ, ବଳରାମ ଦାସ, ବୈରାଗି ଚରଣ ଦାସ, ପୀତବାସ ଗିରି, କୁମୁଦ ପରିଡା, ବିଦ୍ୟାଧର ପରିଡା, ଗୋଲକ ନାୟକ, ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ଉକ୍ତ ବୈଠକକୁ ବଟକୃଷ୍ଣ ଗିରି ପରିଚାଳନା କରିଥିଲେ । ସେହିପରି କାଳିପଦା ବଜାରରେ ବଜାର କମିଟି ଆନୁକୂଲ୍ୟରେ ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ ଗଦାଧର ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେହିପରି ଗଦାଧର ଗିରି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ ମାଲ୍ୟାର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ପରିଚାଳନା କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହେଲା ବ୍ୟାସକବିଙ୍କ ୧୮୦ତମ ଜୟନ୍ତୀ




ବାଲେଶ୍ୱର, ୧୩/୦୧ (ନି.ପ୍ର): ଉତ୍କଳ ସମ୍ମିଳନୀର ଅନ୍ୟତମ ପ୍ରତିଷ୍ଠାତା, ଉତ୍କଳ ସମ୍ମିଳନୀର ଏକଦା ସଭାପତି ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୦ତମ ପୁଣ୍ୟ ଜୟନ୍ତୀ ନିରାଡ଼ମ୍ବର ଭାବେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ଆଜି ସକାଳ ଆଠଘଟିକା ସମୟରେ ଫକୀରମୋହନ ନିଜ ଜୀବଦ୍ଦଶାରେ ନିଜେ ନିଜର ଯେଉଁ ପ୍ରତିମୂର୍ତ୍ତି ଶାନ୍ତିକାନନ ପରିସରରେ ପ୍ରତିଷ୍ଠା କରିଥିଲେ ସେହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ପରେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ପ୍ରତିମୂର୍ତ୍ତିରେ ଏବଂ ଫକୀର ମୋହନ ଗୋଲେଇ ନିକଟରେ ଥିବା ପ୍ରତିମୂର୍ତ୍ତି ସହ ରେଳ ଷ୍ଟେସନ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖାର ସଂପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡାଙ୍କ ସମେତ ସଦସ୍ୟ ସୀତାରାମ ପ୍ରଧାନ, ଉଦୟ ନାରାୟଣ ଦାସ, ଦୀନବନ୍ଧୁ ଲେଙ୍କା, ବ୍ରହ୍ମାନନ୍ଦ ସ୍ୱାଇଁ, ବେଣୁଧର ସାହୁ, ରାଜେଶ ଗିରି, ପ୍ରଦୀପ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ହିମାଂଶୁ ଦାସ, ବିପିନ ବିହାରୀ ବାରିକ, ସନ୍ନ୍ୟାସୀ ବେହେରା, କବି ଭରତ ଚନ୍ଦ୍ର ଦାଶ, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଜତୀନ୍ଦ୍ର କୁମାର ପୁହାଁଣ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣରେ ସାମିଲ ହୋଇ ଫକୀର ମୋହନଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ କାଳଜୟୀ ସାହିତ୍ୟର ସଂକ୍ଷିପ୍ତ ସ୍ମୃତିଚାରଣ କରିଥିଲେ ।

## କରୋନାରୁ ସୁସ୍ଥ ହେଲେ ୧୪୪୭

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ରାଜ୍ୟରେ ଆଜି ୧୪୪୭ ଜଣ କରୋନା ଆକ୍ରାନ୍ତରୁ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର ୧୭୯ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୪୫୩ଜଣ , ଖୋର୍ଦ୍ଧାରୁ ୨୧୮, କଟକ ଜିଲ୍ଲାରୁ ୧୯୦ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ସମ୍ବଲପୁରରୁ ୧୨୫, ଝାରସୁଗୁଡ଼ାରୁ ୯୮, କେନ୍ଦୁଝରରୁ ୪୯, କୋରାପୁଟରୁ ୪୫, ମୟୂରଭଂଜରୁ ୪୨, ପୁରୀରୁ ୩୦, ବାଲେଶ୍ୱରରୁ ୨୯, ଅନୁଗୁଳରୁ ୨୧, ଦେବଗଡ଼ ଓ ନବରଂଗପୁରରୁ ୧୫-୧୫, ଗଜପତିରୁ ୯, ଢେଙ୍କାନାଳ, ଗଂଜାମ ଓ ଜଗତସିଂହପୁରରୁ ୮-୮, ଯାଜପୁରରୁ ୭, ନୟାଗଡ଼ରୁ ୬, ବରଗଡରୁ ୫, କେନ୍ଦ୍ରାପଡ଼ାରୁ ୩, ସୁବର୍ଣ୍ଣପୁରରୁ ୨ ଓ ରାଜ୍ୟପୁଲରୁ ୬୧ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ, ୫୫୦ ବାହନ ଜବତ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୫୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୧୩,୮୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ବିଏମସିର ୨୨ କର୍ମଚାରୀ ପଜିଟିଭ୍

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ରାଜ୍ୟରେ ହୁ ହୁ ହୋଇ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସ୍ ରେ ପଶିଛି କରୋନା। ବିଏମ୍ ସିର ୨୨ ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିପାଇଁ ବିଏମ୍‌ସି କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ସେହିପରି ବିଏମ୍‌ସି କାର୍ଯ୍ୟାଳୟର ଅନ୍ୟ ସବୁ କର୍ମଚାରୀଙ୍କର ନମୁନା ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରଧାନମନ୍ତ୍ରୀଙ୍କ କରୋନା....

ରୋକ ଲାଗିବା ଦରକାର । କୋଭିଡ ରଣନୀତି ପ୍ରସ୍ତୁତ କରିବା ବେଳେ ଦେଶର ଅର୍ଥନୀତି ଓ ସାଧାରଣ ଲୋକଙ୍କ ଜୀବନ ଧାରଣ ଉତ୍ସକୁ ନଜରରେ ରଖିବାକୁ ହେବ । ସବୁ ରାଜ୍ୟ ସ୍ଥାନୀୟ କଣ୍ଟେନମେଣ୍ଟକୁ ଗୁରୁତ୍ୱ ଦିଅନ୍ତୁ । ଆମକୁ ସତର୍କ ରହିବାକୁ ହେବ । କିନ୍ତୁ ଆତଙ୍କିତ ହେବନି । କରୋନା ସହ ଲଢ଼େଇ କରିବା ପାଇଁ ୨ ବର୍ଷର ଅଭିଜ୍ଞତା ଆମ ପାଖରେ ରହିଛି । ଏବେ କରୋନାରେ ଆକ୍ରାନ୍ତ ହେଉଥିବା ଅଧିକାଂଶ ଲୋକ ହୋମ ଆଇସୋଲେସନରେ ରହୁଛନ୍ତି । ସେମାନେ ଯେମିତି ସମସ୍ତ ଗାଇଡଲାଇନ ମାନିବେ, ତା' ଉପରେ ଦୃଷ୍ଟି ଦେବା ଦରକାର ବୋଲି ମୋଦି ପରାମର୍ଶ ଦେଇଛନ୍ତି । ସେ ଆହୁରି କହିଛନ୍ତି, "ପୂର୍ବ ଭାରିଏଣ୍ଟ ତୁଳନାରେ ଓମିକ୍ରନ ସାଧାରଣ ଲୋକଙ୍କୁ ଅତି ଦ୍ରୁତଗତିରେ ସଂକ୍ରମିତ କରୁଛି । ଆମେ ସମସ୍ତଙ୍କୁ ଏଥିପ୍ରତି ସତର୍କ ରହିବାକୁ ହେବ । ଆମେରିକାର ଦୈନିକ ୧୪ ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ହେଲେ ଆମେ ଏଥିରେ ଭୟଭୀତ ହେବାନି । ପାର୍ବଣରେ ଆମେ ଆଦୌ ବେପରୁଆ ହେବାନି । ରାଜ୍ୟଗୁଡ଼ିକ ମେଡିକାଲ ଭିତ୍ତିଭୂମିକୁ ସୁଦୃଢ଼ କରନ୍ତୁ । କିଛି ରାଜ୍ୟ ପୂର୍ବାପେକ୍ଷା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଏବେ ସଜାଡ଼ିଛନ୍ତି । ୧୦ ଦିନ ମଧ୍ୟରେ ୩୦ ମିଲିୟନ କିଶୋର/କିଶୋରଙ୍କ ଟିକାକରଣ ହୋଇଛି । ଏହା ଆମେ ସମସ୍ୟା ପାଇଁ କେତେ ପ୍ରସ୍ତୁତ ରହିଛେ, ତା'କୁ ଦର୍ଶାଉଛି । ଅଗ୍ରାଧିକାର ଭିତ୍ତିରେ ସମ୍ମୁଖଯୋଦ୍ଧା ଓ ବରିଷ୍ଠ ନାଗରିକଙ୍କୁ କରୋନା ବୁଷ୍ଟର ଡୋଜ ଦିଆଯିବା ଦରକାର । ବୁଷ୍ଟର ଡୋଜ୍ ? କାମକୁ ଯଥାଶୀଘ୍ର ଶେଷ କରିବାକୁ ହେବ । ଆମକୁ ହର ଘର ଦସ୍ତକ କାର୍ଯ୍ୟକ୍ରମକୁ ୧୦୦% ପୂରଣ କରିବାକୁ ପଡ଼ିବ ।" ଏଥିସହ ମୋଦି ସମସ୍ତଙ୍କୁ ପାରମ୍ପରିକ କାଢ଼ା ପିଇବାକୁ ମଧ ପରାମର୍ଶ ଦେଇଛନ୍ତି ।

## କେମିତି ହେଲା ସୁରେଖାଙ୍କ ମୃତ୍ୟୁର....

କରାଯାଇଥିଲା କି ? ନଜର ପକାନ୍ତୁ ପୁରା ଘଟଣାକ୍ରମ ଉପରେ । ୯ ଜାନୁଆରୀ, ସନ୍ଧ୍ୟା ୬ଟା ୩୦ ମିନିଟ୍ । ସୁରେଖା ତାଙ୍କ ପୁରୁଷ ବନ୍ଧୁ ବିଶ୍ୱଜିତ ଜେନା ଓରଫ ଛୋଟୁଙ୍କୁ ନିଜର ହାତ କାଟି ହ୍ୱାଟ୍ସଆପ ଯୋଗେ ମେସେଜ କରି ପ୍ରେମ ନିବେଦନ କରିଥିଲେ । ଏମିତି ନକରିବା ପାଇଁ ଛୋଟୁ ସୁରେଖାଙ୍କୁ ବାରଣ କରିଥିଲେ । ଆଉ ଏହା ପରେ ବିଳମ୍ବିତ ରାତିରେ ସୁରେଖା ଦଉଡ଼ି ସାହାଯ୍ୟରେ ଝୁଲି ଆତ୍ମହତ୍ୟା କରିଥିଲେ । ହେଲେ ଏହା ପରର ଘଟଣାକ୍ରମ ବେଶ୍ ସମ୍ବେଦନଶୀଳ । ସୁରେଖାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରୁ ବାହାର କରି ଅନ୍ୟତ୍ର ନେଇଥିଲେ ଓ ପ୍ରମାଣ ନଷ୍ଟ କରିବାକୁ କରିଥିଲେ ଉଦ୍ୟମ । ସୁରେଖାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନଥିବା ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିଲେ । ହତ୍ୟାକାଣ୍ଡ ମାମଲା ରୁଜୁ କରି ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏମ୍ସର ୫ ଜଣିଆ ଡାକ୍ତରୀ ଦଳର ପୋଷ୍ଟମର୍ଟମ ରିପୋର୍ଟ, ସାଇଣ୍ଟିଫିକ ଟିମର ରିପୋର୍ଟ ଓ ଅଭିଯୁକ୍ତଙ୍କ ବୟାନରୁ ଏହା ଏକ ଆତ୍ମହତ୍ୟା ବୋଲି ସ୍ପଷ୍ଟ କରିଛି ପୋଲିସ । ତେବେ ଦଫା ୩୦୬ ଅର୍ଥାତ୍ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ଦଫା ୨୦୧, ପ୍ରମାଣ ନଷ୍ଟ କରିବା ଦଫାରେ ଗିରଫ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ପଞ୍ଚାୟତ ନିର୍ବାଚନ ପାଇଁ ....

ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ଉପରେ ବି ଫୋକସ ରହିବ । ଯେଉଁଥିରେ ସର୍ବାଧିକ ୫ ଜଣଙ୍କୁ ନେଇ ପ୍ରଚାର କରିହେବ ବୋଲି ନିର୍ବାଚନ କମିଶନ କହିଛନ୍ତି । ସେହିପରି ନାମାଙ୍କନ ପତ୍ର ଦାଖଲବେଳେ ପ୍ରାର୍ଥୀ ଓ ତାଙ୍କ ପ୍ରସ୍ତାବକ ଉଭୟ ସାମାଜିକ ଦୂରତ୍ୱ ଓ କୋଭିଡ୍ ଗାଇଡଲାଇନ ପାଳନ କରି ନିର୍ବାଚନ ଅଧିକାରୀଙ୍କ ଅଫିସକୁ ଯିବେ । ଅଧିକ ସଂଖ୍ୟକ ଲୋକ ଏକଜୁଟ ହୋଇପାରିବେ ନାହିଁ । ସୂଚନାଯୋଗ୍ୟ, ରାଜ୍ୟରେ ଫେବୃଆରୀ ୧୬ରୁ ମତଦାନ ଆରମ୍ଭ ହୋଇ ମୋଟ୍ ୫ଟି ପର୍ଯ୍ୟାୟରେ ହେବ । ପ୍ରାର୍ଥୀମାନେ ୧୭ରୁ ୨୧ ତାରିଖ ଭିତରେ ନାମାଙ୍କନ ପତ୍ର ଦାଖଲ କରିବେ । ୨୨ରେ ପ୍ରାର୍ଥିପତ୍ର ଯାଂଚ, ୨୫ ପଯର୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହର ଏବଂ ସେହି ୨୫ ତାରିଖରେ ପ୍ରକାଶ ପାଇବ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଗାଇଡ ଲାଇନ ସମ୍ପର୍କରେ ଅଧିକ ଆଲୋଚନା ପାଇଁ ଆସନ୍ତା ୧୫ରେ ଜିଲ୍ଲାପାଳ ଏବଂ ଏସପିଙ୍କ ସହ ଆଲୋଚନା ପାଇଁ ସ୍ଥିର ହୋଇଛି ।

## ନିର୍ବାଚନ ତାରିଖ ଘୋଷଣା....

ଚାଣକ୍ୟ । ଆଉ ୧୫ ଆସନ ନେଇ ଅପନା ଦଳ ଯେଉଁ ଦାବି କରୁଥିଲା ସେଥିରେ ସହମତି ହୋଇଥିବା ସୂଚନା ରହିଛି । ଏହାବାଦ୍ ନିଷାଦ ପାର୍ଟିର ନେତା ସଂଜୟ ନିଷାଦ ମଧ ୧୫ରୁ ୧୮ ଆସନ ଦାବି କରିଛନ୍ତି । ଏହାକୁ ନେଇ ଏବେ ବିଜେପି ଆଲୋଚନା କରୁଥିବା ସୂଚନା ରହିଛି । ତେବେ ଦଳ ଡିଆଁ ରହିଲେ ବି ବିଜେପି ନିର୍ବାଚନ ଜିତିବ ବୋଲି ଦାବି କରିଛନ୍ତି କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବାସ ନକଭୀ । ଅନ୍ୟପଟେ ଅସନ୍ତୁଷ୍ଟଙ୍କ ତାଲିକା ବଢୁଥିବା ଦେଖି ରାଜ୍ୟରେ ପ୍ରମୁଖ ବିରୋଧୀ ସମାଜବାଦୀ ପାର୍ଟି ମୌକାରେ ଚୌକା ମାରିବାକୁ ଲକ୍ଷ୍ୟ ରଖିଛି । ତେଣୁ ଆଗକୁ ସ୍ଥିତି ଅଣାୟତ ହେବ ଆଶଙ୍କା କରି ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ୟୁପିରେ ଟିକେଟ୍ ନେଇ ପ୍ରସ୍ତୁତି ଚାଲିଥିବା ବେଳେ ଭିଡିଓ କନଫରେନସିଂ ଜରିଆରେ ଯୋଗ ଦେଇଛନ୍ତ ପ୍ରଧାନମନ୍ତ୍ରୀ ।

## ୫ ମିନିଟରେ ଦୁର୍ବଳ ହେଉଛି ....

ରଖାଯାଇଥିଲା । ସାଧାରଣ ତାପମାତ୍ରା, ଆଲୋକ, ଜଳବାୟୁ ମଧ୍ୟରେ ପରୀକ୍ଷା କରାଯାଇଥିଲା । ଭୂତାଣୁର ପରିବର୍ତ୍ତନକୁ ଲକ୍ଷ୍ୟ ରଖିଥିଲେ ଗବେଷକ । ଗବେଷଣାରୁ ଜଣାପଡିଥିଲା କିଛି ମିନିଟ୍ ମଧ୍ୟରେ ଦୁର୍ବଳ ହେଉଛି ଭୂତାଣୁ । ଆଦ୍ରତା କମ୍ ରହିଲେ ଭୂତାଣୁର ସଂକ୍ରମକ କ୍ଷମତା ଯଥେଷ୍ଟ ହ୍ରାସ ପାଉଛି । ଏହି ଗବେଷଣା, ବିଶ୍ୱର ବଡ଼ ବଡ଼ ବିଶେଷଜ୍ଞମାନଙ୍କ ସ୍ୱୀକୃତି ପାଇନାହିଁ । ପୂର୍ବରୁ କରୋନା ଭୂତାଣୁ ଘଣ୍ଟା ଘଣ୍ଟା ଧରି ସକ୍ରିୟ ରହୁଥିବା ନେଇ କହିଥିଲେ ବୈଜ୍ଞାନିକ । ତେବେ ସାମାଜିକ ଦୂରତା ଓ ମାସ୍କ ପରିଧାନ କରୋନା ଲଢ଼େଇରେ ସବୁଠୁ ବଡ଼ ଅସ୍ତ୍ର ବୋଲି କହିଛନ୍ତି ବିଶେଷଜ୍ଞ ।

# ପୂର୍ବତନ ପୌରପାଳଙ୍କ ଦେହାନ୍ତ : ଜଳେଶ୍ୱରରେ ଶୋକ

ଜଳେଶ୍ୱର, ୧୩/୧(ନିପ୍ର): ଜଳେଶ୍ୱରରେ ପୂର୍ବତନ ନଗରପାଳ, କଂଗ୍ରେସର ଟାଉନ୍ ସଭାପତି, ଜଣେ ସୁସଂଗଠକ, କଂଗ୍ରେସ ପ୍ରେମୀ, ଦରଦୀ ମଣିଷ, ଗ୍ରାମ୍ୟ ବିଚାରକ ତଥା ବିଜ୍ଞାପିତ ପରିସଦର ସର୍ବାଙ୍ଗିନ ବିକାଶ ଲାଗି ପ୍ରଚେଷ୍ଟା ଜାରି ରଖିଥିବା ବସନ୍ତ ସେନାପତିଙ୍କ ୮୪ ବର୍ଷ ବୟସରେ ଗତ ବୁଧବାର ରାତି ୧୧.୫୫ରେ ପରଲୋକ ହୋଇଛି । ଜଣେ ସଚ୍ଚୋଟ ନିରାଡ଼ମ୍ବର, ସ୍ପଷ୍ଟବାଦି, ଜନଦରଦୀ ମଣିଷଭାବେ ଜଳେଶ୍ୱରବାସୀଙ୍କ ଠାରେ ପରିଚିତ । ଗତ ୨ବର୍ଷ ଧରି ଶ୍ୱାସ ରୋଗରେ ପିଡିତ ଥିବା ବେଳେ ଗତ୧୨ ଦିନ ଧରି ସୋମ୍ ହସ୍‌ପିଟାଲରେ ଆଇସିୟୁରେ ଚିକିତ୍ସିତ ହେଉଥିଲେ । ହୃଦ୍‌ରୋଗ ଓ ମୂତ୍ରରୋଗରେ ଥାଇ ଚିକିତ୍ସିତ ହେଉଥିଲେ । ଆଜି ତାଙ୍କ ମର ଶରୀର ଜଳେଶ୍ୱରରେ ପହଞ୍ଚିବାପରେ କଂଗ୍ରେସର ପୂର୍ବତନ ବିଧାୟକ ଦେବିପ୍ରସନ୍ନ ଚନ୍ଦ, ଗିରିଜା ଦାସ, ରିଆଜ ଖାଁ, ଜଗଦୀଶ ନନ୍ଦି, ସବ୍ୟସାଚୀ ଦାସ, ଦଳର ପତାକା ଓ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । କଂଗ୍ରେସ ଜଣେ ସେନାପତିଙ୍କୁ ହରାଇଲା ବୋଲି ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା ସତ୍ୟସୁନ୍ଦର ଦାସ, ସୁନୀଲ ପରିଡା, ହେମନ୍ତ ଗିରି, ରାଜୀବ ପରିଡା, ସୁଦାମ ପାତ୍ର, ଲକ୍ଷ୍ମିକାନ୍ତ କର, ସତ୍ୟବ୍ରତ ଦାସ, ଦୁଲାଲ ଦାସ, ଚିତ୍ତରଂଜନ ସାହୁ, ଫରିଦ ଅହମ୍ମଦ, କାଦମ୍ବିନୀ ରାୟ, ଗୋପାଳ ନନ୍ଦି, ଲକ୍ଷ୍ମୀଧର ଗିରି ପ୍ରମୁଖ ଶୋକବ୍ୟକ୍ତ କରିଥିଲେ । ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରତୀପ ପ୍ରଧାନ, ଆନନ୍ଦ କର, ଅର୍ଚ୍ଚନା ଗିରି, ଗୋବିନ୍ଦ ସାହୁ, ରଣ୍ଟୁ ବ୍ରହ୍ମ, ସୁରଜିତ୍ ଘୋଷ, ବିଜୟ କାମିଲା ପ୍ରମୁଖ ଶୋକ ପ୍ରକାଶ କରି ସମବେଦନା ଜ୍ଞାପନ କରିଥିଲେ । କମ୍ୟୁନିଷ୍ଟ ଦଳ ପକ୍ଷରୁ ଦିଲ୍ଲିପ ଗିରି, ସିତାଂଶୁ ସେନାପତି ଓ ବିଜେପିରୁ ଅରୁଣ ବେଜ, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ଦିବ୍ୟକାମ ମହାନ୍ତି, ଶ୍ରୀକୃଷ୍ଣ ଗୁପ୍ତା, ସୁବ୍ରତ ଘୋଷ, ମନୋଜ ସାସମଲ, ତପନ ବିଶ୍ୱାଳ, ସିଦ୍ଧାର୍ଥ ଶଂକର ପାଳ, ପ୍ରଣବ ପଣ୍ଡା, ପ୍ରତାପ ସେନାପତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

# ଏକଲ ଅଭିଯାନ ତରଫରୁ ଜାତୀୟ ଯୁବ ଦିବସ ପାଳିତ



ଉଦଳା, ୧୩/୦୧ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ଉଦଳା ଶାଖା ତରଫରୁ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୦ତମ ଜୟନ୍ତୀ "ଜାତୀୟ ଯୁବ ଦିବସ" ପାଳିତ ହୋଇଯାଇଛି । ଏହି ଅବସରରେ ସମାଜ ସେବୀ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନାରେ ଅବସର ପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ରାଉତ, ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟ ଉଦଳା ଶଖାର ପରିଚାଳକ ବୈଦ୍ୟନାଥ ସିଂ, ଅଭିଯାନର ସଭାପତି ଗୋପୀନାଥ ଜେନା, କାର୍ଯ୍ୟାଳୟ ପ୍ରଭାରୀ ତଥା ସଂଗଠକ ମନୋରଂଜନ ମଲ୍ଲିକ, କୋଷାଧ୍ୟକ୍ଷ ଅନୀତା ବିଶ୍ୱାଳ, କବି କରୁଣାକର ଦାସ, ଆଇନଜୀବୀ ସତ୍ୟବ୍ରତ ମିଶ୍ର, ନମିତା ରାଉତ, ମମତା ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋ ଧର୍ମ ସମ୍ମିଳନୀରେ ଯେଉଁ ଅଭିଭାଷଣ ରଖିଥିଲେ ତାର ପ୍ରଭାବ କିପରି ସମଗ୍ର ବିଶ୍ୱରେ ପଡ଼ିଥିଲା ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକଲ ଅଭିଯାନର ସଂଚ ପ୍ରମୁଖ ରୀତାଞ୍ଜଳି ପ୍ରଧାନ, ଭାଗୀରଥି ନାୟକ, ଗଜେନ୍ଦ୍ର ବେହେରା, ଅଜୟ ବେହେରା, ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି, ଗତିବିଧି ପ୍ରମୁଖ ଗୌରଚନ୍ଦ୍ର ଜେନା, ଗ୍ରାମ ସ୍ୱରାଜ ପ୍ରମୁଖ ବେଣୁଧର କଣ୍ଟାବାଉଁଶିଆ, କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥୀ ଅଂଶ ଗ୍ରହଣ କରି ରାମକୃଷ୍ଣ ମିଶନ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଏକଲ ଅଭିଯାନ କିପରି ପ୍ରୟାସ ଜାରି ରଖିଛି ସେ ବିଷୟରେ ଏକ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସର୍ବେଶ୍ୱର ବାରିକ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁବତ୍ର କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ ।

# ୟୁଥ ଫର ଆକ୍ସନ ମୟୂରଭଞ୍ଜର ପ୍ରତିଷ୍ଠା ଦିବସ ପାଳିତ



ବାରିପଦା, ୧୩/୦୧ (ନି.ପ୍ର): ଯୁବପ୍ରାଣ ଆଦର୍ଶର କେନ୍ଦ୍ରବିନ୍ଦୁ ସ୍ୱାମୀ ବିବେକାନନ୍ଦଙ୍କର ଜନ୍ମ ଜୟନ୍ତୀ ଆବସର ରେ ୟୁଥ ଫର ଆକ୍ସନ ଜନ୍ମ ନେଇ ଥିବାରୁ ଆଜି ୟୁଥ ଫର ଆକ୍ସନ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ କୋଭିଡ କଟକଣା ଅନୁଯାୟୀ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି । ରାଜ୍ୟ ଉପସଭାପତି ଦୀପକ କୁମାର ମଲ୍ଲିକ, ଉତ୍ତର ଓଡିଶା ଜୋନାଲ ସଭାପତି ବିପ୍ଳବ କୁମାର ଦାଶ ଯୋଗ ଦେଇ ଏହି ଦିବସର ମହତ୍ୱ ବିଷୟରେ ଆଲୋଚନା କରିବା ସହିତ ଯୁବକ ମାନଙ୍କୁ ସ୍ୱାମୀଜୀଙ୍କ ବିଚାରଧାରା ସହିତ ଯୋଡି ହୋଇ ସେବାକୁ ରାଷ୍ଟ୍ରଧର୍ମ ରୂପେ ଗ୍ରହଣ କରି ଏହି ମହାନ ଆଦର୍ଶରେ ଯୋଡି ହେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଦିବ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ମା ଅମ୍ବିକାଙ୍କ ପୀଠରେ ସାରା ବିଶ୍ୱରୁ କରୋନା ମହାମାରୀ ଦୂର ହେବାର କାମନା କରିବା ସହିତ ଏକ ସମୂହ ଦୀପଦାନ କରାଇଥିଲେ । ଏହି କାର୍ଯ୍ୟକ୍ରମର ସୂଚାରୁ ସଂଯୋଜନା ଜିଲ୍ଲାର ସାଧାରଣ ସମ୍ପାଦକ ଆଲୋକ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା । ଏଥିରେ ଆଶୁତୋଷ ଦାସ, ଶିବୁ ଦାସ, ସାନୁ ରଣା, କୁନାଲ ମିତ୍ର, ବିକ୍ରମ ବେହେରା, ଅବିନାଶ ବାରିକ, ସିତେନ୍ଦ୍ର ବାରିକ, କ୍ରିଷ୍ଣା କୁମାର ପ୍ରମୁଖ ସହିତ କରୋନା କଟକଣାର ସମସ୍ତ ନିର୍ଦ୍ଦେଶାବଳୀ ଅନୁସାରେ ପାଳନ ହୋଇଥିଲା ।

## ପୂର୍ତ୍ତବିଭାଗ ପରିବର୍ଦ୍ଧିତ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର

ପୁରୀ,୧୩/୦୧ (ନି.ପ୍ର): ପିକେଡ଼ିଏ ଛକ ଠାରୁ ଆଚାର୍ଯ୍ୟ ହରିହର ଛକ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ପୂର୍ତ୍ତବିଭାଗର ପରିବର୍ଦ୍ଧିତ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ରାସ୍ତା ସମ୍ପ୍ରସାରଣ ଲାଗି କୌଣସି ଘରୋଇ ଯାଗାରୁ ଉଚ୍ଛେଦର ଆବଶ୍ୟକତା ନଥିବାବେଳେ ପରିବର୍ଦ୍ଧିତ ରାସ୍ତା ନିର୍ମାଣ ଏଷ୍ଟିମେଟ ଅନୁଯାୟୀ କରାଯାଇନାହିଁ । ଅନ୍ୟପକ୍ଷରେ ଧାର୍ଯ୍ୟ ସମୟସୀମା ଅନୁଯାୟୀ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାବେଳେ କାର୍ଯ୍ୟ ଶେଷହେବା ବର୍ଷ ପୁରି ନଥିଲେ ମଧ ରାସ୍ତାରୁ ପିଚୁ ଉଠି ଗଲାଣି । ଜଳ ନିଷ୍କାସନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସଠିକ ଡ୍ରେନ୍ ନିର୍ମାଣ କରାଯାଇନାହିଁ । ଡ୍ରେନ୍‌ର ଅନେକ ସ୍ଥାନରେ ମୁକୁଳା ପଡ଼ିଛି । ଫଳରେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ଦେଖାଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ପିକେଡ଼ିଏ ଛକ ଠାରୁ ଏସ୍‌ସିଏସ୍ କଲେଜ ଓ କଚେରୀ ରୋଡ଼ ଦେଇ ରାସ୍ତାକୁ ୧୦ମିଟର ଚଉଡ଼ା କରିବା ପାଇଁ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା । ସମ୍ପୃକ୍ତ ରାସ୍ତାରେ ଇରିଗେସନ୍ ଇନିସ୍ପେକସନ୍ ବଙ୍ଗଳା, ପୂର୍ତ୍ତବିଭାଗର ଉପଖଣ୍ଡ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,ଜିଲ୍ଲା ଜଜ୍‌ଙ୍କ କ୍ୱାଟର, ଶ୍ରୀମନ୍ଦିର ପ୍ରଶାସକଙ୍କ କ୍ୱାଟର, କଲେକ୍ଟୋରେଟ୍ ବିଲଡ଼ିଂ ଆଦିକୁ ବାଦ୍‌ଦେଲେ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ଘରୋଇ ଯାଗା ନଥିଲା । ସମ୍ପୃକ୍ତ ସରକାରୀ ଅଫିସ୍ ଓ କ୍ୱାଟର ପ୍ରଭୃତି ଯୋଗୁ ସର୍ଙ୍କିର୍ଣ୍ଣ ହୋଇଥିବା ଏହି ରାସ୍ତାକୁ ଆପାତତଃ ୧୭ରୁ୨୦ ଫୁଟ୍ ଜବର ଦଖଲ ମୁକ୍ତ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉଠାଇବା,ଗଛ କଟାଯିବା ଓ ବାଉଣ୍ଡରି ୱାଲ ଉଚ୍ଛେଦ ଲାଗି ସ୍ୱତନ୍ତ୍ରଭାବେ ଅର୍ଥ ବ୍ୟବସ୍ଥା କରାଯାଇଥିଲା ।ଏହାର କାର୍ଯ୍ୟଦେଶ ଗୋଟିଏ ଘରୋଇ ନିର୍ମାଣକାରୀ ସଂସ୍ଥାକୁ ଦିଆଯାଇଥିଲା । ଏଥିଲାଗି ଗତ ୨୦୧୮ଜୁନ୍ ୨୮ ତାରିଖରେ ପୁରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

## ଜଳେଶ୍ୱର-ଭୁବନେଶ୍ୱର ରେଳ ଓ ଉତ୍କଳ ଏକ୍ସପ୍ରେସ୍ ରହଣି ଲାଗି ଜଳେଶ୍ୱରବାସୀ ଅଣ୍ଟା ଭିଡିଲେ

ଜଳେଶ୍ୱର, ୧୩/୧(ନିପ୍ର): ବାଲେଶ୍ୱରରୁ ଭୁବନେଶ୍ୱର ଯାତାୟାତ କରୁଥିବା ମେମୁକୁ ଜଳେଶ୍ୱରଯାଏ ସମ୍ପ୍ରସାରଣ ଓ ଡାଉନ୍ ଉତ୍କଳ ଏକ୍ସପ୍ରେସର ରହଣିଲାଗି ଆଜି ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଆଜି ସମାଜ କଲ୍ୟାଣ ବିକାଶ ପରିଷଦର କାର୍ଯ୍ୟାଳୟ ଠାରେ ଆୟୋଜିତ ବୈଠକରେ ଶ୍ରୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ରାମଚନ୍ଦ୍ର ଜେନା, ରେଳ ମନ୍ତ୍ରୀ ଓ କର୍ତ୍ତୃପକ୍ଷଙ୍କ ସହ ଜଳେଶ୍ୱର ରେଳଯାତ୍ରୀଙ୍କ ଅସୁବିଧା, ଆବଶ୍ୟକତା ସମ୍ପର୍କରେ ପ୍ରକାଶ କରିବା ସହିତ ୧୪ ଦଫା ଦାବି ସମ୍ବଳିକ ଦାବିପତ୍ର ଅନ୍ୟ ସଂଗଠନ ସହିତ ମିଳିତଭାବେ ରେଳମନ୍ତ୍ରୀଙ୍କୁ ଦେଇଥିବା ପ୍ରକାଶ କରିଥିଲେ । ବଣିକ ସଂଘର ସଭାପତି ସୁଧିର ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଜୟ କାମିଲା, ବରିଷ୍ଠ ନାଗରିକ ପରିଷଦର ସଭାପତି ଡ. ରମାକାନ୍ତ ଭଂଜ, ସଂପାଦକ ଲଳିତ ରଂଜନ ସେନାପତି, ଦିଲ୍ଲିପ ଗିରି ଓ ଅନ୍ୟ କେତେକ ସଂଗଠନ, ବ୍ୟକ୍ତିବିଶେଷଙ୍କ ସହାୟତାରେ ଏପରି ସ୍ମାରକପତ୍ର ଦିଆଯାଇଥିବାର ପ୍ରକାଶ କରିଥିଲେ । କୋଭିଡ୍ କଟକଣା ପରେ ଏକ ପ୍ରତିନିଧି ଦଳ ରେଳମନ୍ତ୍ରୀଙ୍କୁ ଭେଟି ଅନ୍ୟାନ୍ୟ ଦାବି ଉପସ୍ଥାପନ କରିବା ସଂପର୍କରେ ସଭାପତି ଶ୍ରୀ ମହାନ୍ତି ଆଲୋଚନାପରେ ଘୋଷଣା କରିଥିଲେ । କିନ୍ତୁ ନୂତନଭାବେ ବାଲେଶ୍ୱରରୁ ଭୁବନେଶ୍ୱର ଚଳାଚଳ କରୁଥିବା ମେମୁ ଟ୍ରେନ୍ କୁ ଜଳେଶ୍ୱରଯାଏ ସମ୍ପ୍ରସାରଣ ଓ ଡାଉନ୍ ଉତ୍କଳ ଏକ୍ସପ୍ରେସ୍ ଜଳେଶ୍ୱରରେ ରହଣିଲାଗି ଶ୍ରୀ ମହାନ୍ତି ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ପ୍ରକାଶଯୋଗ୍ୟ ଜଳେଶ୍ୱରରୁ ହାଓ୍ୱଡା ଯାଉଥିବା ଟ୍ରେନ୍ ପାଇଁ ଏକ ଲୋଲେଭେଲ ପ୍ଲାଟଫର୍ମ ଲାଗି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବାରୁ ମେମୋଟ୍ରେନ୍‌ଟି ସେଠାରେ (ୱାର୍ଡ) ଅବସ୍ଥାପିତ ହେବାରେ ଅସୁବିଧା ହେବନାହିଁ ବୋଲି ସଦସ୍ୟମାନେ କହିଥିଲେ । ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ, ଜିତାରାମ ଦେ, ଡ. ଅଜିତ୍ ମହାନ୍ତି, ଶରତ ପରିଡା, ବନମାଳି ଧଳ, ସିଦ୍ଧେଶ୍ୱର ପଣ୍ଡା, ଆଦିତ୍ୟନାରାୟଣ ପାତ୍ର, ଅତ୍ୟନାରାୟଣ ଦାସ ଓ ଅବନୀ ଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ୫ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

ଗଞ୍ଜାମ, ୧୩/୦୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଏଲଗଲ ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ୫ କି.ମି. ରାସ୍ତା ଖଟିଆରେ ବୋହି ଚିକିତ୍ସା ନିମନ୍ତେ ପାତ୍ରପୁର ଡ଼ାକ୍ତରଖାନାକୁ ଅଣାଯାଇଛି । ଏହି ଗ୍ରାମକୁ ରାସ୍ତା ନଥିବାରୁ ଗର୍ଭବତୀଙ୍କୁ ଖଟିଆରେ ଆଣିବାକୁ ବାଧ ହୋଇଛନ୍ତି ପରିବାର ଲୋକେ । ଦୀର୍ଘ ଦିନ ଧରି ଅଂଚଳବାସୀ ଏ ଧରଣର ଅସୁବିଧାରେ ସମ୍ମୁଖୀନ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉନଥିବାରୁ ଜନସାଧାରଣଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି ।

## ଭିଜିଲାନ୍ସ ପଞ୍ଝାରେ କୋଟିପତି ପୋଲିସ କନେଷ୍ଟବଳ

### ଏକ କୋଟି ୨୭ଲକ୍ଷ ଟଙ୍କାର ସମ୍ପତ୍ତି ଠାବ



ବାରିପଦା, ୧୩/୦୧ (ନି.ପ୍ର): ଭିଜିଲାନ୍ସ ଜାଲରେ କୋଟିପତି ପୋଲିସ କନେଷ୍ଟବଳ ନିହାର ରଞ୍ଜନ ଦଣ୍ଡପାଟ । ସେ ବାରିପଦା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ତେବେ ଏକାସାଙ୍ଗେ ୭ଟି ସ୍ଥାନରେ ଚଢାଉ ହୋଇଥିବା ବେଳେ, ୯ ଡିଏସ୍ପି, ୫ ଇନ୍ସପେକ୍ଟରଙ୍କ ନେତୃତ୍ୱରେ, ଜଣେ ସବଇନ୍ସପେକ୍ଟର, ୫ ଏଏସଆଇ ଏବଂ ଅନ୍ୟ କର୍ମଚାରୀଙ୍କୁ ମିଶାଇ ମୋଟ ୩୫ ଜଣିଆ ଟିମ ଚଢାଉରେ ସାମିଲ ଥିଲେ । ମାନ୍ୟବର କୋର୍ଟର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ବରିପଦା ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟର ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସୂଚନାଯୋଗ୍ୟ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ କନେଷ୍ଟବଳ ନିହାର ରଞ୍ଜନ ଦଣ୍ଡପାଟଙ୍କ ବିଭିନ୍ନ ସ୍ଥାନରେ ଥିବା ବାସଭବନ, ବ୍ୟବସାୟ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଉଛି । ଏକାସାଙ୍ଗେ ରାଉରକେଲା ଛେଣ୍ଡ କଲୋନୀସ୍ଥିତ ଶ୍ୱଶୁର ଘର, ବାରିପଦା କ୍ୱାଟର, ଭଞ୍ଜପୁର ସ୍ଥିତ ନିଜ ଘର, ବଡସାହି ପୈତୃକ ଘର, ଅମ୍ବିକା ସାହି ସ୍ଥିତ ଦୋକାନ ଘର, ବଡସାହି ସ୍ଥିତ ଗ୍ୟାସ ଗୋଦାମରେ ଚଢାଉ ଜାରି ରହିଛି । ତେବେ ରେଡ଼ ଚାଲୁ ରହିଥିବା ବେଳେ ନିହାର ଭିଜିଲାନ୍ସ କବ୍ଜାରୁ ଫେରାର ହୋଇଯାଇଥିବା ଜଣାପଡିଛି । ଖବର ଲେଖାହେବା ପର୍ଯ୍ୟନ୍ତ ବ୍ୟବସାୟରେ ନିଜ ପତ୍ନୀ ପିଙ୍କି ଦଣ୍ଡପାଟଙ୍କ ନାମରେ ହୋତା ଏଣ୍ଟ୍ରାପ୍ରାଇଜେସ ଗ୍ୟାସ ରହିଥିବା ବେଳେ ପ୍ରକୃତରେ ନିଜେ ଶ୍ରୀ ଦଣ୍ଡପାଟ ଏହାକୁ ଚଲାଉଥିଲେ । ଏହା ସହିତ ସେହି ସ୍ଥାନରୁ ୩୫୦ଟି ଫୁଲ ଗ୍ୟାସ ସିଲିଣ୍ଡର, ୫୪୩ଟି ଖାଲି ସିଲିଣ୍ଡର, ବରିପଦା ଟାଉନରେ ଗୋଟିଏ ଟ୍ରିପଲ ମହଲା କୋଠା, ଭଞ୍ଜପୁରରେ ଗୋଟିଏ ପ୍ଲଟ ଏବଂ ବଡ଼ସାହିର ବେଲପାଲରେ ଘର, ୧୯ଟି ଯାନବାହନ, ତିନୋଟି ଟ୍ରକ, ୧୦ଟି ଟ୍ରଲି ଅଟ, ଦୁଇଟି ଚକିଆ ଯାନ (୧ଟି ଭୋଲ୍ସୱେଗେନ ଏବଂ ୧ଟି ଡଷ୍ଟର), ଚାରୋଟି ଦୁଇ ଚକିଆ ଯାନ, ସାଇବର ଆଉଟଲୁକ୍ କମ୍ପ୍ୟୁଟର ଆନୁଷଙ୍ଗିକ ସାମଗ୍ରୀର ଷ୍ଟକ୍ ୧୩ ଲକ୍ଷରୁ ଅଧିକ, ସୁନା ଏବଂ ରୂପା ଅଳଙ୍କାର ମୂଲ୍ୟ ୧୦ ଲକ୍ଷରୁ ଅଧିକ, ବ୍ୟାଙ୍କ ଆଣ୍ଡ ଇନସୁରାନ୍ସ ଜମା ଏବଂ ଅନ୍ୟାନ୍ୟ ଚଳନଶୀଳ ତଥା ଅସ୍ଥାବର ସମ୍ପତିର ମୂଲ୍ୟ ୧.୨୭ କୋଟିରୁ ଅଧିକ ମିଳିଥିବାର ଜଣାଯାଇଛି । ତେବେ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ।

## ରାଜ୍ୟ ସ୍ତରୀୟ ଫୁଟି ଟୁର୍ନାମେଣ୍ଟ ଅନୁଷ୍ଠିତ



ବାରିପଦା, ୧୩/୦୧ (ନି.ପ୍ର): ବାରିପଦା ଏଥେଲେଟିକ ଆସୋସିଏସନ ଷ୍ଟାଡ଼ିୟମରେ ଫୁଟି ଆସୋସିଏସନ ଅଫ ଓଡିଶା ତରଫରୁ ରାଜ୍ୟ ସ୍ତରୀୟ ଫୁଟି ଟୁର୍ନାମେଣ୍ଟ ଆୟୋଜିତ ହୋଇ ଯାଇଛି ।ଏହି ଟୁର୍ନାମେଣ୍ଟ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କ୍ରିକେଟର ସୁଶାନ୍ତ ପଟ୍ଟନାଏକ, ବିବେକାନନ୍ଦ ପଟ୍ଟନାଏକ, ଯୁବ ସମାଜସେବୀ ମହାବିଦ୍ୟାନନ୍ଦନ ଦାସ, ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା ଯୋଗଦାନ କରି ଖେଳାଳି ମାନଙ୍କୁ ଖେଳରେ ଭଲ ପ୍ରଦର୍ଶନ କରି ଆଗକୁ ଯିବା ପାଇଁ ପ୍ରୋତ୍ସାହନ ଦେଇଥିଲେ । ଓଡିଶାରୁ ୧୨ ଟି ଜିଲ୍ଲାରୁ ଖେଳାଳି ମାନେ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ପରବର୍ତ୍ତୀ କଲିକତା ଠାରେ ଜାତୀୟ ସ୍ତରୀୟ ଖେଳ ପାଇଁ ୧୨ ଜଣ ମନୋନୀତ ହୋଇଛନ୍ତି । ଫୁଟି ଆସୋସିଏସନ ଓଡିଶାର ସଭାପତି ରାମ ଚନ୍ଦ୍ର ମୁର୍ମୁ, ସମ୍ପାଦକ ଲାସା ମାର୍ଣ୍ଡି, ସଞ୍ଜୟ ମୁର୍ମୁ, ଲକ୍ଷ୍ମୀଧର ଟୁଡୁ, ଅନନ୍ତ ହେମ୍ବ୍ରମ, ଭୋଳା ସରଦାର, ଅଜୟ କିସ୍କୁ, ଗୌରାଙ୍ଗ ସୋରେନ, ଶିବ ମାର୍ଣ୍ଡି, ରାମ ସିଂ, ଶ୍ରୀକାନ୍ତ ସୋରେନ, ଖେଳ ସମ୍ପର୍ଣ୍ଣ କରିଥିଲେ । ଶେଷରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗିରିଶ ଚନ୍ଦ୍ର ଦାସ, ପ୍ରଦୀପ ମହାନ୍ତି, ମନୋଜ କୁମାର , ଅଭୟ କୁମାର ଦୁତ, ଜଗଦାନନ୍ଦ ପଟନାଏକ, ମୟୂରଭଞ୍ଜ ଏଥେଲେଟିକ ଏସୋସିଏସନ ର ସେକ୍ରେଟାରୀ ବିଜୟ ଦାସ , ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା, ରମେଶ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଫାଇନାଲ ମ୍ୟାଚ ମୟୁରଭଞ୍ଜ ଏବଂ ଖୋର୍ଦ୍ଧା ଟିମ ମଧରେ ଅନୁଷ୍ଠିତ ହୋଇଥିବା ବେଳେ, ମୟୁରଭଞ୍ଜ ଟିମ ଚମ୍ପିୟନ ଏବଂ ଖୋର୍ଦ୍ଧା ଟିମ ରନର୍ସଅପ ହୋଇଥିଲେ ।

## କର୍ତ୍ତବ୍ୟନିଷ୍ଠ ଓ ଆଦର୍ଶଗୁରୁଙ୍କ ପରଲୋକ

ଜଳେଶ୍ୱର, ୧୩/୧(ନିପ୍ର): ଜଳେଶ୍ୱର ବ୍ଲକର ଜଣେ ଅବସରପ୍ରାପ୍ତ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ତଥା ଆଦର୍ଶ ଗୁରୁଭାବେ ପରିଚିତ ସୃଷ୍ଟିଧର ଭଂଜ ଆଜି ୧୧ଟା ୧୯ରେ ୯୪ ବର୍ଷ ବୟସରେ ନିଜ ଗାଁ ନନ୍ଦିକାରେ ପରଲୋକ ଘଟିଛି । ସ୍ୱାଧିନତାର ସ୍ୱାଦ ଚାଖିଥିବା ଗୁରୁ ଶ୍ରୀ ଭଂଜ ୧୯୪୮ ମସିହାରେ ବିଜ୍ଞାପିତ ପରିଷଦର ଅଲାଲପୁର ପ୍ରଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ । ପରେ ଭୋଗରାଇର ବାଜିତ୍‌ପୁର, ଜଳେଶ୍ୱରର ମହୁଲିଆ, ଗୋବର୍ଦ୍ଧନପୁର ଠାରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକଭାବେ ସବୁଠି ସୁନାମ ବଜାଇ ରଖିଥିଲେ । ୧୯୮୯ ମସିହାରେ ଶିକ୍ଷକତାରୁ ଅବସର ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜଣେ ଶିକ୍ଷାବିତ୍, ଶିକ୍ଷକ, ସମାଜସେବି, ସଂଗଠକ, କର୍ତ୍ତବ୍ୟନିଷ୍ଠ ମଣିଷଭାବେ ସମୟ ଅତିବାହିତ କରିଛନ୍ତି । ଆଜି ତାଙ୍କର ମୃତ୍ୟୁବେଳେ ୪ ପୁଅ ଭାଗବତ, ଜଗନ୍ନାଥ, ରଘୁନାଥ, ଦିନନାଥ, ଝିଅ ଜ୍ୟୋସ୍ନା, ଗିତା, ସସ୍ମିତା, ସଂଧ୍ୟା, ପରିବାରବର୍ଗ ଉପସ୍ଥିତ ଥିଲେ । ବଡପୁଅ ଭାଗବତ ଗାଁ ଶ୍ମଶାସନରେ ମୁଖାଗ୍ନି ଦେଇଥିବା ବେଳେ ନନ୍ଦିକା ଗାଁର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ପ୍ରଦାନ କରିଥିଲେ ।

## କୋଭିଡ କଟକଣାରୁ ଫିକା ମକର ସଂକ୍ରାନ୍ତି

ବାଲେଶ୍ୱର,୧୩/୦୧ (ନି.ପ୍ର): ସାମ୍ପ୍ରତିକ ସ୍ଥିତରେ ବଢୁଥିବା ତୃତୀୟ ଲହର କରୋନା ସଂକ୍ରମଣ ସରକାରଙ୍କ ପକ୍ଷରୁ ଜାରି କୋଭିଡି କଟକଣା ଯୋଗୁଁ ଓଡ଼ିଶାର ଅନ୍ୟତମ ଗଣପର୍ବ ମକର ସଂକ୍ରାନ୍ତ ଚଳିତବର୍ଷ ଫିକା ପଡ଼ିବାକୁ ଯାଉଛି । କୃଷି ଭିତ୍ତିକ ଏହି ଗଣପର୍ବର ଗୁରୁତ୍ୱ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଅଧିକ ରହିଆସିଛି । ଏହି ପର୍ବକୁ ସବୁବର୍ଗର ଲୋକେ ବେଶ ହର୍ଷଉଲ୍ଲାସରେ ପ୍ରତିବର୍ଷ ପାଳନ କରିଥା'ନ୍ତି । ଏହି ଦିନରେ ଘରେ ଘରେ ପିଠାପଣା, ଫଳମୂଳର ସାଙ୍ଗକୁ ସୁସ୍ୱାଦୁ ଖାଦର ମଜା ନିଅନ୍ତି ସମସ୍ତେ । ବିଭିନ୍ନ ସ୍ଥାନରେ ୭ ଦିନରୁ ୧୫ ଦିନ ପର୍ଯ୍ୟନ୍ତ ମକର ମେଳା ବି ବସିଥାଏ । ମେଳାରେ ଦୋକାନବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ମନୋରଂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ମାତ୍ର ମହାମାରୀ କରୋନା ପାଇଁ ସବୁକିଛି ଫିକା ପଡ଼ିଯାଇଛି । ଜୀବନର ମୂଲ୍ୟକୁ ଦୃଷ୍ଟିରେ ରଖି ସମସ୍ତେ ସଚେତନ ହୋଇଛନ୍ତି । ଏଥି ସହିତ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନ (ଏସଆରସି)ଙ୍କ ମାର୍ଗଦର୍ଶିକା ଅନୁସରଣ ପୂର୍ବକ ସବୁଠି ଘରେ ଘରେ କେବଳ ବିଧିରକ୍ଷାରେ ଏହି ପର୍ବକୁ ପାଳନ କରିବାକୁ ଯାଉଥିବା ଲୋକେ ପ୍ରକାଶ କରିଛନ୍ତି । ଖାସ ସେଇଥି ପାଇଁ ପ୍ରତିବର୍ଷ ସଂକ୍ରାନ୍ତି ଆଗଦିନ ବାଲେଶ୍ୱର ସହରରେ ମକର ମାର୍କେଟିଂର ମାହଲ ଦେଖିବାକୁ ମିଳିନାହିଁ । ଆଗଭଳି ମିଠା ଦୋକାନ କିମ୍ବା ଫଳମୂଳ ଦୋକାନରେ ଲୋକଙ୍କର ଭିଡ଼ ବି-ଦେଖାଯାଇ ନାହିଁ । ପରିବାର ସହ ମକର ସଂକ୍ରାନ୍ତି ପାଳନ ପାଇଁ ଲୋକେ ବଜାରରୁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରୁଥିବା ଲକ୍ଷ୍ୟ କରାଯାଇଛି । ଏ ସ୍ଥିତି ରହିବ ନାହିଁ, ପୁଣି ସଂକ୍ରାନ୍ତି ଆସିବ ଓ ଲୋକେ ଏହାର ମଜା ଉଠାଇବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

## ପ୍ରାର୍ଥୀ ଚୟନକୁ ନେଇ ବାଲିଆପାଳ ପଂଚାୟତରେ ବିଜେଡିର ଦୁଇ ଗୋଷ୍ଠୀ ମୁହାଁ ମୁହିଁ

ବାଲିଆପାଳ, ୧୩/୦୧ (ନି.ପ୍ର): ପ୍ରାର୍ଥୀ ଚୟନକୁ ବାଲିଆପାଳ ପଂଚାୟତର ବିଜେଡିର ଦୁଇ ଗୋଷ୍ଠୀ ଆଜି ମୁହାଁ ମୁହିଁ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ଚୟନ କରିବା ପାଇଁ ଆଜି ବରିଷ୍ଠ ବିଜେଡି ନେତା ଭଗବାନ ଗିରିଙ୍କ ନେତୃତ୍ୱରେ ବ୍ଲକ କମିଟି ଉପସ୍ଥିତିରେ ପାରୁଳିଆ ଛକ ସ୍ଥିତ ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପରେ କର୍ମୀ ମାନଙ୍କ ଉପସ୍ଥିତିରେ କମିଟିର ବୈଠକ ଆରମ୍ଭ ହୋଇଥିଲା । ବୈଠକରେ ୨୦୦ରୁ ଅଧିକ କର୍ମୀ ଯୋଗ ଦେଇଥିଲେ । ତେବେ ବୈଠକରେ ୧୩ଟି ଓ୍ୱାର୍ଡରୁ ମୋଟ ୬୫ ଜଣ ଲୋକଙ୍କୁ ଡାକିବାକୁ କୁହାଯାଇଥିବା ବେଳେ ଏତେ ସଂଖ୍ୟକ ଲୋକଙ୍କୁ ଡକାଯିବାକୁ ନେ ପଂଚାୟତର ବିଜେଡି ସଭାପତି ରଘୁନାଥ ଜେନାଙ୍କ ଗୋଷ୍ଠୀ ଏବଂ ଗତ ୨୦୧୭ରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ହେମନ୍ତ ଦାସଙ୍କ ଗୋଷ୍ଠୀ ମଧ୍ୟରେ କଥା କଟା କଟି ଏବଂ ଧସ୍ତା ଧସ୍ତି ଆରମ୍ଭ ହୋଇଥିଲା । କିଏ କଣ କହୁଥିଲେ କାହାରିକୁ କିଛି ଶୁଣା ଯାଇନଥିଲା । ଆସିଥିବା କର୍ମୀ ଧାଁ ଧଉଡ କରି ଭୟରେ ପଳାୟନ କରିଥିଲେ । ଫଳରେ ବ୍ଲକ କମିଟିର ବୈଠକ ଭଣ୍ଡୁର ହୋଇଥିବା ଜଣାଯାଇଛି ।

## ଅଲାମଚଣ୍ଡୀ ମନ୍ଦିରରୁ ଆସିଲା ମକର ତାଡ଼

ପୁରୀ,୧୩/୦୧ (ନି.ପ୍ର): ଆସନ୍ତାକାଲି ପବିତ୍ର ମକରସଂକ୍ରାନ୍ତି । ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ମକର ଚାଉଳ ଲାଗି କରାଯିବ । ଆଜି କୁମ୍ଭାର ଓ ବିଶୋଇ ସେବକମାନଙ୍କ ଦ୍ୱାରା ନିର୍ମିତ ୫ଟି ତାଡ ଅଲାମଚଣ୍ଡୀ ମନ୍ଦିରରେ ରଖାଯାଇଥିଲା । ୫ଜଣ କୁମ୍ଭାର ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ଅଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ତାଡ ଆଣିଥିଲେ । ଉଲ୍ଲେଖଯୋଗ୍ୟଯେ, ପରମ୍ପରା ଅନୁଯାୟୀ ମକର ଚାଉଳ ତିନ୍ତାଇବା ଲାଗି ଅଲାମଚଣ୍ଡୀ ମନ୍ଦିରରୁ ମକର ତାଡ ଅଣାଯାଇଥାଏ ।

## ସ୍ୱର୍ଗତଃ ରାଧାମାଧବ ଗିରିଙ୍କ ଭଳି ବ୍ୟକ୍ତିତ୍ୱର ପଟାନ୍ତର ନାହିଁ

### ପଲ୍ଲୀ କବି ରାଧାମାଧବ ଗିରିଙ୍କ ୧୨୪ତମ ଜନ୍ମଜୟନ୍ତୀ ପାଳିତ



ବାଲିଆପାଳ, ୧୩/୦୧ (ନି.ପ୍ର): ଉ ର ବାଲେଶ୍ୱର ଅ ଳର ଶିକ୍ଷାର ପ୍ରସାର,ସାରସ୍ୱତ ସାଧନା,ସାହିତ୍ୟ ସଙ୍ଗଠନ,ସାହିତ୍ୟ ପ୍ରକାଶନ ସାଙ୍ଗକୁ ଜଣେ ସଂଗ୍ରାମୀ,ସମାଜ ସଂସ୍କାରକ,ସୁ ସଂଗଠକ,ସ୍ରଷ୍ଟା ଓଭବିଷ୍ୟତ ପ୍ରବକ୍ତା ରୂପେ ପଲ୍ଲୀକବି ସ୍ୱର୍ଗତଃ ରାଧାମାଧବ ଗିରି ସମସ୍ତଙ୍କର ଥିଲେ ଶ୍ରଦ୍ଧାଶୀଳ ।କୌଣସି ଅନୁଷ୍ଠାନିକ ଶିକ୍ଷା ଗ୍ରହଣ କରିନଥିଲେ ମଧ ଓଡିଆ ,ବଙ୍ଗଳା, ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ଗଭୀର ଜ୍ଞାନ ଆରୋହଣ କରିବା ସହ ବଙ୍ଗଳା ଓ ଓଡିଆ ଭାଷାରେ ଅନେକ ପୁସ୍ତକ ରଚନା କରି ସେ ଘରେ ଘରେ ପରିଚିତ ଥିଲେ ।ସୁନାରୁଇ ପ୍ରାଥମିକ ବିଦ୍ୟାଳୟ ଭଳି ବହୁ ଅନୁଷ୍ଠାନ ଗଢିବାରେ ସେ ଥିଲେ କର୍ଣ୍ଣଧାର । ସ୍ୱର୍ଗତଃ ଗିରିଙ୍କ ଭଳି ବ୍ୟକ୍ତିତ୍ୱର ପଟାନ୍ତର ନାହିଁ ।ସ ତାଙ୍କର ସ୍ମୃତି ରକ୍ଷା ପାଇଁ ସରକାରୀ ସ୍ତରରେ ପଦ କ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱର୍ଗତଃ ଗିରିଙ୍କ ୧୨୪ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଯୋଗଦେଇ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା ମତବ୍ୟକ୍ତ କରିଛନ୍ତି ।ସ୍ୱର୍ଗତଃ ଗିରିଙ୍କ ଜନ୍ମ ମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳ ସୁନାରୁଇ ସ୍କୁଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନ ଅଧକ୍ଷତା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଦାସ,ପୂରାତନ ଛାତ୍ର ସଂସଦର ହରିହର ପଣ୍ଡା, ରାଧାଗୋବିନ୍ଦ ଦାସ, ବାସୁଦେବ ପିଲା, ସନ୍ତୋଷ ଗିରି, ବାସୁଦେବ ନାୟକ, ପ୍ରଶାନ୍ତ ରାଉତ ସମେତ ବିଦ୍ୟାଳୟ ବହୁ ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମଟି ସଦସ୍ୟ, ସଦସ୍ୟା, ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷକ ଶକ୍ଷୟତ୍ରୀ ଉପସ୍ଥିତ ରହି ସ୍ୱର୍ଗତଃ ଗିରିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ ।

## ଫକୀରମୋହନଙ୍କ ଜୟନ୍ତୀ ଓ ପରିଷଦର ୭୫ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ




ବାଲେଶ୍ୱର, ୧୩/୦୧ (ନି.ପ୍ର): ବ୍ୟାସକବିଙ୍କ ୧୮୦ତମ ଜୟନ୍ତୀ ଓ ଫକୀରମୋହନ ସାହିତ୍ୟ ପରିଷଦର ୭୫ତମ ବାର୍ଷିକ ଉତ୍ସବ (ରତ୍ନୋତ୍ସବ) ଶାନ୍ତିକାନନଠାରେ ଉଦ୍‌ଘାଟିତ ହୋଇଯାଇଛି । କୋଭିଡ କଟକଣା ମାନି ପାଞ୍ଚଦିନିଆ କାର୍ଯ୍ୟକ୍ରମର ଏହି ପ୍ରଥମ ଦିବସରେ ଆୟୋଜିତ ସଭାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ । ଫକୀରମୋହନ ପରିଣତ ବୟସରେ ନୁହେଁ, ବରଂ ଜୀବନର ଆଦ୍ୟକାଳରୁ ସାରସ୍ୱତ ସାଧନା କ୍ଷେତ୍ରରେ ପାଦ ଥାପିଥିଲେ ବୋଲି ସେ ମତପ୍ରକାଶ କରିଥିଲେ । ବର୍ଷିୟାନ ସମାଜସେବୀ ଧୀରେନ୍ଦ୍ର ନାରାୟଣ ଦାସ ପରିଷଦର ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରି ସାହିତ୍ୟ ଓ ସମାଜ ମଧ୍ୟରେ ନିବିଡ଼ ସଂପର୍କ ଚିରକାଳ ରହିଆସିଛି ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି କହିଲେ, ଫକୀରମୋହନଙ୍କ କାଳୋତ୍ତୀର୍ଣ୍ଣ ସାହିତ୍ୟ ସମକାଳୀନ କୌଣସି ଭାରତୀୟ ସାହିତ୍ୟ ସହ ତୁଳନୀୟ ନୁହେଁ । ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ସାରସ୍ୱତ ସାଧକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଥିଲେ ଯେ ଫକୀରମୋହନ ତାଙ୍କର ବିପୁଳ ଅନୁଭୂତି, ଅଭିଜ୍ଞତା, ଅନୁଧ୍ୟାନ ଓ ଅଧ୍ୟୟନ ଜରିଆରେ ଶିକ୍ଷା, ଗ୍ରାମୀଣ ଚେତନା ଓ ମୂଲ୍ୟବୋଧର ପ୍ରତିଷ୍ଠା କରିଛନ୍ତି । ଦେଶଜ ଭାଷାର ବହୁଳ ପ୍ରୟୋଗ ଯୋଗୁଁ ତାଙ୍କ ସାହିତ୍ୟ କାଳୋତ୍ତୀର୍ଣ୍ଣ ହୋଇପାରିଛି । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭରତଚନ୍ଦ୍ର ଦାଶ ଓ ବରିଷ୍ଠ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଫକୀରମୋହନଙ୍କ ଅନତିକ୍ରମଣୀୟ ବ୍ୟକ୍ତିତ୍ୱ ଓ ସାରସ୍ୱତ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ପରିଷଦର ସଂପାଦକ ଦୀପକ ବୋଷ ପ୍ରାଗ୍‌ଭାଷ ରଖିଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ । ଅଧ୍ୟାପକ ସୁକାନ୍ତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ଣରେ ଗାଳ୍ପିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ 'ଫକୀରମୋହନ ଓ ସାଂପ୍ରତିକ ଗଳ୍ପ' ଶୀର୍ଷକ ଆଲୋଚନା ସଭାରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ ଗଙ୍ଗାଧର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ ଫକୀରମୋହନଙ୍କ କଥାସାହିତ୍ୟ ବିଭିନ୍ନ ଭାଷାରେ ଅନୁଦିତ ହୋଇ ଏବେ ବି ବିଶ୍ୱ ଦରବାରରେ ଚର୍ଚ୍ଚାର ପରିସରରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ଅଧିବେଶନରେ କୋଷାଧ୍ୟକ୍ଷ ତପନ ରାୟ ମଞ୍ଚ ଆବାହନ କରିଥିବାବେଳେ ଗାଳ୍ପିକା ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୩ରୁ ତିନି ଦିନିଆ ପଲସ ପୋଲିଓ ଅଭିଯାନ

ବାଲେଶ୍ୱର,୧୩/୦୧ (ନି.ପ୍ର): ପଲସ ପୋଲିଓ ଏବଂ କୋଭିଡ-୧୯ ଟିକାକରଣ ସମ୍ପର୍କିତ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟିର ଏକ ବୈଠକ ଜିଲାମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଲସ ପୋଲିଓ ଏବଂ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏସଏମଓ ଡା. ଅର୍ଚ୍ଚନା ଗାଏନ, ଏଡିପିଏଚଓ ଡା. ଶଶାଙ୍କ ଶେଖର ଚୌଧୁରୀ ପ୍ରମୁଖ ଏଥିରେ ଯୋଗଦେଇ ଜିଲାର ସ୍ୱାସ୍ଥ୍ୟସେବା ସାଙ୍ଗକୁ ସାମ୍ପ୍ରତିକ କୋଭିଡ ପରିଚାଳନା ଓ ଟିକାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସମ୍ମିଳନୀ କକ୍ଷରେ ଉପସ୍ଥିତ ଅଧିକାରୀମାନେ ଏଥିରେ ଆଭାସୀ(ଭର୍ଚୁଆଲ)ରେ ଯୋଗ ଦେଇଥିଲେ । ଆସନ୍ତା ଜାନୁଆରୀ ୨୩, ୨୪ ଓ ୨୫ ତାରିଖରେ ହେବାକୁ ଥିବା ପଲସ ପୋଲିଓ ଅଭିଯାନକୁ ସଫଳ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ସମଗ୍ର ଜିଲାରେ ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ(୦ରୁ ୫ବର୍ଷ) ପୋଲିଓ ବୁନ୍ଦା ଖୁଆଇବା ପାଇଁ ଏଥର ଲକ୍ଷ୍ୟ ରଖାଯାଇଛି । ଏନେଇ ୧୦୬୩ଟି ବୁଥ ସ୍ଥାପନ ସହ ୪୨୫୨ଜଣ ସ୍ୱାସ୍ଥ୍ୟକର୍ମୀ (ଏଏନଏମ, ଅଙ୍ଗନୱାଡି ଓ ଆଶାକର୍ମୀ) ଏବଂ ୨୦୯ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ପଲସ ପୋଲିଓ ଅଭିଯାନରେ ନିୟୋଜିତ ହେବାକୁ ଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଓ ଅଧିକାରୀମାନେ କୋଭିଡ୍-୧୯ବୁଷ୍ଟର ଡୋଜ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲ୍ଲାରେ କୋଭିଡ୍-୧୯ ଟିକାକରଣ ସ୍ଥିତି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ଅଭିଯାନରେ ଘରକୁ ଘର ଯାଇ କୋଭିଡ୍ ଟିକା ପ୍ରଦାନ ପାଇଁ ସେ କହିଥିଲେ । ଡିପିଏମ ଅନୀଲ ମହାନ୍ତି, ଡିଏମଆରସିଏଚ ଏଲିନା ସାମଲ, ଜିଲା ଡାଟା ମ୍ୟାନେଜର ହରେକୃଷ୍ଣ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo